

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୩ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 JULY 2020

Vol.No. 30 ■ No. 184 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College



Dibyasingpur, Udala,

Dist: Mayurbhanj



2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## କରୋନା ପାଇଁ କମିବ ସିଲାବସ୍

ଭୁବନେଶ୍ୱର,୨୨।୭ (ନି.ପ୍ର): କରୋନା ପାଇଁ ଚଳିତ ବର୍ଷ ଓଡ଼ିଆ ମାଧ୍ୟମ ସ୍କୁଲ୍‌ରେ ପାଠ୍ୟଖସଡ଼ା କମାଯିବ। ସିଲାବସ୍ କମ୍ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମତି ମିଳିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ପିଲାମାନଙ୍କୁ କେତେ ପାଠ ପଢ଼ିବାକୁ ହେବ ସେ ନେଇ ଏକ୍ସପର୍ଟ କମିଟି ନିଷ୍ପତି ନେବ। ସେହିପରି ଯୁକ୍ତ ଦୁଇ ସିଲାବସ୍ ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଏକ୍ସପର୍ଟ କମିଟି ନିଷ୍ପତି ନେବ। ଶିକ୍ଷାନୁଷ୍ଠାନ ଖୋଲିବା ପରେ କେତେ ଦିନ ଶିକ୍ଷା ବର୍ଷ ବାକି ଅଛି ତାହାରି ଆଧାରରେ ଏକ୍ସପର୍ଟ କମିଟି ନିଷ୍ପତି ନେବ। ତେବେ କେତେ ପ୍ରତିଶତ ସିଲାବସ୍ କମିବ ସେ ନେଇ ନିଷ୍ପତି ହୋଇନାହିଁ। ନିଷ୍ପତି ପରେ ସୂଚୀତ କରାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଦାଶଙ୍କ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସିବିଏସଇ ଛାତ୍ରଛାତ୍ରୀଙ୍କର ୩୦ ପ୍ରତିଶତ ସିଲାବସ୍ ହ୍ରାସ କରାଯିବା ନେଇ କିଛି ଦିନ ପୂର୍ବେ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ରମେଶ ପୋଖରିଓ୍ୱାଲ ସୂଚନା ଦେଇଥିଲେ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୯୨୭୭ କରୋନା ପରୀକ୍ଷଣ

ଭୁବନେଶ୍ୱର,୨୨।୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୯୨୭୭ କରୋନା ପରୀକ୍ଷଣ ହୋଇଛି। ଆଜି ସୁଦ୍ଧା ରାଜ୍ୟରେ ମୋଟ ୪୧୦୯୨୧ କରୋନା ପରୀକ୍ଷଣ କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।

### ରାଜ୍ୟ ମନ୍ତ୍ରିପରିଷଦର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ସ୍ୱାସ୍ଥ୍ୟ, ଶିକ୍ଷା ଓ ଚାଲୁ ରହିଥିବା ପ୍ରକଳ୍ପ ଜାରୀ ରହିବ




ଭୁବନେଶ୍ୱର,୨୨।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରି ପରିଷଦର ବୈଠକ ଅନୁଷ୍ଠିତ ହୋଇ ଯାଇଛି । କୋବିଡ ଲଢେଇରେ ଶହୀଦ ହୋଇଥିବା ୮ ଜଣ କରୋନା ଯୋଦ୍ଧାଙ୍କର ଅମର ଆତ୍ମାର ସଦଗତି ପାଇଁ ବୈଠକରେ ଏକ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା । ଶହୀଦ ହୋଇଥିବା କର୍ମଚାରୀ ମାନେ ଅବସର ନେବା ଯାଏ ଯେମିତି ଦରମା ପାଇଥାନ୍ତେ ସେହି ହାରରେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ନିମନ୍ତେ ବୈଠକରେ ନୀତି ଗତ ନିଷ୍ପତି ହୋଇଥିଲା । ବୈଠକରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ବିଷୟରେ ଜନ ସାଧାରଣଙ୍କୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି ଯେ ରାଜ୍ୟରେ କୋବିଡ ଲଢେଇ ଓ ପରିଚାଳନା ବିଷୟରେ ମନ୍ତ୍ରିପରିଷଦ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ଏଥି ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଂଠି, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଂଠି. ପଂଚାୟତରାଜ ବିଭାଗର ଅର୍ଥ କମିଶନ ପାଂଠି. ବିଧାୟକଙ୍କ ସ୍ଥାନୀୟ ବିକାଶ ପାଂଠିରୁ ବିନିଯୋଗ ହୋଇଥିବା ଅର୍ଥ ବିଷୟ ବୈଠକରେ ଆଲୋଚନା ହେଇଥିଲା । କୋବିଡ ପ୍ରଭାବିତ ସାଂପ୍ରତିକ ଆର୍ଥିକ ପରିସ୍ଥିତିକୁ ଆଲୋଚନା କରି ମନ୍ତ୍ରିମଣ୍ଡଳରେ ନିଷ୍ପତି କରିଛନ୍ତି ଯେ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଅବ୍ୟାହତ ରଖିବାକୁ ଆବଶ୍ୟକୀୟ ଅର୍ଥ ବରାଦ କରା ଯିବ । ସମସ୍ତ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ବଜାୟ ରହିବ । ଶିକ୍ଷା କ୍ଷେତ୍ରରେ ଥିବା ଯୋଜନା ଚାଲୁ ରହିବ । ଜୀବିକା ନିର୍ବାହ ଉପାୟ ବୃଦ୍ଧି ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆ ଯିବ । ଚାଲୁ ରହିଥିବା କାମ ଓ ପ୍ରକଳ୍ପ ବନ୍ଦ ହେବ ନାହିଁ । ଅଣ ଅଗ୍ରାଧିକାର କ୍ଷେତ୍ରରେ ପୁଂଜି ବିନିଯୋଗ ଉପରେ କଟକଣା ରହିବ । ସବୁ ଦିଗରୁ ବିଚାର ବିମର୍ଶ କରି କମ ସୁଧହାରରେ ମିଳୁଥିବା ପାଂଠିରୁ ଯଥାଚିତ ଋଣ କରା ଯିବ । ବର୍ତମାନ ସୁଦ୍ଧା ରାଜ୍ୟର ବାର୍ଷିକ ଋଣ ଏଫଆରବିଏମ ଆଇନ ଦ୍ୱାରା ନିର୍ଧାରିତ ସୀମା ମଧ୍ୟରେ ଅଛି । ଅନଲାଇନରେ ସେବା ପ୍ରଦାନ ଏବଂ ଡିଜିଟାଲ ମୋଡରେ ସରକାରୀ କାମକୁ ସମ୍ପାଦନକୁ ଅଧିକ ତ୍ୱରାନ୍ୱିତ କରା ଯିବ ।

## ଶପଥ ନେଲେ ଓଡିଶାର୍ ୪ ସାଂସଦ



ଭୁବନେଶ୍ୱର,୨୨।୭ (ନି.ପ୍ର): ଓଡିଶାରୁ ୪ ରାଜ୍ୟସଭା ସଦସ୍ୟ ବୁଧବାର ଶପଥ ଗ୍ରହଣ କରିଛନ୍ତି। ଓଡିଶାର ସାଂସଦ ମୁନ୍ନା ଖାଁ, ସୁଜିତ୍ କୁମାର, ସୁବାଷ ସିଂହ ଓ ମମତା ମହାନ୍ତ ରାଜ୍ୟସଭାରେ ଶପଥ ନେଇଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଏମ୍. ଭେଙ୍କିୟା ନାଇଡୁ ଓଡିଶା ସମେତ ବିଭିନ୍ନ ରାଜ୍ୟର ନବ ନିର୍ବାଚିତ ସାଂସଦମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ମାର୍ଚ୍ଚ ମାସ ୧୮ ତାରିଖରେ ବିଜେଡିର ୪ ପ୍ରାର୍ଥୀ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ତେବେ କୋଭିଡ୍ କଟକଣା ଯୋଗୁଁ ସେମାନେ ଦିଲ୍ଲୀ ଯାଇ ଶପଥ ଗ୍ରହଣ କରିପାରିନଥିଲେ।

## ସୁସ୍ଥ ହେଲେ ଆଉ ୪୪୦ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୨।୭ (ନି.ପ୍ର): ରାଜ୍ୟର ୨୧ଟି ଜିଲ୍ଲାର ୪୪୦ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ନୂତନ ସୁସ୍ଥ ବ୍ୟକ୍ତିଙ୍କୁ ମିଶାଇ ଏବେ ରାଜ୍ୟରେ ମୋଟ ୧୩୭୪୯ଜଣ ସୁସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୁସ୍ଥ ୪୪୦ ମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୮୩ଜଣ, ▶▶ପୃଷ୍ଠା ୭

## ବିଜେପି ସାଂଗଠନିକ ଜିଲ୍ଲା ପ୍ରଭାରୀଙ୍କ ନାମ ଘୋଷଣା

ଭୁବନେଶ୍ୱର,୨୨।୭ (ନି.ପ୍ର): ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ୩୬ଟି ସାଂଗଠନିକ ଜିଲ୍ଲାର ପ୍ରଭାରୀଙ୍କ ନାମ ଘୋଷଣା କରାଯାଇଛି । ବିଜେପି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି । ଅନୁଗୋଳ ଜିଲ୍ଲା ପାଇଁ ସୀମାଂଚଳ ଖଟେଇ, ବାଲେଶ୍ୱର ଜିଲ୍ଲାପାଇଁ ଗୋଲକ ପ୍ରସାଦ ମହାପାତ୍ର, ବରଗଡ଼ ଜିଲ୍ଲାପାଇଁ ନାଉରୀ ନାଏକ, ବାରିପଦା ପାଇଁ ବିଷ୍ଣୁ ସେଠୀ, ବଲାଙ୍ଗୀର ଜିଲ୍ଲା ପାଇଁ ସୁରେଶ୍ୱର ଶତପଥି, ଭଦ୍ରକ ଜିଲ୍ଲା ପାଇଁ କାଳନ୍ଦୀ ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି । ଅନୁରୂପ ଭାବେ ଭୁବନେଶ୍ୱର ପାଇଁ ଭୁବନ ମୋହନ ଜେନା, ବୌଦ୍ଧ ଜିଲ୍ଲା ପାଇଁ ରାମ ଚନ୍ଦ୍ର ମେହେର, ବଣାଇ ପାଇଁ ବଟ କିଶୋର ମିଶ୍ର, କଟକ ସହର ପାଇଁ ପୃଥ୍ୱୀରାଜ ହରିଚନ୍ଦନ, କଟକ ସଦର ପାଇଁ ଅମର ନାଏକ, ଦେଓଗଡ଼ ପାଇଁ ଧୀରେନ ସେନାପତିଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଢେଙ୍କାନାଳ ଜିଲ୍ଲା ପାଇଁ ପ୍ରଭାତି ପରିଡ଼ା, ଗଜପତି ଜିଲ୍ଲା ପାଇଁ ସରୋଜ ସାବତ, ଘୁମୁସର (ଗଂଜାମ) ପାଇଁ ସୁରଥ ବିଶ୍ୱାଳ, ଯାଜପୁର ପାଇଁ ସାରଦା ପ୍ରସାଦ ଶତପଥି, ଜଗତସିଂହପୁର ଜିଲ୍ଲା ପାଇଁ ସାରଦା ପ୍ରଧାନ, ଝାରସୁଗୁଡ଼ା ପାଇଁ ଶଙ୍କର ଓରାମଙ୍କ ନାମ ଘୋଷଣାକରାଯାଇଛି। ସେହିପରି କଳାହାଣ୍ଡି ଜିଲ୍ଲା ପାଇଁ ରମେଶ ସାହୁ, କନ୍ଧମାଳ ଜିଲ୍ଲା ପାଇଁ ବିରଂଚି ନାରାୟଣ ତ୍ରିପାଠୀ, କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଯତୀନ ମହାନ୍ତି, କେନ୍ଦୁଝର ଜିଲ୍ଲା ପାଇଁ ନବୀନ ରାମ, କୋରାପୁଟ ଜିଲ୍ଲା ପାଇଁ ବଳଭଦ୍ର ମାଝୀ, ଖୋର୍ଦ୍ଧା ଜିଲ୍ଲା ପାଇଁ ଭୃଗୁ ବକ୍ସିପାତ୍ର, ମାଲକାନଗିରି ଜିଲ୍ଲା ପାଇଁ କାଳୀରାମ ମାଝୀ, ନୟାଗଡ଼ ଜିଲ୍ଲା ପାଇଁ ନିରଞ୍ଜନ ମିଶ୍ର, ନବରଙ୍ଗପୁର ଜିଲ୍ଲାପାଇଁ ମୁକେଶ ମହାଲିଙ୍ଗ୍ ଙ୍କ ନାମ ଘୋଷଣା କରାଯାଇଛି । ସେହିପରି ନୂଆପଡ଼ା ଜିଲ୍ଲା ପାଇଁ ଆର୍ତ୍ତତ୍ରାଣ ମହାପାତ୍ର, ପାନପୋଷ ପାଇଁ ରବି ନାରାୟଣ ନାଏକ, ପୁରୀ ଜିଲ୍ଲା ପାଇଁ ଲେଖାଶ୍ରୀ ସାମନ୍ତସିଂହାର, ରାଇରଙ୍ଗପୁର ପାଇଁ ମୋହନ ମାଝୀ, ରାୟଗଡ଼ା ଜିଲ୍ଲା ପାଇଁ ଗୋବିନ୍ଦ ଜୈନ, ସମ୍ବଲପୁର ଜିଲ୍ଲାପାଇଁ ଟଙ୍କଧର ତ୍ରିପାଠୀ ଏବଂ ସୁନ୍ଦରଗଡ଼ ଜିଲ୍ଲାପାଇଁ ମୁରଲି କ୍ରିଷ୍ଣାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ଭବେନ୍ଦ୍ର ପଣ୍ଡାଙ୍କୁ ଜିଲ୍ଲା ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି ।

## ରାଜ୍ୟରେ ଗୋଟିଏ ଦିନରେ ଆଉ ୧୦୭୮ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୧୯୮୩୫କୁ ବୃଦ୍ଧି





ଭୁବନେଶ୍ୱର,୨୨।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୧୦୭୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୧୯୮୩୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୧୦୭୮ ଜଣଙ୍କ ମଧ୍ୟରୁ ୭୨୧ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୩୫୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ▶▶ପୃଷ୍ଠା ୭

## ଆଉ ପାଂଚ ଜୀବନ ନେଲା କରୋନା: ମୃତ୍ୟୁ ସଂଖ୍ୟା ୧୦୮ ହେଲା

ଭୁବନେଶ୍ୱର,୨୨।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ତିନି ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ଗଜପତି ଓ କନ୍ଧମାଳ ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ମହିଳା ରହିଥିବା ଜଣା ପଡିଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଗଜପତି ଜିଲ୍ଲାର ୭୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ, ହାଇପରଟେନସନ ରୋଗରେ ପୀଡିତ ଥିଲେ । ସେହିପରି ▶▶ପୃଷ୍ଠା ୭

## ରାଉରକେଲା ଆଇଜିଏଚ୍‌ରେ ଖୋଲିବ ପ୍ଲାଜମା ବ୍ୟାଙ୍କ୍



ଭୁବନେଶ୍ୱର,୨୨।୭ (ନି.ପ୍ର): ରାଉରକେଲାର ଆଇଜିଏଚ୍ ରେ ଖୋଲିବ ପ୍ଲାଜମା ବ୍ୟାଙ୍କ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ଏହି ଘୋଷଣା କରିଛନ୍ତି। ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରେ ଚିକିତ୍ସିତ ଗୁରୁତର ରୋଗୀ ମାନଙ୍କୁ ରାଉରକେଲାର ଆଇଜିଏଚ୍ ହସ୍‌ପିଟାଲରୁ ପ୍ଲାଜମା ଥେରାପି ଯୋଗାଇ ଦିଆଯିବ। ଏଥିସହିତ ରାଉରକେଲାର କୋଭିଡ କେୟାର ସେଂଟର ଗୁଡିକର ଶଯ୍ୟା ସଂଖ୍ୟା ୭୦୦ରୁ ୧୭୦୦କୁ ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସୁନ୍ଦରଗଡ ଓ ଯାଜପୁର ଜିଲ୍ଲାର କୋଭିଡ ପରିଚାଳନା ବ୍ୟବସ୍ଥା ସମୀକ୍ଷା କରି କୋଭିଡ ଯୁଦ୍ଧ ରଣନୀତିକୁ ସୁଦୃଢ କରିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ ଜିଲ୍ଲାରେ କୋଭିଡ ଯୋଦ୍ଧା ମାନଙ୍କର ନିରନ୍ତର ଉଦ୍ୟମ ଓ ସେବା ପାଇଁ ଜିଲ୍ଲାରେ ଆରୋଗ୍ୟ ହାର ୮୫ ପ୍ରତିଶତରେ ପହଂଚିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲାରେ କୋଭିଡ ପରିଚାଳନା ପାଇଁ ବର୍ତମାନ ସୁଦ୍ଧା ଡିଏମଏଫ୍ ରୁ ସୁନ୍ଦରଗଡରେ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ କୋଭିଡ ହସ୍‌ପିଟାଲ ଓ କୋଭିଡ କେୟାର ସେଂଟର ଗୁଡିକର ଭିତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ୫ କୋଟି ଟଙ୍କା ମଞ୍ଜୁର କରାଯିବା ବିଷୟ ▶▶ପୃଷ୍ଠା ୭


- ସୁନ୍ଦରଗଡ ଓ ଯାଜପୁର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ କୋଟି ଟଙ୍କା ଲେଖାଏଁ ମଂଜୁର
- ରାଉରକେଲାରେ କୋଭିଡ କେୟାର ସେଂଟର ଶଯ୍ୟା ସଂଖ୍ୟା ୧୭୦୦କୁ ବଢ଼ିବ

## ଗାଁର ନାଁ ରଙ୍ଗବତୀ ବିଲୁଙ୍ଗ କରାଯିବା ସଙ୍ଗୀତ ଏବଂ ଗୀତିକାରଙ୍କୁ ଉପଯୁକ୍ତ ସମ୍ମାନ: ଧର୍ମେନ୍ଦ୍ର



ଭୁବନେଶ୍ୱର,୨୨।୭ (ନି.ପ୍ର): ରଙ୍ଗବତୀ ଗୀତର ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଗାଁ ବିଲୁଙ୍ଗକୁ 'ରଙ୍ଗବତୀ ବିଲୁଙ୍ଗ' ନାଁରେ ନାମିତ କରାଯିବା ଏହି ସଙ୍ଗୀତ ଏବଂ ଗୀତିକାରଙ୍କୁ ଉପଯୁକ୍ତ ସମ୍ମାନ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଉଦ୍ୟମ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଲୋକଗୀତ ରଙ୍ଗବତୀ ଓଡ଼ିଶାରୁ ବାହାରି ସମଗ୍ର ବିଶ୍ୱରେ ରାଜ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲା । ଏହି ଗୀତର ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କ ଗାଁ ବିଲୁଙ୍ଗକୁ 'ରଙ୍ଗବତୀ ବିଲୁଙ୍ଗ' ▶▶ପୃଷ୍ଠା ୭

## କୋଭିଡ୍ ଟୀକା ପ୍ରସ୍ତୁତି ନେଇ ପୁନାଓ୍ୱାଲାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର,୨୨।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସେରମ୍ ଇନଷ୍ଟିଚ୍ୟୁଟ୍ ର ସିଇଓ ଆଦର ପୁନାଓ୍ୱାଲାଙ୍କ ସହ ବୁଧବାର ଭିଡିଓ କଲ୍ ମାଧ୍ୟମରେ କୋଭିଡ-୧୯ ଟୀକା ଅଗ୍ରଗତି ବିଷୟରେ ଆଲୋଚନା କରିଛନ୍ତି। ଆବଶ୍ୟକ କ୍ଲିୟରାନ୍ସ ମିଳିବା ପରେ ଟୀକାକରଣ ପାଇଁ ଓଡିଶାକୁ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ପୁନାଓ୍ୱାଲାଙ୍କ ସହଯୋଗ ଲୋଡିଥିଲେ । ଏଥିପାଇଁ ରାଜ୍ୟ ସରକାର ସେରମ୍ ପ୍ରତିଷ୍ଠାନ ସହ ଯୋଗାଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ ଟୀକା ବିକାଶ ପାଇଁ ସେରମ୍ ଇନଷ୍ଟିଚ୍ୟୁଟ ଅକ୍ସଫୋର୍ଡ ୟୁନିଭରସିଟିକୁ ସହଯୋଗ କରୁଛି। କୋଭିଡ ଟୀକା ଉପରେ ଲାନସେଟରେ ପ୍ରକାଶିତ ସାମ୍ପ୍ରତିକ ଆଶା ଫଳାଫଳ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ଟୀକାକରଣର ଅଗ୍ରଗତି ଏବଂ ▶▶ପୃଷ୍ଠା ୭

## ହିମାଚଳ ସଚିବାଳୟରେ କରୋନା: ଏକାନ୍ତବାସରେ ମୁଖ୍ୟମନ୍ତ୍ରୀ

ଶିମଲା,୨୨।୭ (ନି.ପ୍ର): ହିମାଚଳପ୍ରଦେଶର ସଚିବାଳୟରେ ପ୍ରବେଶ କରିଛି କରୋନା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତ ଏଚଏଏସ୍ ଅଧିକାରୀ ବୁଧବାର ଦିନ କରୋନା ସଂକ୍ରମିତ ହୋଇଥିବା ଜଣାପଡିବା ପରେ ସଚିବାଳୟରେ କୋକୁଆ ଭୟ ଖେଳିଯାଇଥିଲା। ମଧ୍ୟାହ୍ନ ପରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏହାସହ ମୁଖ୍ୟମନ୍ତ୍ରୀ ନିଜ ଆଡୁ ଆଇସୋଲେସନ୍ ରେ ରହିବା ନେଇ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ପୃକ୍ତ ଅଧିକାରୀଙ୍କ କରୋନା ରିପୋର୍ଟ ପଜିଟିଭ୍ ଆସିବା ପରେ ପ୍ରୋଟୋକଲ ଅନୁଯାୟୀ ସେ ସେଲ୍ଫ ଆଇସୋଲେସନ ରେ ରହିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ, କରୋନା ସଂକ୍ରମିତ ଅଧିକାରୀଙ୍କ ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଯୋଗାଯୋଗରେ ଆସୁଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆରଡି ଧିମାନ କହିଛନ୍ତି ଯେ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରୁଥିବା ସମସ୍ତ ଲୋକଙ୍କ ନମୁନା ନିଆଯାଉଛି। ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନମୁନା ମଧ୍ୟ ନିଆଯାଉଛି। ସେମାନଙ୍କ ସହ ଯୋଗାଯୋଗ କରିଥିବା ସମସ୍ତ ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ରାଜ୍ୟରେ କରୋନା ସଂଖ୍ୟା ପ୍ରାୟ ୧୭୦୦ ରେ ପହଂଚିଛି। ସମଗ୍ର ରାଜ୍ୟରେ ଏପର୍ଯ୍ୟନ୍ତ ୧୬୯୭ ଟି ପଜିଟିଭ୍ ମାମଲା ପଞ୍ଜିକୃତ ହୋଇଛି। ଅନଲକ୍ ର ଦ୍ୱିତୀୟ ପର୍ଯ୍ୟାୟରେ, କରୋନା ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ୩୯୧ ମାମଲା ସହିତ ସୋଲୋନ୍ ଜିଲ୍ଲା କରୋନା ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି । ରାଜ୍ୟରେ କରୋନାରୁ ୧୦ ଜଣଙ୍କର ମୃତ୍ୟୁ ହୋଇଛି।

# ଆକ୍ରାନ୍ତ ୭ କୋଭିଡ ଯୋଦ୍ଧାଙ୍କ ଆଶୁ ଆରୋଗ୍ୟ କାମନା କଲେ ଜିଲ୍ଲାପାଳ

ଭଦ୍ରକ, ୨୨/୭ (ହି.ସ.) - ସମଗ୍ର ବିଶ୍ୱ କରୋନା କବଳରେ କବଳିତ ହୋଇ ପଡିଥିବା ବେଳେ ଏହାକୁ ମୁକାବିଲା କରିବାରେ ଯେଉଁ ଯୋଦ୍ଧାମାନେ ଦିନରାତି ପରିବାରକୁ ତୁଚ୍ଛ କରି କାର୍ଯ୍ୟ କରି ଚାଲିଛନ୍ତି, ବାସ୍ତବରେ ସେମାନେ ନମସ୍ୟ। ଭଦ୍ରକ ଜିଲ୍ଲାର ସେହିଭଳି କରୋନା ଯୋଦ୍ଧାମାନେ ଅକ୍ଲାନ୍ତ ପରିଶ୍ରମ କରି କରୋନାକୁ ମୁକାବିଲା କରୁଛନ୍ତି। କରୋନା ମହାମାରୀକୁ ଦୂର କରିବାକୁ ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଉଥିବା ବେଳେ ଏଭଳି ସଂକଟ କାଳରେ ଦିନରାତି ବାହାରେ ରହି ଏହି କରୋନା ଯୋଦ୍ଧାମାନେ ସେମାନଙ୍କ କାର୍ଯ୍ୟ ତୁଲାଉଛନ୍ତି। ଏହି ଯୁଦ୍ଧରେ ସାମିଲ ହୋଇ ଜିଲ୍ଲାର ୭ଜଣ କୋଭିଡ ଯୋଦ୍ଧା କରୋନା ଆକ୍ରାନ୍ତ ହୋଇଛନ୍ତି। ଧାମନଗର ଥାନାର ୪ ପୁଲିସ ଅଧିକାରୀ, ୨ଜଣ ପୁଲିସ କର୍ମଚାରୀ ଏବଂ ଜଣେ ସ୍ୱାସ୍ଥ୍ୟବିଭାଗ ଅଧିକାରୀ କରୋନାରେ ଆକ୍ରାନ୍ତ ହୋଇ ସାଳନ୍ଦୀ କୋବିଡ୍ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଜିଲ୍ଲାପାଳ ଡ. ଜ୍ଞାନ ଦାସ ବ୍ୟକ୍ତିଗତ ଭାବେ ଟେଲିଫୋନ ଯୋଗେ ସମସ୍ତଙ୍କ ସହ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ସେମାନଙ୍କ ମନୋବଳକୁ ଦୃଢ କରିଛନ୍ତି। ଏଥିସହ ଜିଲ୍ଲାପାଳ ଡ. ଦାସ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଜିଲ୍ଲାପାଳଙ୍କ ଉନ୍ନୟନ କାର୍ଯ୍ୟ କରିଦର୍ଶନ

ନୂଆପଡା, ୨୨।୭(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତକୁ ନୂଆପଡା ଜିଲ୍ଲାପାଳ ଡ. ମଧୁସ୍ମିତା ସାହୁ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ଖାସବାହାଲ ଗ୍ରାମ ଠାରେ ତିଆରି ହେଉଥିବା ମୋ ଉପକାରୀ ବଗିଚା ଦେଖି କାର୍ଯ୍ୟ ଶିଘ୍ର ଶେଷ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଚଚରାଭଟା ଗ୍ରାମ ଠାରେ ମଧ୍ୟ ମୋ ଉପକାରୀ ବଗିଚାକୁ ପରିଦର୍ଶନ କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପଂଚାୟତରେ କରାଯାଇଥିବା ମନରେଗା କାମ ଉପରେ ଜିଆରଏସ ଏବଂ କମ୍ୟୁନିଟି ମୋଭିଲାଇଜରଙ୍କୁ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଖଡିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତମ କୁମାର ବାଗ, ଏପିଓ ରବି ନାରାୟଣ ରାଉତ, ଓଏଲଏମର ବିପିଏମ, ଜେଇ ମଧୁସ୍ମିତା ସିଂହ, ସରପ ଯମୁନା ବାଗ, ବିଏଫଟି ସତ୍ୟବାନ ପ୍ରକାଶ ସିଂ, ଜିଆରଏସ ପିତାମ୍ବର କୁଆଲ, କମ୍ୟୁନିଟି ମୋଭିଲାଇଜର ହେମନ୍ତ କୁମାର ବେହେରା, ସ୍ୱେଚ୍ଛାସେବୀ ପ୍ରେମଲାଲ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ କାରଖାନା ନକରିବାକୁ ଏନଏସି ଇଓଙ୍କୁ ସ୍ମାରକପତ୍ର

ନୂଆପଡା, ୨୨।୭(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅ ଳ ପରିଷଦ ଅନ୍ତର୍ଗତ ୧୧ ନଂ ୱାର୍ଡ ପୁଟୁପଡାବାସୀ ପଡାରେ ପ୍ଲାଷ୍ଟିକ କାରଖାନା ନକରିବାକୁ ଦାବୀ କରିଛନ୍ତି। ଏନେଇ ପଡାବାସୀ ଖଡିଆଳ ବିଜ୍ଞାପିତ ଅ ଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଏକ ସ୍ମାରକପତ୍ର ଦେଇ କାରଖାନା ନଗଢିବାକୁ ଅନୁରୋଧ କରିଛନ୍ତି। ଯଦି ପ୍ଲାଷ୍ଟିକ କାରଖାନା ଗଢା ହୁଏ ତେବେ ପ୍ରଦୂଷଣ ବଢିବା ସହ ସ୍ଥାନୀୟ ପରିବେଶ କ୍ଷତିକାରକ ହେବା ସହ ପଡାବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ବୋଲି ପଡାବାସୀ ଅଭିଯୋଗ କରି ବନ୍ଦ କରିବାକୁ ଦାବୀ କରିଛନ୍ତି।

# ଜଳସେଚନ ଲକ୍ଷ୍ୟ ବହୁ ଦୂରରେ

ନୂଆପଡା, ୨୨।୭(ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ତିଖାଲି ଠାରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇ ୨୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ମଧ୍ୟ ଜଳସେଚନର ଲକ୍ଷ୍ୟ ବହୁ ଦୂରରେ ବୋଲି ଚାଷୀ ଅଭିଯୋଗ କରିଛି। ଖଡିଆଳ ବ୍ଲକର ବାଦୀ ଗ୍ରାମ ଠାରେ ବାଦୀ ମାଇନର କେନାଲ ବାହାରି ଜୁନାନୀ ଗ୍ରାମ ଠାରୁ ଧରୁଆପଡା, ନରସିଂହପୁର, ସରଗାଦୀ, ରିଷିଗାଁ ଏବଂ ଡୁକଲା ଗ୍ରାମର ଜମିକୁ ଏହି ଶାଖା କେନାଲ ମାଧ୍ୟମରେ ଜଳ ସେଚନ କରିବାର ଲକ୍ଷ୍ୟ ରହିଛି। ହେଲେ ବିଭାଗୀୟ ଉଦାସୀନତା କାରଣରୁ କେନାଲ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ କେନାଲରେ ଆବଶ୍ୟକ ଜଳ ଛଡା ଯାଉନାହିଁ। ଯାହାଫଳରେ ଚାଷୀ ଚାଷ ଜମିରେ ପାଣି ମଡାଇ ପାରୁନାହାନ୍ତି। ଦିନରେ କେନାଲରେ ପାଣି ଛାଡୁଥିବା ବେଳେ ରାତ୍ର ସମୟରେ ପାଣିକୁ ବନ୍ଦ କରି ଦେଉଥିବା ଅଭିଯୋଗ ହେଉଛି। ଯାହାଫଳରେ ବିଶେଷକରି ରିଷିଗାଁ ଏବଂ ଡୁକଲା ଗ୍ରାମର ଚାଷୀ ମାନେ ନିଜ ଜମିକୁ ଜଳସେଚିତ କରିପାରୁନାହାନ୍ତି। ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ କେନାଲ କାମକୁ ସମ୍ପୂର୍ଣ୍ଣ କରିବାକୁ ଚାଷୀ ମାନେ ଦାବୀ କରିଛନ୍ତି।

# ବୀଣାପାଣି ସେବା ସଂଘ ପକ୍ଷରୁ ଅଗ୍ନି ବିପିନ୍ନଙ୍କୁ ସହାୟତା

କେନ୍ଦ୍ରାପଡ଼ା, ୨୨।୭(ନି.ପ୍ର): ମହାକାଳପଡା ବ୍ଲକ ଅଧିନ ନିୟାମତ୍‌ପୁର ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡରେ ବିପନ୍ନଙ୍କୁ ବୀଣାପାଣି ସେବା ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସେବାସଂଘର କର୍ମକର୍ତା ମାନେ ସଂପୃକ୍ତ ପରିବାର ନିକଟରେ ପହଁଚି ସେମାନଙ୍କୁ ବାସନକୁସନ, ସପ, ପିନ୍ଧାବସ୍ତ୍ର, ସୁଖିଲା ଖାଦ୍ୟ ଓ ସାନିଟାଇଜର ପ୍ରଭୃତି ପ୍ରଦାନ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଗତକାଲି ସଂପୃକ୍ତ ଗ୍ରାମରେ ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗିବା ଫଳରେ ୨୦ଟି ପରିବାରର ଅଗ୍ନିକାଣ୍ଡ ରେ ସବୁକିଛି ପୋଡି ପାଉଁଶ ହୋଇଯାଇଛି। ଏହାସହ ଜଣେ ବାଳକ ନିଆଁରେ ପୋଡି ହୋଇ ଆଂଶିକ ଆଘାତ ପାଇ ଚିକିତ୍ସା ହେଉଥିବା ଜଣା ପଡିଛି। ସେବାସଂଘ ପକ୍ଷରୁ ଡ଼ଃ ଅରବିନ୍ଦ ପରିଡାଙ୍କ ନେତୃତ୍ୱରେ ଚିତ ରଞ୍ଜନ ବେହେରା, ଦିବ୍ୟ ରଞ୍ଜନ ଦାସ, ପ୍ରିତୀ ରଞ୍ଜନ ଦାସ, ଅମିୟ ସ୍ୱାଇଁ, ମାନସ ରଞ୍ଜନ ରାଉଳ, ଜ୍ଞାନରଞ୍ଜନ ଦାସ, ସୁବାଷ ଜେନା, ଅଜୟ ବେହେରା, ଦିପକ ରାଉତ ପ୍ରମୁଖ ସହାୟତା ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ବାଲିଗୁଡା ଏସଡିପିଓଙ୍କ ପ୍ରଚେଷ୍ଟାରେ ଉଦ୍ଧାର ହେଲା ଦୁର୍ଘଟଣାଗ୍ରସ୍ତ ଟ୍ରକର ଡ୍ରାଇଭର

କନ୍ଧମାଳ, ୨୨।୭(ନି.ପ୍ର): କନ୍ଧମାଳ ଜିଲା କ. ନୂଆଁଗାଁ ଥାନା ଅଂଚଳରେ ଥିବା କନ୍ଦିବାନ୍ଧା ଘାଟିରେ ଆଜି ଅପରାହ୍ନ ସମୟରେ ଏକ ମାଲବାହୀ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାପରେ ସେଠାରେ ଥିବା ୩ ଜଣ ଅଳ୍ପକେ ରକ୍ଷା ପାଇଛନ୍ତି। ହେଲେ ସେଥିରେ ଥିବା ଡ୍ରାଇଭର ଜଣକ ଟ୍ରକ୍ ଓ ନିକଟରେ ଥିବା ଗୋଟିଏ ବଡ ଗଛରେ ଚାପିହୋଇ ରହି ଯାଇଥିଲା। ସେଠାରୁ ବାହାରିପାରୁନଥିଲା। ଏହି ଖବର ପାଇବାପରେ ବାଲିଗୁଡା ଏସଡିପିଓ ମାନସ ରଞ୍ଜନ ବାରିକ ତୁରନ୍ତ ସେଠାରେ ପହଂଚି ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ ଏବଂ ସେହି ଅଂଚଳରେ ଥିବା ଗୋଟିଏ ଠିକାସଂସ୍ଥାର ଜେସିବିକୁ ଡାକି ସେଠାରେ ଫସିଥିବା ଡ୍ରାଇଭରକୁ ବାହାର କରିବାରେ ସହାୟତା କରିଥିଲେ। ଫଳରେ ଡ୍ରାଇଭର ଜଣକ ଆସନ୍ନ ମୃତ୍ୟୁ ମୁଖରୁ ରକ୍ଷା ପାଇଥିଲା। ତାକୁ ସେଠାରୁ କ.ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଥିଲା। ସୂଚନା ଅନୁସାରେ, ଏକ ଠିକା ସଂସ୍ଥାର ମାଲବାହୀ ଟ୍ରକ୍ ନଂ ସିଜି-୨୨ଜେ ୫୮୦୦ କିରୀକୁଟୀଠାରୁ ମେଟାଲ ବୋଝେଇ କରି ରାଇକିଆ ଆଡକୁ ଯାଉଥିବା ବେଳେ ସେଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡିର ହେଲପର ସାମାନ୍ୟ ଆହତ ହୋଇଥିବା ବେଳେ ସେଠାରେ ଡ୍ରାଇଭର ଗାଡି ଭିତରେ ଚାପି ହୋଇ ରହି ଯାଇଥିଲା। ସେଠାରୁ ତାକୁ ବାହାର କରିବାପରେ ସେ ସେଠାରୁ ମୃତ୍ୟୁ ମୁଖରୁ ରକ୍ଷା ପାଇଥିଲା। ଘଟଣାସ୍ଥଳରେ ଏସଡିପିଓଙ୍କ ସହିତ କ.ନୂଆଗାଁ ଥାନା ଅଧିକାରୀ ଶ୍ରୀନିବାସ ସାମଲ ଏବଂ ଅଗ୍ନିଶମ ବିଭାଗର ଅଧିକାରୀ ସେଠାରେ ରହି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

# ଭଦ୍ରକର ଜୀବନ ରେଖା ସାଳନ୍ଦୀକୁ ନେଇ ବିଭାଗୀୟ ତତ୍ପରତା : ଖବର ପ୍ରକାଶନ ପରେ ବିଳମ୍ବରେ ହେଲେ ମଧ ଆରମ୍ଭ ହେଲା ଦଳ ସଫେଇ

ଭଦ୍ରକ, ୨୨/୭ (ହି.ସ.) - ଭଦ୍ରକ ଜିଲ୍ଲାର ଜୀବନ ରେଖା ସାଳନ୍ଦୀ ନଦୀ। ମୟୁରଭଞ୍ଜ ଜିଲ୍ଲାର ମେଘାସନ ପର୍ବତରୁ ବାହାରି ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ବଙ୍ଗାଳୀଦପା ଠାରେ ବୈତରଣୀ ନଦୀରେ ମିଶିଛି। ସାଳନ୍ଦୀ କେବଳ ଭଦ୍ରକର ଜୀବନ ରେଖା ନୁହେଁ, ବରଂ ଜିଲ୍ଲାର ଗର୍ବ। ଓଡିଶାର ଭାତହାଣ୍ଡି କୁହାଯାଉଥିବା ଭଦ୍ରକ ଜିଲ୍ଲାର ଲକ୍ଷାଧିକ ଚାଷୀ ଏହି ନଦୀର ଜଳ ଉପରେ ନିର୍ଭରଶୀଳ। ଚାଷୀଙ୍କ ଠାରୁ ଆରମ୍ଭ କରି ଫେକର କମ୍ପାନୀ ପରି ଶିଳ୍ପ ସଂସ୍ଥା ସମେତ ବହୁ କ୍ଷୁଦ୍ର ଶିଳ୍ପଦ୍ୟୋଗୀଙ୍କ ଚାହିଦା ମେ ।ଉଛି ସାଳନ୍ଦୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସାଳନ୍ଦୀ ନଦୀ ଯୋଗୁଁ ନଦୀ ପାର୍ଶ୍ୱବର୍ତୀ ଇଲାକାରେ ଜଳସ୍ତର କମ୍ ରହୁଥିବାରୁ, ଲକ୍ଷାଧିକ ଜିଲ୍ଲାବାସୀ ପାନୀୟ ଜଳ ପାଇବାକୁ ସକ୍ଷମ ହୋଇପାରୁଛନ୍ତି। ସାଳନ୍ଦୀକୁ ନେଇ ସୃଷ୍ଟି ହୋଇଛି ଅସରନ୍ତି ସାହିତ୍ୟ ସମ୍ଭାର। ଏହା ବ୍ୟତୀତ ସାଳନ୍ଦୀକୁ ଜିଲ୍ଲାର ସ୍ୱାଭିମାନର ପ୍ରତୀକ ମନେକରି ବହୁ ବ୍ୟବସାୟିକ ପ୍ରତିଷ୍ଠାନ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ମଧ ଏହି ନାମକୁ ବ୍ୟବହାର କରି ଜିଲ୍ଲାବାସୀଙ୍କ ଭାବାବେଗ ସହ ଯୋଡ଼ି ହୋଇ ଯାଇଛନ୍ତି। ହେଲେ ଜିଲ୍ଲାବାସୀଙ୍କ ମଧରେ ସଚେତନତା ଅଭାବ ଓ ପ୍ରଶାସନିକ ଶିଥିଳତା କାରଣୁ ସାଳନ୍ଦୀ ନଦୀ ଆଜି ଶ୍ରୀହୀନ ହୋଇ ନିଜର ପରିଚୟ ହଜାଇ ଦେଇଛି। ସୂଚନାଥାଉକି ସାଳନ୍ଦୀ କେନ୍ଦୁଝର ଜିଲ୍ଲାର ହଦଗଡ଼ ଡ୍ୟାମ ଠାରୁ ୧୦୩ ମିଲୋମିଟର ପ୍ରବାହିତ ହେବାପରେ ଏହା ବୈତରଣୀରେ ମିଶିଛି। ଲକ୍ଷାଧିକ ଚାଷୀଙ୍କ ଠାରୁ ଆରମ୍ଭ କରି ସଂଖ୍ୟାଧିକ ଜିଲ୍ଲାବାସୀ ନଦୀର ଜଳ ଦ୍ୱାରା ଉପକୃତ ହୋଇଥାନ୍ତି। ହେଲେ ସାଳନ୍ଦୀ ଶ୍ରୀହୀନ ହେବାକୁ ଯାଉଥିବାବେଳେ ସମସ୍ତେ ନୀରବ। ବିଶେଷକରି 'ସାଳନ୍ଦୀ ବଚାଓ' ନାମରେ କିଛି ମାସ ପୂର୍ବେ ଗଠିତ ସାମାଜିକ ଅନୁଷ୍ଠାନ କିଛି ଦିନ କୁମ୍ଭୀର କାନ୍ଦଣା କାନ୍ଦି ପ୍ରଶାସନକୁ ଚିଠି ଲେଖି ଓ ଏ ସମ୍ପର୍କୀତ ଖବର ସମ୍ବାଦପତ୍ରରେ ଫଟୋ ସହ ପ୍ରକାଶ କରି ଏବେ ନୀରବ ବସିଛି। ସେହିପରି ଭଦ୍ରକ ପୌରପାଳିକା ଅଧିନସ୍ଥ ବାଉଦପୁର, ସାହାପୁର, ବାଗୁରାଇ, ଜାନୁଗଞ୍ଜ, ଜଗନ୍ନାଥପୁର, ମଠସାହି, କୁଆଁସ, ବଙ୍କସାହି, ଅସ୍ଥଳ, ସନ୍ଥିଆ ଅ ଳର ଆବର୍ଜନାମୟ ଡ୍ରେନ ପାଣି ସିଧାସଳଖ ସାଳନ୍ଦୀରେ ମିଶୁଛି। ବିଭିନ୍ନ କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକର ବର୍ଜ୍ୟ ଜଳ ମଧ ନଦୀ ଜଳରେ ମିଶୁଛି। ଏହାବ୍ୟତୀତ ବହୁ ହସପିଟାଲ ଓ ହୋଟେଲ କର୍ତୃପକ୍ଷ ମଧ ସେମାନଙ୍କ ବର୍ଜ୍ୟବସ୍ତୁକୁ ସିଧା ସାଳନ୍ଦୀରେ ଛାଡ଼ି ଦେଉଛନ୍ତି। ଫଳରେ ନଦୀର ଜଳ ଦୂଷିତ ହୋଇ ଜିଲ୍ଲାବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି। ପୌରପାଳିକାର ପକ୍ଷରୁ ଡ୍ରେନ ମାଧମରେ ନିଷ୍କାସିତ ବର୍ଜ୍ୟଜଳକୁ ବିଶୋଧନ ପରେ ନଦୀରେ ଛାଡ଼ିବାର ନିୟମ ରହିଛି। ହେଲେ ପୌର ପ୍ରଶାସନ ଏ ଦିଗରେ ସମ୍ପୂର୍ଣ୍ଣ ଉଦାସୀନ। ଏପରିକି କେଉଁ କେଉଁ ସ୍ଥାନରେ ପୌର ଅ ଳର ଆବର୍ଜନାମୟ ପାଣି ନଦୀରେ ମିଶୁଛି ସେସମ୍ପର୍କରେ ମଧ ପୌର କର୍ତୃପକ୍ଷଙ୍କ ନିକଟରେ ଖବର ନାହିଁ। ଏପରିପ୍ରେକ୍ଷୀରେ ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସାଳନ୍ଦୀ ନଦୀ ପ୍ରତି ପୌର ପ୍ରଶାସନର କୌଣସି ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀ ଥିବା ପରି ଜଣାପଡୁ ନାହିଁ। ତେବେ ସାଳନ୍ଦୀ ନଦୀ ପ୍ରତି ଜିଲ୍ଲାର ଜଳ ସେଚନ ବିଭାଗର ନିର୍ଦ୍ଦିଷ୍ଟ ଉ ର ଦାୟିତ୍ୱ ରହିଛି। କିନ୍ତୁ ଏହି ବିଭାଗ ଅର୍ଥାଭାବ ଦର୍ଶାଇ ସାଳନ୍ଦୀ ପ୍ରତି ଅନ୍ୟାୟ କରି ଚାଲିଛି। ସାଳନ୍ଦୀର ସୌନ୍ଦର୍ଯ୍ୟ ରକ୍ଷା ସହିତ ଏହାର ନୀଳ ଜଳରାଶୀର ସତବିନିଯୋଗ ଦିଗରେ ସାଳନ୍ଦୀ ଜଳସେଚନ ଡିଭିଜନ ସମ୍ପୂର୍ଣ୍ଣ ଉଦାସୀନ ରହି ଆସୁଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ସାଳନ୍ଦୀ ନଦୀ ବିଲାତି ଦଳରେ ଭର୍ତ୍ତି। ଯାହାକି ଏକ କୃତ୍ରିମ ଖେଳ ପଡ଼ିଆର ଭ୍ରମ ସୃଷ୍ଟି କରି ଆସୁଥିଲା। ଦଳଭର୍ତ୍ତି କାରଣରୁ ନଦୀରେ ସ୍ୱାଭାବିକ୍ ଭାବେ ଜଳ ପ୍ରବାହ ବାଧାପ୍ରାପ୍ତ ହେଉଥିଲା। ଏହା ବ୍ୟତୀତ ଅତୀତରେ ବିଲାତି ଦଳ କାରଣରୁ ନଦୀ ଶଯ୍ୟାରେ ଥିବା ବହୁ ପୋଲ ଉପରେ ବିପଦ ସୃଷ୍ଟି ହେଉଥିଲା। ଏ ସମ୍ପର୍କୀତ ଖବର ବାରମ୍ବାର ପ୍ରକାଶ ପାଇ ଆସୁଥିଲା। ତେବେ ପ୍ରତ୍ୟେକ ବର୍ଷ ଦଳ ସଫା କରିବାକୁ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଲୋକ ଦେଖାଣିଆ ଖର୍ଚ୍ଚ କରାଯାଉଥିଲେ ମଧ ନିର୍ଦ୍ଦିଷ୍ଟ ଯୋଜନା ନଥିବାରୁ ଏହାର ସୁଫଳ ମିଳି ପାରି ନାହିଁ। ଏହି ପରିପ୍ରେକ୍ଷୀରେ ଗତ ଜୁନ ମାସ ୧୧ତାରିଖ ଭଦ୍ରକ ଜିଲ୍ଲାପାଳ ଜ୍ଞାନ ଦାସ ପୌର ନିର୍ବାହୀ ଅଧିକାରୀଙ୍କ ସହ ସହର ମଧରେ ଥିବା ସାଳନ୍ଦୀ ନଦୀର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ନଦୀ ଗର୍ଭରେ ଥିବା ବିଲାତି ଦଳ ବ୍ରିଜଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଓ ସ୍ୱାଭାବିକ୍ ଜଳ ପ୍ରବାହ ଏହା ଦ୍ୱାରା ବାଧାପ୍ରାପ୍ତ ହେଉଥିବାରୁ, ଦଳ ସଫା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସ ୧ତାରିଖରୁ ଦଳ ସଫା କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଳମ୍ବରେ ହେଲେ ମଧ ୧୬ ତାରିଖ ଠାରୁ ନଦୀ ବକ୍ଷରେ ଥିବା ଦଳ ସଫା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସଫେଇ କାର୍ଯ୍ୟ ସାମୟିକ। ତେଣୁ ଅଗାମୀ ଦିନରେ ମଧ ବିଲାତି ଦଳ ଅନୁରୂପ ସମସ୍ୟା ସୃଷ୍ଟି କରିବ। ତେଣୁ ଭଦ୍ରକ ଜିଲ୍ଲାର ଅନ୍ୟତମ ପରିଚୟ ସାଳନ୍ଦୀ ନଦୀର ସ୍ଥିତି ପ୍ରତି କ୍ରମାଗତ ବିପଦ ଦେଖା ଦେଇଥିବାବେଳେ, ଏହାକୁ ନେଇ ଗର୍ବ କରୁଥିବା ଓ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ, ସାଳନ୍ଦୀ ଜଳସେଚନ ବିଭାଗ, ଜିଲ୍ଲା ପ୍ରଶାସନ ନଦୀର ପବିତ୍ରତା ଓ ସ୍ୱତନ୍ତ୍ରତା ରକ୍ଷା ପାଇଁ ଉଦ୍ୟମ କରିବାର ଆବଶ୍ୟକତା ଅନୁଭୂତ ହୋଇଛି।

# ପୂର୍ବତନ କାଉନସିଲରଙ୍କ ବାଲି ଚୋରାଚାଲାଣ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା, ୨୨।୭(ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ଜଣେ ପୂର୍ବତନ କାଉନସିଲର ବାଲି ଚୋର ଚାଲାଣରେ ସଂପୃକ୍ତ ରହି ହାଇୱା ଯୋଗେ ଦୈନିକ ଶହ ଶହ ଟ୍ରିପ ଚୋରା ଚାଲାଣ କରୁଥିବା ଅବିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ମାଫିଆ ମାନେ ବାଲି ଉଠାଉ ଥିବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ବାଲି ମାଫିଆ ମାନେ ଗ୍ରାମବାସୀଙ୍କୁ ଧମକ ଦେବା ସହ ଗୁଣ୍ଡାରାଜ ସୃଷ୍ଟି କରି ନିଲାମ ହୋଇନଥିବା ଖାଦନରୁ ବେଆଇନ ଭାବେ ବାଲି ଉଠାଉଛନ୍ତି। ପ୍ରକାଶ ଯୋଗ୍ୟ ଯେ, ନିଲାମ ହୋଇ ନଥିବା ବ୍ରାହ୍ମଣୀ ନଦୀର ଅଳପୁଆ ଓ ଦାମୋଦର ପାଟଣା ବାଲି ଖାଦାନରୁ ଦୈନିକ ଶହ ଶହ ହାଇୱା ମାଧ୍ୟମରେ ବାଲି ଉଠାଇ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ଏହି ବାଲି ମାଫିଆ ମାନେ ଲୁଟି ନେଉଛନ୍ତି। ତେବେ ବାଲି ମାଫିଆ ମାନେ କେଉଁ ବାଟ ଦେଇ ବାଲିକୁ ହାଇୱା ମାଧ୍ୟମରେ ନେଉଛନ୍ତି ସେହି ରାସ୍ତାଟି ସଂପୂର୍ଣ୍ଣ ଭାବେ ବ୍ୟବହାର ଅନୁପଯୁକ୍ତ ହୋଇପଡିଛି। ଫଳରେ ଦୈନିକ ଛୋଟବଡ ଦୁର୍ଘଟଣା ମାନ ଘଟୁଛି। ଏହି ବାଲି ମାଫିଆ ମାନେ କେନ୍ଦ୍ରାପଡା ସହର ଖଡିଅଙ୍ଗ ଅଂଚଳର ଏବଂ ପଟ୍ଟାମୁଣ୍ଡାଇ ସହରର ହୋଇ ଥିବାରୁ ସେମାନେ ଗ୍ରାମବାସୀଙ୍କୁ ଧମକ ଦେବାସହ ଗୁଣ୍ଡାରାଜ ଚଳାଇଛନ୍ତି। ବାଲି ମାଫିଆ ମାନଙ୍କ ଏହି କାମରେ ପ୍ରତିବାଦ କରିବାରୁ ଗ୍ରାମବାସୀଙ୍କ ନାମରେ ବାଲି ମାଫିଆ ମାନେ ମିଥ୍ୟା ମକୋଦ୍ଦମା ରୁଜୁ କରି ନାନାଦି ପ୍ରକାର ହଇରାଣ ହରକତ କରୁଛନ୍ତି। ବାଲିଘାଟ ନିଲାମ କରିବା ସହ ସରକାରଙ୍କ ରାଜସ୍ୱ ଆଦାୟ, ପରିବେଶ ସୁରକ୍ଷା, ଧନ ଜୀବନ ସୁରକ୍ଷା, ରାସ୍ତାଘାଟର ସୁରକ୍ଷା ଇତ୍ୟାଦି କରିବା ଦାବିରେ ଶତାଧିକ ଗ୍ରାମବାସୀ ଅକ୍ଷୟ କୁମାର ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ବିଜୟ କୁମାର ରାଉତ, ଅନନ୍ତ କିଶୋର ରାଉତ, ସୁନିଳ କୁମାର ରାଉତ, ଦେବାଶିଷ ରାଉତ, ହେମଲତା ରାଉତ, ସଂଜୁଲତା ରାଉତ, ସତ୍ୟ ସାଗରିକା ପରିଡାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

# ଶୁକ୍ର, ଶନି, ରବି ତିନିଦିନ ଭୁବନ ସଟଡାଉନ

ଭୁବନ, ୨୨।୭(ନି.ପ୍ର): ଆସନ୍ତା ୨୪ ତାରିଖ ଶୁକ୍ରବାର ଠାରୁ ୨୬ ତାରିଖ ରବିବାର ପର୍ଯ୍ୟନ୍ତ ତିନିଦିନ ଭୁବନ ସଟଡାଉନ ରହିବ। ଏ ସଂପର୍କରେ ବିଡିଓ ଆଶୀର୍ବାଦ ପରିଡା ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା ୨୪ ତାରିଖ ଦିନ ଦିବା ୧୦ ଘଟିକା ସମୟରେ ଗଡନୃସିଂହପ୍ରସାଦ ପଂଚାୟତରାଜ ଉଚ୍ଚ ବିଦ୍ୟାଳୟରେ ସ୍ୱାବ ଟେଷ୍ଟ କରାଯିବ। ଭୁବନ ବ୍ଲକ ଅନ୍ତର୍ଗତ ମହୁଲପାଳ ଗ୍ରାମର କରୋନା ସଂକ୍ରମିତ ଙ୍କ ସଂପର୍ଶରେ ଆସିଥିବା ଶତାଧିକ ବ୍ୟକ୍ତି ଙ୍କର ସ୍ୱାବ ଟେଷ୍ଟ କରାଯିବ। ଦୋକାନବଜାର ଖୋଲା ରହିଲେ ସ୍ୱାବ ଟେଷ୍ଟ ପାଇଁ ଆସିବା ବ୍ୟକ୍ତିମାନେ ମାର୍କେଟିଂ କରି ଅନ୍ୟ ଲୋକଙ୍କୁ ସଂକ୍ରମିତ କରିବାର ଆଶଙ୍କା ଥିବାରୁ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଦିନ ଭୁବନକୁ ସଟଡାଉନ କରାଯିବ। ଶନିବାର ,ରବିବାର ପୂର୍ବଭଳି ସପ୍ତାହନ୍ତ ସଟଡାଉନ ରହିବ ,ରବିବାର ସଂଧା ସୁଦ୍ଧା ସ୍ୱାବଟେଷ୍ଟ ରିପୋର୍ଟ ଆସିଯିବ ଓ ରିପୋର୍ଟ ଆସିବା ପରେ ପରବର୍ତି ପଦକ୍ଷେପ ନିଆଯିବ ବୋଲି ବିଡିଓ ଶ୍ରୀଯୁକ୍ତ ପରିଡା ସୂଚନା ଦେଇଛନ୍ତି। ପ୍ରକାଶଥାଉକି ମହୁଲପାଳ ଗ୍ରାମର କରୋନା ସଂକ୍ରମିତ ଦୁଇଭାଇ ଗତ ୧୫ ତାରିଖ ଦିନ ସ୍ୱାବ ଟେଷ୍ଟ କରି ରିପୋର୍ଟ ଆସିବା ପୂର୍ବରୁ ଭୁବନ ସହରକୁ ଆସି ସେମାନଙ୍କ ସାଙ୍ଗସାଥି ଙ୍କ ସହିତ ମିଶିବା ସହ ହୋଟେଲରେ ଖାଇବା,ଡ୍ରେସ କିଣିବା, ସୁନା କିଣିଥିବା ଯୋଗୁ ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଚିଠି ନଂ - ୭୦୩ ତା ୨୦.୦୭.୨୦୨୦ ରେ ବିଭିନ୍ନବ୍ୟବସାୟ ପ୍ରତିଷ୍ଠାନ ଓ ବ୍ୟାଙ୍କ ପରବର୍ତି ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦେବାପରେ ଗତକାଲି ଠାରୁ ବନ୍ଦ ରହିଛି। ସମଗ୍ର ଭୁବନ ଏନଏସି କୁ ସାନିଟାଇଜେସନ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କଣ୍ଟେନମେଣ୍ଟଜୋନ୍ କାହା ସ୍ୱାର୍ଥରେ ! ହେଉନି ସେନିଟାଇଜ ଓ କଂଟାକ୍ଟ ଟ୍ରେସିଂ

ଭଦ୍ରକ, ୨୨/୭ (ହି.ସ.) - ଭଦ୍ରକ ଜିଲ୍ଲା ପ୍ରଶାସନ କେଉଁ ଉଦ୍ଦେଶ୍ୟରେ ନୂତନ ଭାବେ ସଂକ୍ରମିତ ହେଉଥିବା ଅ ଳକୁ କଣ୍ଟେନମେ ଜୋନ୍ ବା ଅବରୋଧ ଅ ଳ ଘୋଷଣା କରୁଛି ତାକୁ ନେଇ ଜିଲ୍ଲାବାସୀ ଅନ୍ଧାରରେ ଅବରୋଧ ଅ ଳ ଘୋଷଣା ପରେ ସେଠାରେ ଆବଶ୍ୟକ ସେନିଟାଇଜେସନ ବା ବିଶୋଧନ କାର୍ଯ୍ୟ କରାଯାଉ ନାହିଁ। ଏହାବ୍ୟତୀତ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷଙ୍କ ତଥ୍ୟ ମଧ ସଂଗ୍ରହ କରାଯାଉ ନାହିଁ। ଏପରି ଅଭିଯୋଗ ବିଭିନ୍ନ କଣ୍ଟେନମେ ଜୋନରୁ ଆସିବାରେ ଲାଗିଛି। ଟିଏମସି ହେଉ କିମ୍ବା ସ୍ଥାନୀୟ ଅ ଳ, କୌଣସି ସ୍ଥାନରୁ କରୋନା ସଂକ୍ରମିତ ଚିହ୍ନଟ ହେଲେ ସଂପୃକ୍ତ ଅ ଳକୁ ପ୍ରଶାସନ ପକ୍ଷରୁ ତୁରନ୍ତ ଅବରୋଧ ଅଂଚଳ ଭାବେ ଘୋଷଣା କରାଯାଇଥାଏ। କରୋନା ସଂକ୍ରମଣର ପ୍ରଥମାବସ୍ଥାରେ ପ୍ରଶାସନ ପକ୍ଷରୁ ଯେଉଁ ଅ ଳକୁ ଅବରୋଧ ଅ ଳ ଘୋଷଣା କରାଯାଉଥିଲା, ସେସମସ୍ତ ସ୍ଥାନରେ କଂଟେନମେଂଟ କଟକଣାକୁ କଡ଼ାକଡ଼ି ଲାଗୁ କରାଯାଉଥିଲା। ସଂପୃକ୍ତ ଅଂଚଳରେ ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ ଉପରେ ବହୁ କଟକଣା ଜାରୀ ହେଉଥିଲା। ଏହା ବ୍ୟତୀତ ଅବରୋଧ ଅଂଚଳକୁ ବିଶୋଧନ କରାଯିବା ସହ ଆକ୍ରାନ୍ତ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ତାହାର ତଥ୍ୟ ସଂଗ୍ରହ କରି ଆବଶ୍ୟକ ସ୍ୱାବ୍ ପରୀକ୍ଷା କରାଯାଉଥିଲା। କିନ୍ତୁ ବର୍ତମାନ ସମୟରେ ଯେଉଁ ସ୍ଥାନରେ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହେଉଛନ୍ତି, ପ୍ରଶାସନ ଏହି ଅ ଳକୁ କଣ୍ଟେନମେ ଜୋନ ଓ ଏହାର ନିକଟବର୍ତୀ ଅଂଚଳକୁ ବଫର ଜୋନ ଘୋଷଣା କରି ଚୁପ୍ ବସୁଛି। ସଂପୃକ୍ତ ଅ ଳକୁ ବିଶୋଧନ କରାଯିବାର ଆବଶ୍ୟକତା ଥିଲେ ମଧ ସେତକ କରାଯାଉ ନାହିଁ। କଂଟାକ୍ଟ ଟ୍ରେସିଂ କଥା ପ୍ରଶାସନ ଏକପ୍ରକାର ଭୁଲିଯାଇଛି। ଯଦି ତାଙ୍କ ସହ ମିଶିଥିବା ବ୍ୟକ୍ତିବିଶେଷଙ୍କ ଠାରେ କୌଣସି କରୋନା ଲକ୍ଷଣ ପ୍ରକାଶ ପାଏ ତେବେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରିବାକୁ ସେମାନଙ୍କୁ କୁହାଯାଉଛି। ଇତିମଧରେ ଭଦ୍ରକ ପୌରପାଳିକାର ବହୁ ୱାର୍ଡ ସମେତ ପ୍ରାଚୀନଗରରୁ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଯେଉଁମାନେକି ସ୍ଥାନୀୟ ସଂକ୍ରମିତ। କେଉଁ ସୂତ୍ରରୁ ସେମାନେ ସଂକ୍ରମିତ ହେଲେ, ତାର କୌଣସି ଖୋଜଖବର ନେବାକୁ ଉଚିତ ମନେ କରିନି ଜିଲ୍ଲା ପ୍ରଶାସନ। ସେହିପରି ଏସମସ୍ତ ଅ ଳକୁ ବିଶୋଧନ କରାଯାଉ ନାହିଁ କିମ୍ବା କ ।କ୍ଟ ଟ୍ରେସିଂ ଠିକ ଭାବରେ କରାଯାଉନଥିବା ଅଭିଯୋଗ ହେଉଛି। ଏପରି ପ୍ରଶାସନିକ ଅବହେଳା ପାଇଁ ସଂକ୍ରମଣ ବଢ଼ିବା ସହିତ ଏହା ଗୋଷ୍ଠି ସଂକ୍ରମଣର ରୂପ ନେଇପାରେ ବୋଲି ଆଶଙ୍କା ପ୍ରକାଶ କରୁଛନ୍ତି ସଂପୃକ୍ତ ଅ ଳବାସୀ। ତେଣୁ ଯେଉଁ ଅଂଚଳରୁ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହେଉଛନ୍ତି, ସେସମସ୍ତ ସ୍ଥାନରେ ବ୍ୟାପକ ବିଶୋଧନ କାର୍ଯ୍ୟ ସହିତ କଟାକ୍ଟ ଟ୍ରେସିଂକୁ ହାତକୁ ନେବାର ଆବଶ୍ୟକତା ରହିଛି ବୋଲି ସହରବାସୀଙ୍କ ପକ୍ଷରୁ ମତପ୍ରକାଶ ପାଇଛି।

# ପିଆରଏମ୍ ମେଡିକାଲ କଲେଜ ଏବଂ ହସପିଟାଲରେ ଟେଲି ମେଡିସିନ ସେବା ଆରମ୍ଭ

ବାରିପଦା, ୨୨।୭(ନି.ପ୍ର): ଓଡିଶା ସରକାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶାନୁସାରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଏହାର ଚିକିତ୍ସା / ପ୍ରତିକାର ପାଇଁ ଟେଲି ମେଡିସିନ ସେବା ଆରମ୍ଭ ହୋଇଛି। ଏହା ଦ୍ୱାରା ରୋଗୀ / ଜନସାଧାରଣ ନିଜର ଫୋନ ଜରିଆରେ ଡାକ୍ତରଙ୍କ ସହିତ ସିଧାସଳଖ ଯୋଗାଯୋଗ କରି ରୋଗ ଉପଚାର କରିପାରିବେ। ଏହି ଟେଲି ମେଡିସିନ ସେବା ସକାଳ ୮ ଘଟିକା ଠାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ। ଜନସାଧାରଣ ଏହି ସେବାର ସୁବିଧା ଉପଯୋଗ ପାଇଁ ମୋବାଇଲ ଫୋନ ନମ୍ବର ୭୬୫୫୦୫୧୩୦୭, ୭୬୫୫୦୫୧୩୦୮ ରେ ଯୋଗାଯୋଗ କରିପାରିବେ ବୋଲି ମେଡ଼ିକାଲ କଲେଜ ଅଧୀକ୍ଷକ (ପିଆରଏମ୍, ଏମସିଏଚ୍) ବାରିପଦା ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ସୂଚନା ଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲାରେ କୋଭିଡ଼ ମହାମାରୀ ଭୟାବହତା ଓ କଟକଣା ଦୃଷ୍ଟିରୁ ରୋଗୀମାନେ ସଠିକ୍ ଭାବେ ଚିକିତ୍ସା ପାଇ ପାରୁ ନାହାନ୍ତି। ଏହି ସମୟରେ ସରକାର ହାତ ପାହାନ୍ତାରେ ଉତମ ଚିକିତ୍ସା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରି ଟେଲି ମେଡ଼ିସିନ ସେବାକୁ ଲୋକୋଭିମୁଖୀ କରାଇଛନ୍ତି। ଫଳରେ ଜନସାଧାରଣ ହସପିଟାଲକୁ ନ ଦୌଡ଼ି ଫୋନ କଲ ମାଧମରେ ଡ଼ାକ୍ତରଙ୍କୁ ସେମାନଙ୍କର ରୋଗ ସମ୍ପର୍କରେ ସିଧାସଳଖ ଯୋଗାଯୋଗ କରି ରୋଗର ଉପଚାର କରାଇ ପାରିବେ।

## ବାରିପଦା ପିଏ ଆଇଟିଡ଼ିଏ କାର୍ଯ୍ୟାଳୟ : ଜାଲ ଦସ୍ତଖତରେ ସାଢ଼େ ୪ ଲକ୍ଷ ଟଙ୍କା ଲୁଟ ମାମଲା

ବାରିପଦା, ୨୨।୭(ନି.ପ୍ର): ସ୍ଥାନୀୟ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପରିସରରେ ବାରିପଦା ପିଏ ଆଇଟିଡ଼ିଏଙ୍କ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାଦେଶ ନଂ ୫୫୧୩/୦୯.୧୨.୨୦୧୩ ଅନୁସାରେ ୧.୨୦ କୋଟିରୁ ଅଧିକ ବ୍ୟୟ ବରାଦରେ ଶହେ ଶଯ୍ୟା ବିଶିଷ୍ଟ ଜନଜାତି ବାଳିକା ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟରେ ଠିକାଦାରଙ୍କ ଅଜାଣତରେ ଜାଲ ଦସ୍ତଖତ ମାଧ୍ୟମରେ ସାଢ଼େ ୪ ଲକ୍ଷ ଟଙ୍କା ଉଠାଣକୁ ନେଇ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କ ନାମରେ ଠିକାଦାର ତପନ କୁମାର ହାବଡ଼ା ଅଭିଯୋଗ ଆଣି ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଥାନାରେ ଜେଇ ଶ୍ରୀଦାସଙ୍କ ନାମରେ ଆଇପିସି ଧାରା ୪୧୯, ୪୨୦, ୪୬୮ ଅନୁସାରେ ମାମଲା ରୁଜୁ ହୋଇଥିଲା। ଆଜି ବାରିପଦା ଟାଉନ ପୁଲିସ ପକ୍ଷରୁ ଉକ୍ତ କାର୍ଯ୍ୟଦେଶ ବାବଦରେ ସମସ୍ତ ରେକର୍ଡ଼ ପତ୍ରକୁ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ପ୍ରକାଶ କରିଛନ୍ତି।

## ଥକ୍କାପଣକୁ ଦୂରେଇବାର ସରଳ ଉପାୟ

**ସାମାନ୍ୟ କାମ କରି ଥକ୍କା ଲାଗିଲେ କିମ୍ବା କୌଣସି କାମ କରିବାକୁ ଆଗ୍ରହ ନ ଆସିଲେ, ବିଶେଷଜ୍ଞଙ୍କ ପରାମର୍ଶ ନେବା ପୂର୍ବରୁ ନିଜ ଦୈନନ୍ଦିନ ଜୀବନଶୈଳୀରେ ସାମାନ୍ୟ ପରିବର୍ତ୍ତନ କରନ୍ତୁ । ହୋଇପାରେ, ସେହି ନିୟମ ଆପଣଙ୍କୁ ଏକ ସୁସ୍ଥ ଜୀବନଶୈଳୀ ପ୍ରଦାନ କରିବାରେ ସହାୟକ ହେବ ।**



♦ କର୍ମଜୀବୀ ଲୋକେ ଘରୁ କାର୍ଯ୍ୟାଳୟ ଓ ସେହିପରି କାର୍ଯ୍ୟାଳୟରୁ ଘରକୁ ଆସିବାରେ ପୂରା ସପ୍ତାହ ଅତିବାହିତ କରନ୍ତି । ଆଜିକାଲି ତ' ଅଧିକାଂଶ ଲୋକ ଘରୁ ଗୋଡ଼ କାଢ଼ି ଶୀତତାପ ନିୟନ୍ତ୍ରିତ କାରରେ ବସି କାର୍ଯ୍ୟାଳୟରେ ବସି ସନ୍ଧ୍ୟାରେ ବାହାରିଥାନ୍ତି । ଏମାନେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆଦୌ ଆସିପାରନ୍ତିନାହିଁ । ଯାହା କାରଣରୁ ଭିଟାମିନ ଡି ଅଭାବରେ ଆକ୍ରାନ୍ତ ହେବା ସହ ଖୁବ ଶୀଘ୍ର ଥକ୍କି ମଧ ଯାଇଥାନ୍ତି । ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭିଟାମିନ ଡିର ଅଭାବ ହେଲେ ମଧ ଶରୀରର ଶକ୍ତି କ୍ରମଶଃ ହ୍ରାସ ପାଇଥାଏ । ଏଣୁ ଦୈନିକ ସକାଳବେଳା ଛାତ ଉପରେ ନଚେତ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଚଲାବୁଲା କରିବା ଉଚିତ । ପାଶ୍ଚାତ୍ୟ ଥଣ୍ଡା ରାଷ୍ଟ୍ରଗୁଡ଼ିକର ଲୋକେ ଏହି ଭିଟାମିନ ଡି' ଅଭାବରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶରେ ଭିଟାମିନ ଡି ପୋଷକତତ୍ତ୍ୱ ଥିବା ଔଷଧ ସେବନ କରିଥାନ୍ତି ।

♦ ଏହା ସହ ନିଜ ଖାଦ୍ୟ ଓ ପାନୀୟ ପ୍ରତି ସତର୍କ ରୁହନ୍ତୁ । ଯଦିବା ଆପଣଙ୍କୁ ବାହାର ରେଷ୍ଟୋରାଁ ଖାଦ୍ୟ ପସନ୍ଦ, ତେବେ ପନିପରିବା ତରକାରି ଅର୍ଡର ଦେବାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । ପାଣି ଆବଶ୍ୟକ ପରିମାଣରେ ପିଇବା ଜରୁରୀ, ଯେପରି ଶରୀରରେ ଜଳାଭାବ ସମସ୍ୟା ନଉପୁଜେ ।

♦ ଅଧିକ ମାନସିକ ଚାପରେ ରହିଲେ ମଧ ଯେ କୌଣସି କାମ କରିବାକୁ ଆଗ୍ରହ ଆସିନଥାଏ । ଯେତେ ବଡ଼ ଅସୁବିଧା ପରିସ୍ଥିତିରେ ମଧ ଭାବିବା ଉଚିତ ଯେ ସମୟ ଅନୁସାରେ ସବୁ ଠିକ ହୋଇଯିବ ।

## ଫାଷ୍ଟ ଫ୍ୟାସନ

**ଗତ ଏକ ଦଶନ୍ଧିରୁ ଅଧିକ ସମୟ ହେବ ରେଡ଼ିମେଡ଼ ଡ୍ରେସର ଟ୍ରେଣ୍ଡ ଯୋଗୁ ଆମେ ପୁରୁଣା ଷଷ୍ଟାଇଲକୁ ଭୁଲିଗଲେଣି । ପୂବରୁ ଡ୍ରେସ ତିଆରି ପିନ୍ଧିବାର ପ୍ରଚଳନ ଥିଲା । କିନ୍ତୁ ଫ୍ୟାସନ ଦୁନିଆରେ ଷ୍ଟାଇଲ ସମୟ ଅନୁସାରେ ପୁଣି ଫେରିଥାଏ । ପୁଣି ଥରେ କଷ୍ଟମାଇଜଡ ଫ୍ୟାସନ ଟ୍ରେଣ୍ଡ ଫେରୁଛି । ତେଣୁ ଏବେ ଝିଅ ଓ ମହିଳାମାନେ ଡ୍ରେସ ତିଆରି କରି ପିନ୍ଧିବାକୁ ପସନ୍ଦ କରୁଛନ୍ତି । ପୁଣିଥରେ କମ ସମୟ ମଧରେ ରେଡିମେଡ ଫ୍ୟାସନ ଯାହାକୁ ଆମେ ଫାଷ୍ଟ ଫ୍ୟାସନ ବୋଲି କହୁ ତା' ସାମନାରେ କଷ୍ଟମାଇଜଡ଼ ଫ୍ୟାସନ ନିଜର ସ୍ଥାନ ତିଆରି କରିସାରିଲାଣି ।**



### ଫାଷ୍ଟ ଫ୍ୟାସନର ଲୋକପ୍ରିୟତା:

ରେଡିମେଡ ଡ୍ରେସେସକୁ ଫ୍ୟାସନ ଦୁନିଆରେ ଫାଷ୍ଟ ଫ୍ୟାସନ ବୋଲି କୁହାଯାଏ । ଫାଷ୍ଟ ଫ୍ୟାସନକୁ ଡିସପୋଜେବଲ ଫ୍ୟାସନ ମଧ କୁହାଯାଏ । ଏହା ଜରିଆରେ ଦୁନିଆରେ ଥିବା ହିଟ୍ ଡିଜାଇନସବୁ ସାଧାରଣ ଲୋକମାନଙ୍କ ପାଖରେ ପହଞ୍ଚା ଯାଇଥାଏ । ସେଥିପାଇଁ ବଡ଼ ଆକାରରେ ଏହାର ଉତ୍ପାଦନ ମଧ ହୋଇଥାଏ ଓ ଏହାର ଦାମ ଉପରେ ମଧ ଗୁରୁତ୍ୱ ଦିଆଯାଏ । ଏହି କାରଣରୁ ମଡର୍ଣ୍ଣ ଟ୍ରେଣ୍ଡ ଅଧିକାରୁ ଅଧିକ ଲୋକମାନଙ୍କ ପାଖକୁ ଶୀଘ୍ର ପହଞ୍ଚିଥାଏ । ଫାଷ୍ଟ ଫ୍ୟାସନ ବା ପପୁଲାର ଫ୍ୟାସ ଷ୍ଟାଇଲିଶ ଦେଖାଯିବା ପାଇଁ ଏକ ଶସ୍ତା ଓ ସୁନ୍ଦର ବିକଳ୍ପ । ସେଥିପାଇଁ କପଡ଼ାର ଉତ୍ପାଦନ ବେଳେ ବେଳେ ଅଧିକ ହୋଇଯାଏ ଓ ସେଲ ମଧ ହୋଇପାରେ ନାହିଁ ।

### ଫ୍ୟାସନ ଇଣ୍ଡଷ୍ଟ୍ରିରେ ପରିବର୍ତ୍ତନ:

ଲମ୍ବା ସମୟ ପର୍ଯ୍ୟନ୍ତ ଫାଷ୍ଟ ଫ୍ୟାସନର ଟ୍ରେଣ୍ଡ ଚାଲିବା ପରେ ଏବେ କଷ୍ଟାମାଇଜଡ ବା ସିଲେଇ କରି ଡ୍ରେସ ପିନ୍ଧିବାର ଫ୍ୟାସନ ଫେରୁଛି । ଫାଷ୍ଟ ଫ୍ୟାସ ନ ଦ୍ୱାରା ନଷ୍ଟ ହେଉଥିବା କଫଡ଼ା ବା ସାମଗ୍ରୀକୁ କମ୍ କରିବା ପାଇଁ ଆଜିକାଲି ଫ୍ୟାସନ ଇଣ୍ଡଷ୍ଟ୍ରିରେ କଷ୍ଟମାଇଜଡ଼ ଫ୍ୟାସନର ପ୍ରଚଳନ ବୃଦ୍ଧି ପାଉଛି । ଏବେ ଅନେକ କମ୍ପାନୀ ନିଜ ଗ୍ରାହକମାନଙ୍କୁ ତାଙ୍କର ଆବଶ୍ୟକତା ଅନୁସାରେ ଡ୍ରେସେସ କଷ୍ଟାମାଇଜ କରି ଦେଉଥିବାର ଦେଖାଦେଇଛି । ବର୍ତ୍ତମାନ କଷ୍ଟମାଇଜଡ ପ୍ରିଣ୍ଟେଡ ଟି ସାର୍ଟର ଏବେ ଚାହିଦା ବଢ଼ୁଛି । ଏବେ ଅନେକ କମ୍ପାନୀ ଗ୍ରାହକମାନଙ୍କ ପସନ୍ଦ କରୁଛନ୍ତି । ତେଣୁ ପ୍ରାକୃତିକ ସଂଶାଧନର ବରବାଦିକୁ ହ୍ରାସ କରିବା ପାଇଁ ଫ୍ୟାସନ ଇଣ୍ଡଷ୍ଟ୍ରିରେ ଇକୋ ଫ୍ରେଣ୍ଡଲୀ ଓ କଷ୍ଟମର ଫ୍ରେଣ୍ଡଲୀ ଉପାୟକୁ ଫଲୋ କରୁଛନ୍ତି ।

## ଲୋ ବ୍ଲଡ ପ୍ରେସର



ଲୋ ବ୍ଲଡ ପ୍ରେସର ବା ନିମ୍ନ ରକ୍ତ ଚାପ, ଅକ୍ସିଜେନକୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ବାଧା ଦେଇଥାଏ । କେବଳ ଅକ୍ସିଜେନ ନୁହେଁ ଅନ୍ୟ ପୋଷକ ତତ୍ତ୍ୱ ମଧ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । ବ୍ଲଡ ପ୍ରେସରକୁ ସ୍ୱାସ୍ଥ୍ୟର ଭାଷାରେ ହାଇପୋଟେନସନ କୁହାଯାଏ । ବ୍ଲଡ ପ୍ରେସର କୌଣସି ବେମାରୀ ନୁହେଁ । କିନ୍ତୁ ଶରୀରରେ ସୃଷ୍ଟି ହୋଇଥିବା ଅନ୍ୟ ଗମ୍ଭୀର ବେମାରୀର ସଙ୍କେତ । ଏପରି ସ୍ଥଳେ କାହାରି ଶରୀରରେ ରକ୍ତ ପ୍ରବାହ ସାମାନ୍ୟରୁ ଯଦି କମ୍ ହୋଇଥାଏ ତେବେ ନିମ୍ନ ରକ୍ତିଚାପ ବା ଲୋ-ବ୍ଲଡ ପ୍ରେସର କୁହାଯାଏ । ଏଥିରେ ହୃଦୟ, କିଡନୀ, ଫୁସଫୁସ ଓ ମସ୍ତିଷ୍କ ଆଂଶିକ ଭାବରେ ବା ସମ୍ପୂର୍ଣ୍ଣ ଭାବରେ କାମ କରିବା ମଧ ବନ୍ଦ କରିଦେଇପାରେ । ଯଦି କୌଣସି ଔଷଧ ପାଇଁ ଲୋ ବ୍ଲଡ ପ୍ରେସର ରହୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେଇ ସେ ଔଷଧର ପରିମାଣ କମ କରିବା ବା ବନ୍ଦ କରିଦେବା ଉଚିତ । ପୋଷକ ତତ୍ତ୍ୱ ପାଇଁ ଭରପୂର ଖାଦ୍ୟ ଖାଇବା ଉଚିତ । ଅଲଗା- ଅଲଗା ଫଳ, ପରିବା, ଶସ୍ୟ, କମ ଫ୍ୟାଟ ଥିବା ମାଂସ ଓ ମାଛକୁ ଭୋଜନ କରିବା ଉଚିତ । ଖାଦ୍ୟରୁ ଆଳୁ, ଭାତ ଓ ବ୍ରେଡ ପରି ଅଧିକ କାର୍ବୋହାଇଡ୍ରେଟ ଥିବା ଖାଦ୍ୟ ପଦାର୍ଥର ପ୍ରୟୋଗ କମ କରନ୍ତୁ । ସ୍ମୋକିଂ କରିବା ଅନୁଚିତ, ସକ୍ରିୟ ରହି ଅଧିକ ଝାଳ ବାହାରିବା ପରି କାମ କରିବା ଉଚିତ ନୁହେଁ । ଅଧିକ ଖରାରେ ବାହାରନ୍ତୁ ନାହିଁ ଓ ପର୍ଯ୍ୟାପ୍ତ ମାତ୍ରାରେ ଲୁଣ ଖାଇବା ଉଚିତ ଓ ଅଧିକ ଟେନସନ ନେବା ଉଚିତ ନୁହେଁ । ଏହା ଉପରେ ଗୁରୁତ୍ୱ ଦେଲେ ଲୋ ବିପିରୁ ରକ୍ଷା ପାଇପାରିବେ ।

**ଉପଚାର:** ବ୍ଲଡ ପ୍ରେସର ଲୋ ହେଲେ- ୧ ତୁରନ୍ତ ବସିଯାଆନ୍ତୁ ବା ଶୋଇ ପଡ଼ନ୍ତୁ । ହାତ ମୁଠା ବନ୍ଦ କରନ୍ତୁ ଓ ଖୋଲନ୍ତୁ । ଗୋଡ଼ ହଲାନ୍ତୁ(୨) ଲୁଣ ଓ ଚିନି ମିଶ୍ରିତ ପାଣି ଓ ଚା ପିଅନ୍ତୁ । ଗୋଡ଼ ତଳେ ଦୁଇଟି ତକିଆ ଦେଇ ଶୁଅନ୍ତୁ । (୩) ଯେଉଁ ଲୋକମାନେ ପ୍ରଥମରୁ ଉଚ୍ଚ ରକ୍ତଚାପ ଔଷଧ ଖାଉଛନ୍ତି, ସେମାନେ ଔଷଧ ଖାଉଛନ୍ତି । ସେମାନେ ଔଷଧ ଖାଇବା ବନ୍ଦ କରନ୍ତୁ । (୪) ଅତି କମ୍‌ରେ ଆଠ ଗ୍ଲାସପାଣି ଓ ଜୁସ ଇତ୍ୟାଦି ପ୍ରତ୍ୟେକ ଦିନ ପିଅନ୍ତୁ ।

## ସାଲାଡ ଖାଉଥିଲେ...

**ଖାଦ୍ୟ ବିଶେଷଜ୍ଞଙ୍କ ମତରେ, ନିୟମିତ ଭାବେ ଦ୍ୱିପହର ଓ ରାତ୍ରି ଭୋଜନ ପୂର୍ବରୁ ସାଲାଡ ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଅନେକ ବର୍ଷ ପନୂର୍ବେ ଇଉରୋପ ଓ ଆମେରିକାର ଧନିକ ଗୋଷ୍ଠୀର ଲୋକେ ହିଁ ସାଲାଡ ଖାଉଥିଲେ । ସେ ସମୟରେ କେବଳ ଭେଜ ସାଲାଡ ଉପଲବ୍ଧ ଥିଲା । ଆଜିର ସମୟରେ କିନ୍ତୁ ଉଭୟ ଭେଜ, ନନଭେଜ ଓ ଫ୍ରୁଟ୍ ସାଲାଡ୍ ମଧ ମିଳୁଛି । ଗତ ବର୍ଷ ନଭେମ୍ବରରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ବିଶ୍ୱର ପ୍ରାୟ ୮୦% ଲୋକ ସାଲାଡ ଖାଇବାର ସଠିକ ପ୍ରଣାଳୀ ଜାଣିନଥିବାର ସ୍ପଷ୍ଟ ହୋଇଛି ।**



ସବୁବେଳେ ସତେଜ କଟା ହୋଇଥିବା ପନିପରିବା ଓ ଫଳର ସାଲାଡ ଖାଇବା ଉଚିତ । ରେଷ୍ଟୋରାଁରେ ସାଲାଡ ବରାଦ କରୁଥିଲେ, ତାହା ସତେଜ କି ନୁହେଁ, ତାହା ପରଖିନେବା ଜରୁରୀ । ପୂର୍ବରୁ ସାଲାଡ କାଟି କରି ରଖାଗଲେ, ତାହାର ପୋଷକତତ୍ତ୍ୱ ନାଷ୍ଟ ହୋଇଯାଏ । ଫଳ ସାଲାଡକୁ ସପ୍ତାହରେ ଅନ୍ତତଃ ୩-୪ଥର ଖାଇବା ଉଚିତ । ବିଭିନ୍ନ ପ୍ରକାର ଫଳକୁ ମିଶାଇ ସେଥିରେ କଳା ଲୁଣ ମିଶାଇ ଖାଇଲେ ହଜମ କ୍ଷମତା ବଢ଼ାଇଥାଏ । ଏହି ସାଲାଡକୁ ଦ୍ୱିପ୍ରହର ଭୋଜନ ପୂର୍ବରୁ ଆପଣ ଖାଇଲେ ତାହାର ଶରୀର ଉପରେ ଭଲ ପ୍ରଭାବ ପଡ଼େ । ଦ୍ୱିପ୍ରହର କିମ୍ବା ରାତ୍ରିଭୋଜନ ସାଥିରେ ସାଲାଡ ନଖାଇ ବରଂ କିଛି ସମୟ ପୂର୍ବରୁ ଖାଇବା ଉଚିତ । ସାଲାଡରେ ମାୟୋନିଜ ଓ ଟମାଟୋ ସସ ଇତ୍ୟାଦି ମିଶାଇଲେ ତାହାର ପୋଷକତତ୍ତ୍ୱ ନଷ୍ଟ ହୋଇଥାଏ । କେବଳ ଲେମ୍ବୁ ରସ, କଳା ଲୁଣ ଓ ଦହି ମିଶାଇ ସାଲାଡ ଖାଇବା ଭଲ ।

## ଆଳୁ କୋଫତା ତରକାରୀ

**ଆଳୁ କୋଫତା ତରକାରୀ ବହୁତ ସ୍ୱାଦିଷ୍ଟ ହୋଇଥାଏ । ଭିନ୍ନ ସ୍ୱାଦ ପାଇଁ ଆଳୁ କୋଫତା ତରକାରୀ ଘରେ ତିଆରି କରନ୍ତୁ ।**

**ଆବଶ୍ୟକ ସମଗ୍ରୀ:** ଆଳୁ ୭ଟି, ଆରାରୋଟ- ୪ଚାମଚ, ସ୍ୱାଦ ଅନୁସାରେ ଲୁଣ, କଟାଯାଇଥିବା ଧନିଆପତ୍ର-୧ଚାମଚ, କଟାଯାଇଥିବା କାଜୁ- ୧୦ଟି, କିସମିସ-୩୦ଟି, ତେଲ ଆବଶ୍ୟକ ଅନୁସାରେ ।

**ତରକାରୀ ପାଇଁ :** ଟମାଟୋ-୪ଟି, କଞ୍ଚାଲଙ୍କା୨ଟି, ଅଦା, କ୍ରିମ-୧/୨ କପ, ତେଲ ୨ଚାମଚ, ଜିରା ୧/୨ ଚାମଚ, ହଳଦୀ ପାଉଡର, ଧନିଆ ପାଉଡର- ଏକ ଚାମଚ, ଲାଲ ମିର୍ଚି ପୁଡର, ଗରମ ମସଲା , ସ୍ୱାଦ ଅନୁସାରେ ଲୁଣ, କଟାଯାଇଥିବା ଧନିଆ ପତ୍ର ।

**ପ୍ରଣାଳୀ:** ଆଳୁକୁ ସିଝାଇ ଛଡ଼ାଇ ଦିଅନ୍ତୁ । ଏହାକୁ କଦ୍ଦୁକଷକରି ସେଥିରେ ଆରାରୋଟ, ଲୁଣ, ଧନିଆ ପତ୍ର ମିଶାଇ ଏହାକୁ ଦେଇ ଦିଅନ୍ତୁ । କୋଫତା ପାଇଁ ମିଶ୍ରଣ ପ୍ରସ୍ତୁତ ହୋଇଗଲା । ଏକ କଡ଼ାଇରେ ତେଲ ଗରମ କରି ମିଶ୍ରଣକୁ ଅଳ୍ପ ଅଳ୍ପ କରି ଚେପଟା ପରି ସେଥିରେ ୨-୩ ଖଣ୍ଡ କାଜୁ ଖଣ୍ଡ ଓ ୨ଟି କିସମିସ ରଖନ୍ତୁ ଓ ଛାଣନ୍ତୁ । ଗୋଟେ ପାର୍ଶ୍ୱ ହୋଇଯିବା ପରେ ଓଲଟାଇ ଛାଣନ୍ତୁ । କୋଫତାକୁ ପ୍ଲେଟରେ କାଢ଼ି ରଖନ୍ତୁ । ଟମାଟୋ,ଲଙ୍କା, ଅଦାକୁ ପେଷ୍ଟ କରି ଦିଅନ୍ତୁ । କ୍ରିମକୁ ଫେଣ୍ଟି ଦିଅନ୍ତୁ କଡ଼ାଇରେ ତେଲ ଗରମ କରି ସେଥିରେ ଜିରା ପକାନ୍ତୁ । ତାପରେ ହଳଦୀ, ଧନିଆ ପାଉଡର ଓ ଲାଲ ମିର୍ଚି ପାଉଡର ପ୍ରକାଇ ଟମାଟୋ କଞ୍ଚାଲଙ୍କା ଓ ଅଦା ପେଷ୍ଟ ପକାଇ ମସଲାକୁ ଫ୍ରାଏ କରନ୍ତୁ । ମସଲା ହୋଇଗଲା ପରେ ୨କପ୍ ପାଣି ଲୁଣ ଦେଇ ୩-୪ ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ । ଝୋଳରେ ଗରମ ମସଲା ଓ ଧନିଆ ପତ୍ର ମିଶାଇ ଓହ୍ଲାଇ ଦିଅନ୍ତୁ ଏବେ ଆଳୁ କୋଫତା ଉପରେ ଢାଳି ଦିଅନ୍ତୁ । ତରକାରୀ ପ୍ରସ୍ତୁତ ହୋଇଗଲା ।



## ଅକାଳରେ କେଶ ଧଳା ହେବା ପଛର କାରଣ

**ଏବେ ବିଦ୍ୟାଳୟ ଯାଉଥିବା ୧୪-୧୫ ବର୍ଷ ବୟସର ପିଲାଙ୍କର ମଧ୍ କେଶ ଧଳା ଅକାଳରେ ହେଉଛି । ବିଶେଷଜ୍ଞଙ୍କ ମତରେ, ଏହା ପଛରେ ବିଭିନ୍ନ କାରଣମାନ, ରହିଛି ।**

- ପ୍ରଥମ କଥା ହେଲା, ପ୍ରଦୂଷଣର ସ୍ତର ଦିନକୁଦିନ ବଢ଼ିବାରେ ଲାଗିଛି । ଖାଦ୍ୟପାନୀୟ ବାବଦରେ ଯେତେ ସତର୍କ ହେଲେ ମଧ ପ୍ରଦୂଷଣର କୁପ୍ରଭାବରୁ ଆମେ ବର୍ତ୍ତିପାରୁନାହୁଁ । ଗାଡ଼ି ମଟର ଧୂଆଁ ସହ ଅପମିଶ୍ରିତ ଖାଦ୍ୟପାନୀୟ କାରଣରୁ ମଧ ଅକାଳରେ କେଶ ପାଚିଥାଏ ବୋଲି ପରୀକ୍ଷାରୁ ଜଣାପଡ଼ିଛି ।
- ଯୁବପିଢ଼ିଙ୍କର କେଶ ପାଚିବା ପଛର କାରଣ ହେଲା ସେମାନଙ୍କ ମାନସିକ ଚିନ୍ତା । କାମର ଚାପ ସହ ପରିବାରର ଦାୟିତ୍ୱ ବଢ଼ିଲେ ମଧ କେଶ ଉପରେ ପ୍ରଥମେ ପ୍ରଭାବ ପଡ଼େ । କେଶ ଦୁର୍ବଳ ହେବା ସହ ଝଡ଼ିଥାଏ ମଧ ।
- ପର୍ଯ୍ୟାପ୍ତ ପରିମାଣରେ ନିଦ ନ ହେବା ଅନ୍ୟତମ ମୁଖ୍ୟ କାରଣ ବୋଲି ବିଶେଷଜ୍ଞ କହିଛନ୍ତି ଏହା କାରଣରୁ କେଶ ପାଚିବା ସହ ଖୁବ ମାତ୍ରାରେ ଝଡ଼ିଥାଏ । ସକାଳ ଜଳଖିଆ ନକରିବା, ପନିପରିବା ଇତ୍ୟାଦି ନ ଖାଇବା କାରଣରୁ କେଶ ଉପରେ ଏସବୁର କୁପ୍ରଭାବ ପଡ଼ିଥାଏ ।
- ପ୍ରତ୍ୟହ ଦୁଗ୍ଧଜାତ ଦ୍ରବ୍ୟ ଖାଇବା ସହ ଆବଶ୍ୟକ ପରିମାଣରେ ପାଣି ପିଅନ୍ତୁ । ପାଣି ପିଇଲେ ତାହା କେଶ ପାଇଁ ଉତ୍ତମ ପ୍ରାକୃତିକ ମଏଶ୍ଚରାଇଜର ଭାବେ କାମ କରେ । ଏସବୁ ସହ ଅଁଳା ଫଳ ନଚେତ ରସକୁ ନିଜ ଡାଏଟରେ ସାମିଲ କରନ୍ତୁ ।
- ପ୍ରତ୍ୟହ ନିଜ କେଶରେ ତେଲ ମାଲିସ କରିବା ସହ ସପ୍ତାହକୁ ଥରୁଟିଏ କେଶକୁ ବାମ୍ଫ ଦେବା ଉଚିତ ।
- ପେସ୍ତାବାଦା, କାଜୁ ଇତ୍ୟାଦି ଡ୍ରାଏଫ୍ରୁଟସ ଖାଇଲେ ମଧ ଅକାଳପକ୍ୱତାରୁ ରକ୍ଷା ମିଳେ ।








## ତ୍ୱଚା ଭାଙ୍ଗ ଦୂରେଇବାର ଉପାୟ

**ନାମୀ ଦାମୀ କମ୍ପାନୀର କ୍ରିମ କିମ୍ବା ବ୍ୟୁଟି ପାର୍ଲରରେ ଉପଚାର କରିବା ପୂର୍ବରୁ ପ୍ରଥମେ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚା ନିମନ୍ତେ ଘରେ ପ୍ରସ୍ତୁତି କରନ୍ତୁ । ୩୦ ପାର ହେଲା ପରେ ମହିଳାଙ୍କ ମୁଖ୍ୟ ସମସ୍ୟା ହେଉଛି ତ୍ୱଚାରେ ଭାଙ୍ଗ ପଡ଼ିବା । ଏଥି ନିମନ୍ତେ କେତୋଟି ଘରୋଇ ଉପଚାର କରିବା ଜରୁରୀ ।**

ଭିଟାମିନ ଏ ଓ ଇ ଯୁକ୍ତ କଦଳୀ ଫଳଟି ଆମ ତ୍ୱଚା ଉପରେ ଖୁବ ଭଲ ପ୍ରଭାବ ପକାଇଥାଏ । ପାଚିଲା କଦଳୀକୁ ଭଲଭାବେ ଚକଟି ସେଥିରେ ୧ଚାମଚ ମହୁ ଓ ଗୋଲାପ ଜଳ ମିଶାଇ ପ୍ୟାକ ତିଆରି କରନ୍ତୁ । ଏବେ ସେହି ପ୍ୟାକକୁ ତ୍ୱଚାରେ ଲଗାଇ ୩୦ମିନିଟ୍ ପରେ ଧୋଇନେବେ । ସପ୍ତାହକୁ ଥରୁଟିଏ ଏହି ପ୍ୟାକ ଲଗାଇଲେ ତାହାର ପ୍ରଭାବ ପଡ଼େ ।

କଫି ଗୁର୍ଡ ତ୍ୱଚା ପାଇଁ ଏକ ଉତ୍ତମ ସ୍କ୍ରବ ହୋଇଥିବା ବେଳେ ତାହା ତ୍ୱଚାରୁ ମୃତକୋଷିକା ବାହାର କରିଦିଏ । ତ୍ୱଚାର ଭାଙ୍ଗ ଦୂରେଇବା ନିମନ୍ତେ କଫି ଗୁଣ୍ଡ ୧ଚାମଚରେ ନଡ଼ିଆ ତେଲ ଅଳ୍ପ ମିଶାଇ ତାହା ତ୍ୱଚାରେ ଓ ହାତ, ପାଦରେ ଲଗାଇ ୧୫ମିନିଟ ପରେ ମାଲିସ କରି ଧୋଇନେବେ । ପ୍ରତି ୨ଦିନରେ ଥରେ ଏହି ପ୍ୟାକ ଲଗାଇଲେ ଲାଭ ମିଳେ ।



## ଶୀତ ପୂର୍ବରୁ ପ୍ରସ୍ତୁତି

**ଆଉ ଦିନ କେଇଟାରେ ଶୀତର ଲହରୀ ପୂରା ଭାରତବର୍ଷରେ ଆରମ୍ଭ ହୋଇଯିବ । ଏଣୁ ଗୃହିଣୀମାନେ ପରିବାରର ସମସ୍ତ ସଦସ୍ୟଙ୍କୁ ଏଥରକ ଶୀତରେ ଫିଟ ରଖିବାକୁ ଚାହୁଁଥିଲେ, କେତୋଟି ସରଳ ଟିପ୍ସ ଅନୁସରଣ କରିବା ଉଚିତ ।**

♦ ଏବେଠାରୁ ପ୍ରତ୍ୟେକ ବ୍ୟଞ୍ଜନକୁ ଦେଶୀ ଘିଅରେ ପ୍ରସ୍ତୁତ କରନ୍ତୁ । ଅଳ୍ପ ପରିମାଣର ଦେଶୀ ଘିଅ ଉପଯୋଗ କରି ଆପଣ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରିପାରିବେ ।

♦ ବିଭିନ୍ନ ପ୍ରକାରର ପନିପରିବାକୁ ମିଶାଇ ବ୍ୟଞ୍ଜନ ତିଆରି କରନ୍ତୁ । ସପରିବାର ଏସବୁ ଖାଇବା ଉଚିତ । ଶୀତଦିନେ ଶରୀରକୁ ଅଧିକ ପରିମାଣରେ ପୋଷକତତ୍ତ୍ୱ ଆବଶ୍ୟକ ହୋଇଥାଏ । ଏଣୁ ପନିପରିବା ନିୟମିତ ଖାଇବା ଶରୀର ପାଇଁ ଭଲ ।

♦ ଥଣ୍ଡା ସର୍ଦ୍ଦିରୁ ରକ୍ଷା ପାଇବାକୁ ଚାହୁଁଥିଲେ ପ୍ରତ୍ୟହ ମହୁ ଖାଇବା ଉଚିତ । ଅଦା, ଲବଙ୍ଗ ମିଶା ଚା' ନିୟମିତ ଏଇ ଦିନେ ପିଇଲେ ଶରୀର ବେଶ୍ ଫୁର୍ତ୍ତି ଲାଗିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆଶାର ସଞ୍ଚାର...

ସମସ୍ୟା ଯେତେ ଜଟିଳ ହେଉନା କାହିଁକି; ତା'ର କିଛି ନା କିଛି ସମାଧାନ ପନ୍ଥା ରହିଛି ଏବଂ ଏହା ଦିନେ ନା ଦିନେ ହାସଲ କରାଯାଇପାରିବ । ମହାମାରୀ ମରୋନା ଏବେ ସାରା ବିଶ୍ୱକୁ ଆକ୍ରାନ୍ତ କରିଥିବା ବେଳେ ଗୁରୁତର ରୋଗୀଙ୍କ ପ୍ରାଣରକ୍ଷା ଓ ଚିକିତ୍ସା ପାଇଁ ପ୍ଲାଜମା ଚିକିତ୍ସା ପଦ୍ଧତି ଆପଣାଯାଇ ସେଥିରୁ ସଫଳତା ମିଳିପାରିଛି । ଏହା ରୋଗୀଙ୍କଠାରୁ ନେଇ ଚିକିତ୍ସାବିଜ୍ଞାନୀ ସମସ୍ତଙ୍କୁ କିଛିମାତ୍ରାରେ ଆଶ୍ୱସ୍ତି ପ୍ରଦାନ କରିଛି । ଓଡ଼ିଶା ସମେତ ଦେଶର ସବୁ ହସପିଟାଲରେ ଏବେ ଲକ୍ଷ ଲକ୍ଷ କରୋନା ଆକ୍ରାନ୍ତ ଚିକିତ୍ସାଧିନ ଅଛନ୍ତି । ସେମାନଙ୍କ ମଧରୁ ଅନେକ ରୋଗୀଙ୍କ ଅସ୍ଥା ସଂକଟାପନ୍ନ ରହିଛି । ସେହିସବୁ ରୋଗୀଙ୍କୁ କିଭଳି ବଞ୍ଚାଇହେବ ଓ କରୋନା ସଂକ୍ରମଣରୁ ରକ୍ଷା କରାଯାଇପାରିବ, ତାହା ସରକାରଙ୍କଠାରୁ ଆରମ୍ଭକରି ଚିକିତ୍ସକଙ୍କ ପାଇଁ ବଡ଼ ଚାଲେଞ୍ଜ ପାଲଟିଛି । ସେପରିସ୍ଥଳେ ଗୁରୁତର ଅସୁସ୍ଥଙ୍କଠାରେ ପ୍ଲାଜମା ଥେରାପି ପଦ୍ଧତି ପ୍ରୟୋଗ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ଲାଜମା ଥେରାପିକୁ ଆପଣାଯାଇ ରୋଗୀଙ୍କ ଚିକିତ୍ସା କରାଯିବା ପ୍ରଶ୍ନକୁ ନେଇ କିଛିଟା ଦ୍ୱନ୍ଦ୍ୱ ଥିଲା । କିନ୍ତୁ ଆଇସିଏମଆର, ଏମସିଆଇଙ୍କ ସମ୍ମତି ଓ ସହଯୋଗ କ୍ରମେ ଏହି ଚିକିତ୍ସା ପଦ୍ଧତି ଏବେ କାର୍ଯ୍ୟକାରୀ କରାଯାଉଛି ଏବଂ ଅନେକ ରୋଗୀଙ୍କଠାରେର ଏହା କାମ ଦେଇଛି ଓ ସେମାନେ ସୁସ୍ଥ ହୋଇଥିବା ଜଣାପଡ଼ିଛି । ତେଣୁ କରୋନା ଯୁଦ୍ଧରେ ଏହା ପ୍ରଥମ ସଫଳ ଅସ୍ତ୍ର ବୋଲି କୁହାଯାଇପାରେ । ତେବେ ଏହା କେବଳ ଏକ ଚିକିତ୍ସା ପଦ୍ଧତି ମାତ୍ର, ଏ ମହାମାରୀ ପାଇଁ ପ୍ରତିଷେଧକ ନୁହେଁ । ପ୍ଲାଜମା ଥେରାପି କହିଲେ ସାଧାରଣ ଭାବେ ବୁଝିବାକୁ ହେବ ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ରକ୍ତରେ ଏହା ମହଜୁଦ ରହିଛି । ଲୋହିତ ରକ୍ତକଣିକା ଓ ଶ୍ୱେତ ରକ୍ତକଣିକା ବ୍ୟତୀତ ଏହା ହେଉଛି ରକ୍ତର ଅନ୍ୟତମ ପ୍ରମୁଖ ଉପାଦାନ, ଯେଉଁଥିରେର ରୋଗପ୍ରତିରୋଧୀ ଶକ୍ତି ଥାଏ । ଏବେ ଯେଉଁ ପ୍ଲାଜମାକୁ ସଂଗ୍ରହ କରାଯାଉଛି, ତାହା ହେଲା ପୂର୍ବରୁ କରୋନା ସଂକ୍ରମଣର ଶିକାର ହୋଇ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ପ୍ଲାଜମା । ସେମାନଙ୍କଠାରୁ ସଂଗୃହୀତ ରକ୍ତରୁ ପ୍ଲାଜମାକୁ ପୃଥକ୍ କରାଯାଇଥାଏ । ସେହି ପ୍ଲାଜମାରେ ଯେଉଁ ଆଣ୍ଟିବଡି ଥାଏ, ତାହା ହେଉଛି କରୋନାକୁ ପ୍ରତିହତ କରିବାର କ୍ଷମତା, ଯାହାକି ଜଣେ ଆକ୍ରାନ୍ତ ଓ ଆରୋଗ୍ୟ ବ୍ୟକ୍ତିଙ୍କ ଶରୀର ନିଜସ୍ୱ ଭାବେ ସୃଷ୍ଟି କରିଛି । ସେହି ପ୍ଲାଜମାକୁ ଗୁରୁତର ରୋଗୀଙ୍କଠାରେ ଦିଆଗଲେ ସେଥିରୁ ତତ୍କାଳ ସୁଫଳ ମିଳିବାର ସମ୍ଭାବନା ରହିଛି ଓ ତାହା ପ୍ରମାଣିତ ହୋଇଛି । କାରଣ ଯେଉଁ ରୋଗୀଙ୍କ ଶରୀରରରେ କରୋନା ଭୂତାଣୁକୁ ପ୍ରତିହତ କରିବାର ନିରୋଧୀ ଶକ୍ତି ସୃଷ୍ଟି ହୋଇପାରୁନାହିଁ (ଏବଂ ଏହା ସମୟସାପେକ୍ଷ ମଧ) ସେମାନଙ୍କ ରକ୍ତରେ ବାହ୍ୟ ପ୍ଲାଜମା ରୋଗନିରୋଧୀ ଶକ୍ତି ଭାବେ କାର୍ଯ୍ୟ କରିଥାଏ । ତେବେ ଏହାର ମଧ ସୀମିତତା ରହିଛି । ଯେଭଳିକି, ଯେତେବେଳେ ଗୁରୁତର କରୋନା ଆକ୍ରାନ୍ତଙ୍କ ସଂଖ୍ୟ ବୃଦ୍ଧି ପାଇବ ସେହି ସଂଖ୍ୟକ ଓ ସେତିକି ପରିମାଣର ପ୍ଲାଜମା ମିଳିବା କଷ୍ଟକର । ପୁଣି ପ୍ଲାଜମା ପ୍ରଦାନକାରୀ (ଡୋନର) ବ୍ୟକ୍ତି ଓ ରୋଗୀ ସମାନ ବ୍ଲଡ ଗ୍ରୁପର ହୋଇଥିବା ଆବଶ୍ୟକ । ଏହା ବ୍ୟତୀତ ଡୋନରଙ୍କଠାରେ ଅନ୍ୟ କୌଣସି ପ୍ରକାର ରକ୍ତଜନିତ ବ୍ୟାଧି ନଥିବା ବାଞ୍ଛନୀୟ । ଅନ୍ୟଥା, ପ୍ଲାଜମା ଗ୍ରହଣକାରୀ ରୋଗୀ କରୋନାରୁ ଆରୋଗ୍ୟ ହେବେ ସିନା, ଆଉ କିଛି ରକ୍ତବାହିତ ରୋଗର ବୋଝକୁ ଜୀବନସାରା ତାଙ୍କୁ ମୁଣ୍ଡାଇବାକୁ ପଡ଼ିପାରେ । ତେଣୁ ଏହା ଏକ ଦ୍ୱିଧାରଯୁକ୍ତ ଖଣ୍ଡା । କିନ୍ତୁ ବାଆକୁ ବତା ଭଳି ପରିସ୍ଥିତିର ଜଟିଳତା ଦୃଷ୍ଟିରୁ ଏବେ ପ୍ଲାଜମା ଥେରାପି ହିଁ ରୋଗୀଙ୍କ ଜୀବନ ରକ୍ଷା ପାଇଁ ଏକମାତ୍ର ସାହାରା ପାଲଟିଛି ଓ ତାକୁ ଆପଣାଯାଇଛି । ଏହି ପଦ୍ଧତିରେ ରୋଗୀମାନଙ୍କ ଜୀବନ ବଞ୍ଚାଯାଉଥିବା ବେଳେ ପ୍ରତିଷେଧକ ଟୀକା ପାଇଁ ବ୍ୟାପକ ଗବେଷଣା ଜାରି ରହିଛି । ସେସବୁର ମାନବୀୟ ପରୀକ୍ଷଣ ମଧ କରାଯାଇଛି । ସେଥିରୁ ପ୍ରାଥମିକ ସଫଳତା ପ୍ରାପ୍ତ ହୋଇଛି । ବିଜ୍ଞାନ କେବଳ ଏକ ଅସ୍ତ୍ର ମାତ୍ର । କିନ୍ତୁ ମାନବର ଚିନ୍ତା ଓ ଚେତନା ଅସୀମ । ସେଇ ଚିନ୍ତା ହିଁ ଏବେ ବିଜ୍ଞାନକୁ ଅସ୍ତ୍ର କରି କରୋନା ବିରୋଧରେର ଲଢ଼େଇ କରୁଛି । କେବଳ ଭାରତ ନୁହେଁ, ଏ ଲଢ଼େଇରେ ସମଗ୍ର ମାନବ ସମାଜ ସାମିଲ ହୋଇଛନ୍ତି । କାରଣ ମାନବ ସଭ୍ୟତାକୁ ଧ୍ୱଂସ କରିବା ଭଳି ଏକ ଅପଶକ୍ତି ରୂପେ କରୋନା ଉଭା ହୋଇଛି । ଅତୀତରେ ଏହିଭଳି ଅନେକ ମହାମାରୀକୁ ମାନବ ସମାଜ ସାମ୍ନା କରିଛି । ଅସଂଖ୍ୟ ମୁଣ୍ଡ ଗଡ଼ିଛି । କିନ୍ତୁ ରୋଗ ନିକଟରେ ହାର ମାନିନାହିଁ ମଣିଷର ମନ ଓ ଚିନ୍ତନ । ସେଇ ଚିନ୍ତନ ପାଇଁ ଆଜି ପରୀକ୍ଷାର ଘଡ଼ି । ପ୍ଲାଜମା ଥେରାପି ତା'ର ପ୍ରଥମ ସଫଳତା, ଶେଷ ନୁହେଁ ।




## ରାତି.....

**ଦିଲିପ୍ କୁମାର ତ୍ରିପାଠୀ**

ସାରା ଦିନର ଥକ୍କା ଯିଏ ଦୂରେଇଦିଏ
ସିଏ ରାତି
କୋଳକୁ ଆଉଜି ନେଇ
ଥାପୁଡ଼େଇ ଶୋଆଇଦିଏ ଯିଏ
ସିଏ ରାତି
ଅନ୍ଧାରରେ ବି ମଣିଷ ଚିହ୍ନିବାର
କଳା ଯିଏ ଶିଖାଏ
ସିଏ ରାତି

ଜୀଇଁ ରହିବାର ଜିଦ୍
ଯେତେବେଳେ ଅତି ହୁଏ
ସମ୍ପର୍କରେ ଯେତେବେଳେ ଇତି ହୁଏ
ମନ ଖୋଜେ ନୀରବତା, ନିର୍ଜନତା
ଯେତେବେଳେ ରାତି ହୁଏ ।
ଖୋଜି ଚାଲେ ନିଜକୁ ନିଜ ଭିତରେ
କରିଚାଲେ ଆତ୍ମ ମନ୍ଥନ

ନିଶୁନ ଆଉ ବିଜନ ବେଳାର ହାତଧରି
ରାତି ଧୀରେ ଧୀରେ ପାଦ ବଢ଼ାଏ
ଚୁପ କରି ପାଖରେ ବସେ
କଥା ହେବା ପାଇଁ କେହିତ ଆସେ

କେହିତ ଜଣେ ଶୁଣେ ମୋ କଥା
ବିନା ସର୍ତ୍ତରେ...

ରାତି ହିଁ ଜଣାଏ ନିଶ୍ୱାସ ଚାଲିଛି ବୋଲି
ବିଶ୍ୱାସ ଦିଏ ମୁଁ ବଞ୍ଚିଛି ବୋଲି
ବେଳେବେଳେ ଏଇ ଅନ୍ଧାର ହିଁ
ଦେଖାଏ ଆଲୋକର ରାସ୍ତା
କିଛି ନୂଆ କରିବାର ଆସ୍ଥା
ସ୍ୱପ୍ନ ଦେଖିବାର ବ୍ୟବସ୍ଥା

ରାତି ଜହ୍ନ ସହ ଚିନ୍ତା କରାଏ
ତାରା ମାନଙ୍କୁ ସାଙ୍ଗ କରାଏ
ଆଖିରେ ମେଞ୍ଚେ ନିଦ ମାଖିଦେଇ
ସାରା ରାତି ଜଗି ବସେ
ମାଆଟେ ପରି
ବନ୍ଧୁଟେ ପରି
ସ୍ତ୍ରୀ ଟେ ପରି

ଯିବା ଆଗରୁ
ସୂର୍ଯ୍ୟକୁ ନିଦରୁ ଓଠାଏ
ସକାଳର ହାତଧରି ଛାଡ଼ିଦେଇ ଯାଏ
ନୂଆ ଆଶାର ଆଲୋକ ବିଞ୍ଚିଦେଇ ଯାଏ
ସାରା ପୃଥିବୀରେ
ପଛକୁ ଚାହିଁ ମୁଚକି ହସି ଦିଏ
ସତେ ଯେମିତି କହୁଥାଏ--
"ମୁଁ ପୁଣି ଆସିବି
ନିଦ ନେଇ,
ସ୍ୱପ୍ନ ନେଇ,
ଆଶା ନେଇ"!

+ ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ
ଦୂରଭାଷ: ୯୭୭୮୧୦୬୧୦୫/ ୯୯୧୬୦୬୫୮୬୬

# ଚୀନର ଲଦାଖ ଚିନ୍ତା

**ଗୋପାଳ ମହାପାତ୍ର**



ଚୀନ ହଠାତ୍ ଗଲବାନ ଘାଟି ନିକଟରେ ସେନା ଠୁଳ କରିବା ଓ ଗତ ମାସ ୧୫ ତାରିଖ ରାତିରେ ଚୀନ ସେନା ଭାରତୀୟ ସେନାଙ୍କ ଉପରେ ଆକ୍ରମଣ କରିବାର କାରଣ କ'ଣ ହୋଇପାରେ? କ'ଣ ପାଇଁ ଚୀନ ଏଭଳି କଲା? ଦୁଇ ପକ୍ଷ ମଧ୍ୟରେ ବାରମ୍ବାର ଆଲୋଚନା ପରେ ମଧ ଚୀନ ପଛକୁ ହଟିବାକୁ ନାରାଜ ଥିଲା କିନ୍ତୁ ପରେ ଏବେ କୁଟନୈତିକ ଚାପ ଯୋଗୁଁ ପଛକୁ ହଟିଛି। ଚୀନ ଏକଥା ମଧ ଜାଣିଛି ଯେ ସମଗ୍ର ବିଶ୍ୱ ତା ବିରୁଦ୍ଧରେ। ବିଶ୍ୱର ସବୁଦେଶ ଏକମତ ଯେ ଚୀନର ଉହାନ ପରୀକ୍ଷାଗାରରୁ ଆସିଥିବା ଭାଇରସ ଏବେ ତାଣ୍ଡବଲୀଳା କରୁଛି। ଚୀନ ଏହି କୋରେନା ଭାଇରସ ପ୍ରସଙ୍ଗକୁ ପ୍ରଥମେ ଲୁଚେଇବାକୁ ଚାହୁଁଥିଲା କିନ୍ତୁ ପରେ ସୂଚନା ଦେବାକୁ ବାଧ ହେଲା। କିନ୍ତୁ ପ୍ରଥମରୁ ଲୁଚେଇବା କାରଣରୁ ଏହି ଭାଇରସ ବିଶ୍ୱର ଅନେକ ଦେଶକୁ ବ୍ୟାପିଯାଇଛି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ବିଳମ୍ବରେ ହେଲେ ମଧ ଏକଥାକୁ ଏବେ ସ୍ୱୀକାର କଲେଣି। ଯଦି ଠିକ୍ ସମୟରେ ଚୀନ ବିଶ୍ୱର ଅନ୍ୟଦେଶମାନଙ୍କୁ କୋରେନା ପ୍ରସଙ୍ଗରେ ସୂଚନା ଦେଇଥାନ୍ତା। ତେବେ ଏହାର ମୁକାବିଲା କରାଯାଇପରିଥାନ୍ତା ଓ ଏହା ଅଧିକ ସଂକ୍ରମିତ ହୋଇପାରିନଥାନ୍ତା। ଏହି ତଥ୍ୟ ଲୁଚେଇବା ଘଟଣା ପାଇଁ ବିଶ୍ୱର ଅନେକ ଦେଶଙ୍କ ନଜରରେ ଏବେ ଚୀନ ତା'ର ବିଶ୍ୱସନୀୟତା ହରାଇଛି। ଏଭଳି ବିପରିତ ପରିସ୍ଥିତି ଥିବାବେଳେ ଲଦାଖରେ ଏଭଳି ଦୁଃସାହାସ ଚୀନ କଲା କାହିଁକି? ଏହା ଏକ ବିଚାରଣୀୟ ପ୍ରଶ୍ନ ନିଶ୍ଚୟ। ଚୀନର ଏଭଳି କରିବା ପଛରେ କେଉଁଠି ନା କେଉଁଠି ଜାମ୍ମୁ-କାଶ୍ମୀର ର ପୁର୍ନଗଠନ ରହିଛି ଓ ଭାରତୀୟ ସମ୍ବିଧାନରୁ ଧାରା ୩୭୦ ଉଠିବା ସହ ଯୋଡ଼ିହୋଇଯାଇଛି।

ଲଦାଖ ଏକ ସ୍ୱତନ୍ତ୍ର ରାଜ୍ୟ ହେବାପରେ ଦୁଇଟି ନୂଆ ଶବ୍ଦର ପ୍ରଚଳନ ଆରମ୍ଭ ହୋଇଛି। ପ୍ରଥମ ଶବ୍ଦ ସିଓଏଲ ବା ଚୀନ ଅକୁପାଏଡ୍ ଲଦାଖ ଏବଂ ଦ୍ୱିତୀୟ ଶବ୍ଦଟି ହେଉଛି ପିଓଏଲ ବା ପାକ୍ ଅକୁପାଏଡ୍ ଲଦାଖ। ପାକିସ୍ତାନ ପୂର୍ବରୁ ଜାମ୍ମୁ-କାଶ୍ମୀରର ଯେଉଁ ଅଞ୍ଚଳକୁ କବ୍ଜା କରିଛି ତାକୁ ପାକ୍ ଅଧିକୃତ କାଶ୍ମୀର କୁହାଯାଉଥିଲା। ଯାହାକୁ ପାକିସ୍ତାନ ଆଜାଦ୍ କାଶ୍ମୀର ବୋଲି କହୁଛି। ପାକିସ୍ତାନ ନିଜର ପ୍ରଶାସନିକ କ୍ଷେତ୍ର ମଧରେ ଗିଲଗିଟ୍ ଏବଂ ବାଲଟିସ୍ଥାନ କୁ ସାମିଲ କରିନଥିଲା। ଏହି କାରଣରୁ ପୁରା ପ୍ରସଙ୍ଗରେ ସର୍ବାଧିକ ମହତ୍ୱପୂର୍ଣ୍ଣ ଗିଲଗିଟ୍ ବାଲଟିସ୍ଥାନ ଦୃଷ୍ୟପଟ୍ଟରୁ ଲୁଚି ଯାଇଥିଲା। ଏହି ଘଟଣା ଚୀନ ଏବଂ ପାକିସ୍ତାନ ଉଭୟଙ୍କ ପାଇଁ ଅନୁକୂଳ ଥିଲା। କିନ୍ତୁ ଲଦାଖକୁ ଭାରତ ସରକାର ଯେତେବେଳେ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିଦେଲେ ସେତେବେଳେ ଏ ପ୍ରସଙ୍ଗ ସମସ୍ତଙ୍କ ନଜରକୁ ଆସିଲା। ଗିଲଗିଟ୍-ବାଲଟିସ୍ଥାନ ପାକ୍ ଅଧିକୃତ କାଶ୍ମୀର ନୁହେଁ। ଏହା ଭୌଗୋଳିକ, ପ୍ରଶାସନିକ ଦୃଷ୍ଟିକୋଣରୁ ସଂପୂର୍ଣ୍ଣ ଭିନ୍ନ। ଯେଉଁ ଅଞ୍ଚଳକୁ ପାକ୍ ଅଧିକୃତ କାଶ୍ମୀର କୁହାଯାଉଛି ତାକୁ ୧୯୪୭-୪୮ରେ ପାକିସ୍ତାନ କବ୍ଜା କରିନେଇଥିଲା। କିନ୍ତୁ ଗିଲଗିଟ୍-ବାଲଟିସ୍ଥାନର ଇତିହାସ ଭିନ୍ନ। ଇଂରେଜମାନେ ଗିଲଗିଟ୍ ଅଞ୍ଚଳକୁ ଜାମ୍ମୁ-କାଶ୍ମୀର ମହାରାଜାଙ୍କ ଠାରୁ ୧୮୪୬ ମସିହାରେ ଲିଜ୍ ସୂତ୍ରରେ ନେଇଥିଲେ। କାରଣ ଥିଲା ଉଚ୍ଚ ପାର୍ବତ୍ୟ ଅଞ୍ଚଳକୁ ସବୁ ଦିଗକୁ ଦୃଷ୍ଟି ରଖିହେବ। ସେଠାରେ ଗିଲଗିଟ୍ ସ୍କାଉଟ୍ସ ନାମକ ଏକ ଫୋର୍ସ ମଧ ଥିଲେ। ଇଂରେଜମାନେ ଯେତେବେଳେ ଭାରତ ଛାଡ଼ିଲେ ସେତେବେଳେ ଗିଲଗିଟ୍ ଅଞ୍ଚଳକୁ ତତ୍କାଳୀନ ମହାରାଜାଙ୍କୁ ଫେରାଇ ଦେଇଥିଲେ। ମହାରାଜା ଗିଲଗିଟ୍ ସ୍କାଉଟସର ବ୍ରିଗେଡିୟର ଧନସାର ସିଂହଙ୍କୁ ସେଠାକାର ଗଭର୍ଣ୍ଣର ନିଯୁକ୍ତ କରିଥିଲେ। କିନ୍ତୁ ପାକିସ୍ତାନୀମାନେ ଯେତେବେଳେ ଦେଶ ସ୍ୱାଧିନ ହେବାର କିଛି ମାସ ପରେ କାଶ୍ମୀର ଉପରେ ଆକ୍ରମଣ କଲେ ଜାମ୍ମୁ-କାଶ୍ମୀର ମହାରାଜା ୧୯୪୭ ମସିହା ଅକ୍ଟୋବର ୩୧ ତାରିଖରେ ରାଜ୍ୟକୁ ଭାରତ ସହ ମିଶ୍ରଣ ପାଇଁ ଚୁକ୍ତି ସ୍ୱାକ୍ଷରିତ କଲେ। ଏଣୁ ଗିଲଗିଟ୍-ବାଲଟିସ୍ଥାନ ଭାରତର ଅଞ୍ଚଳରେ ପରିଣତ ହେଲା। କିନ୍ତୁ ମହାରାଜାଙ୍କ ସେନା ମୁଖ୍ୟ ଥିବା ମେଜର ଡବ୍ଲ୍ୟୁ ଏ ବ୍ରାଉନ ବିଶ୍ୱାସଘାତକତା କରି ଗିଲଗିଟର ଗଭର୍ଣ୍ଣର ଧନସାର ସିଂହଙ୍କୁ ବନ୍ଦୀ କରିଦେଲେ ଓ ସେତେବେଳର ଇଂରେଜ ସିନିଅର ଲେଫ୍ଟନାଣ୍ଟ କର୍ଣ୍ଣେଲ ରୋଜର ବେକନଙ୍କୁ ଖବର ଦେଇଥିଲେ ଯେ ଗିଲଗିଟ ପାକିସ୍ତାନର ଅଂଶ ବିଶେଷ ହେବାକୁ ଯାଉଛି। ବ୍ରାଉନ ଗିଲଗିଟ୍ ଅଞ୍ଚଳରେ ପାକିସ୍ତାନର ପତାକା ଉଡ଼ାଇଦେଲେ। ଇଂରେଜମାନଙ୍କ ବିଶ୍ୱାସଘାତକତା କାରଣରୁ ୨ନଭେମ୍ବର ୧୯୪୭ ରୁ ଏହି ଅଞ୍ଚଳ ପାକିସ୍ତାନରେ ରହିଛି। ପାକିସ୍ତାନରେ ପାକ୍ ଅଧିକୃତ କାଶ୍ମୀର ପାଇଁ ଅଲଗା ସମ୍ବିଧାନ ରହିଛି ଓ ପାକ୍ ସରକାରଙ୍କ ଇଶାରାରେ ଏଠି ଶାସନ ଚାଲିଛି। କିନ୍ତୁ ଗିଲଗିଟ୍-ବାଲଟିସ୍ଥାନ ସିଧାସଳଖ ପାକ୍ ସରକାରଙ୍କ ନିୟନ୍ତ୍ରଣରେ। ଏହି ଅଞ୍ଚଳ ଗୁରୁତ୍ୱପୂର୍ଣ୍ଣ ଏଇଥିପାଇଁ ଯେ ଏହାର ସୀମା ପଶ୍ଚିମରେ ଖାଇବର-ପଖତନୁଖା ପର୍ଯ୍ୟନ୍ତ, ଉତ୍ତରରେ ଆଫଗାନିସ୍ତାନର ବାଖାନ ଗଲିଆରା, ଉତ୍ତର-ପୂର୍ବରେ ଚୀନ ସିଜିଆଙ୍ଗ୍ ପର୍ଯ୍ୟନ୍ତ ରହିଛି। ଦକ୍ଷିଣରେ ଏବଂ ଦକ୍ଷିଣ ପୂର୍ବରେ ଏହା ଭାରତର ଜାମ୍ମୁ-କାଶ୍ମୀର ପର୍ଯ୍ୟନ୍ତ ଲାଗିଛି।

ଲଦାଖ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେବା ପରେ ସମସ୍ତଙ୍କ ନଜର ଗିଲଗିଟ୍ ବାଲଟିସ୍ଥାନ ଉପରେ ପଡ଼ିଛି। କାରଣ ଆଇନଗତ ଭାବେ ଜାମ୍ମୁ-କାଶ୍ମୀର ମହାରାଜାଙ୍କ ଚୁକ୍ତି ପରେ ଗିଲଗିଟ୍-ବାଲଟିସ୍ଥାନ ଭାରତର। ଭାରତ ମଧ ଏହାକୁ ଅଭିନ୍ନ ଅଂଗ ବୋଲି ମାନିଆସିଛି। ଲଦାଖ ସ୍ୱତନ୍ତ୍ର ରାଜ୍ୟ ନହେବା ପର୍ଯ୍ୟନ୍ତ ଜାମ୍ମୁ-କାଶ୍ମୀରର ଅଂଶ ଥିଲା। ଜାମ୍ମୁ-କାଶ୍ମୀରର ସରକାରମାନେ ସବୁବେଳେ କାଶ୍ମୀର କେନ୍ଦ୍ରୀତ ରହୁଥିଲେ ଓ ଲଦାଖର ବିକାଶକୁ ଅଣଦେଖା କରୁଥିଲେ। ବଜେଟ୍‌ର ଅଧିକ ଭାଗ କାଶ୍ମୀର ପାଇଁ ବ୍ୟୟ କରାଯାଉଥିବାବେଳେ କିଛି ଅଂଶ ଜାମ୍ମୁ ପାଇଁ ବ୍ୟୟ କରାଯାଉଥିଲା। ଲଦାଖ ପାଇଁ ଜାମ୍ମୁ-କାଶ୍ମୀର ସରକାରଙ୍କ ବ୍ୟୟ ନଗଣ୍ୟ ଥିଲା। ଏହି ବ୍ୟବସ୍ଥା ପାକିସ୍ତାନ ଓ ଚୀନକୁ ସୁହାଉଥିଲା।

+ ରାମଚନ୍ଦ୍ରପୁର ରଣପୁର,
ମୋ.-୯୪୩୮୪୮୫୦୯୪

# ଭାରତୀୟ ସ୍ୱାଧିନତା ପାଇଁ ଆମେରିକାର ଦାନ!

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**

ଭାରତର ସ୍ୱାଧିନତା ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ଅହିଂସା ସଂଗ୍ରାମ ରୂପି ମହା ନାଟକ ଚାଲିଥିଲା, ତାହାର ନେପଥ୍ୟରେ ଅନେକ ଅଙ୍କ ଅଭିନୟ ହୋଇଥିଲା, ଯାହାକି ଆପାତତଃ ଆମର ଅଜଣା ରହିଯାଇଛି । ସେଥିରୁ ଗୋଟିଏ ହେଉଛି ଇଂଲଣ୍ଡ ଓ ତାର ଦ୍ୱିତୀୟ ବିଶ୍ୱଯୁଦ୍ଧର ସହଯୋଗୀ ବନ୍ଧୁ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଭାରତ ସ୍ୱାଧିନତା ପ୍ରଦାନକୁ ନେଇ ତୀବ୍ର ମତ ପାର୍ଥକ୍ୟ । ଏପରିକି ଏକ ସମୟରେ ଆମେରିକା ଇଂଲଣ୍ଡକୁ ଆର୍ଥିକ ଅନୁଦାନ ଦେଉଥିବା ଲେଣ୍ଡ-ଲିଜ ଚୁକ୍ତିକୁ ଭାରତକୁ ସ୍ୱାଧିନତା ନଦେଲେ ବାତିଲ କରିଦେବ ବୋଲି ଧମକ ଦେଇଥିଲା । ୧୪୯୮ ମସିହାରେ କଲମ୍ବସଙ୍କ ଦ୍ୱାରା ଜଳପଥ ଆବିଷ୍କୃତ ହେଲା ପରେ ଅନେକ ୟୁରୋପୀୟ ବଣିକ ମାନେ ନିଜର ଭାଗ୍ୟ ପରୀକ୍ଷା ପାଇଁ ସେହି ଦେଶ ବା ନୂତନ ପୃଥିବୀରେ ବସତି ସ୍ଥାପନ କଲେ । ଇଂଲଣ୍ଡର ଅନେକ ସ୍ୱାଧିନଚେତା ନାଗରୀକ ଧର୍ମ ବିଦ୍ୱେଷୀ ଓ ପୁରୁଣା କାଳିଆ ପରମ୍ପରାରୁ ରକ୍ଷା ପାଇବା ପାଇଁ ଆମେରିକା ଚାଲିଗଲେ ଓ ସେଠାରେ କଲୋନି ମାନ ସ୍ଥାପନ କରି ବଡବଡ କପା ଓ ଗହମ କ୍ଷେତର ମାଲିକ ହେଲେ । କାଳକ୍ରମେ ଇଂଲଣ୍ଡକୁ ଯୁଦ୍ଧରେ ପରାସ୍ତ କରି ସେମାନେ ଆଧୁନିକ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରର ସ୍ଥାପନା କଲେ (୧୭୮୩) । ଇଂଲଣ୍ଡର ସାମ୍ରାଜ୍ୟବାଦ ନିତୀର ପ୍ରତିବାଦରେ ସାରା ବିଶ୍ୱରୁ ସାମ୍ରାଜ୍ୟ ବାଦ, ଶୋଷଣ, ଉପନିବେଶର ଉଚ୍ଛେଦ ଏହି ନୂତନ ରାଷ୍ଟ୍ରର ଲକ୍ଷ୍ୟ ହେଲା ବୋଲି ଘୋଷଣା କରାଗଲା (ବିଲ ଅଫ୍ ରାଇଟ) । ସେତେବେଳକୁ ବ୍ରିଟିଶ ସାମ୍ରାଜ୍ୟ ଅଧା ପୃଥବୀ ରେ ବ୍ୟାପିଥିଲା । (ଜ୍ଞଷର ଝଙ୍କଭ ଭରଙ୍ଗରକ୍ସ ଖ୍ୱରସ୍ତ୍ରଖ୍ୱ ସଭ ଇକ୍ସସ୍ତ୍ରସସ୍ତ୍ରଷ ରଞ୍ଜ-କ୍ସସକ୍ସର) ସାରା ବିଶ୍ୱର ସଂପଦ ଶୋଷଣ କରି ଇଂଲଣ୍ଡ ଦିନକୁ ଦିନ ଧନୀ ହେଉଥିଲା ଓ ଉପନିବେଶ ମାନ ଦାରିଦ୍ର୍ୟରେ ସଢୁଥିଲେ । ଭାରତ ଥିଲା ଏହାର ମୁକୁଟର ମଣି ପରି (ଔରଙ୍ଗରକ୍ଷ ସଭ ଇକ୍ସସ୍ତ୍ରସସ୍ତ୍ରଷ ଉକ୍ସଙ୍କଗଭ)।

ସ୍ୱାଧିନତା ପରେ ଦୁଇଶହ ବର୍ଷ ଧରି ଆମେରିକା ବିଶ୍ୱ ରାଜନିତୀରୁ ନିଜକୁ ଦୁରେଇ ରଖିଥିଲା । ୧୯୪୧ ମସିହା ଡିସେମ୍ବର୭ ତାରିଖରେ ଜାପାନ ଆମେରିକାର ପର୍ଲହାରବର ଠାରେ ଥିବା ନୌଘାଟି ଉପରେ ଅତର୍କିତ ଆକ୍ରମଣ କରିବାରୁ ଆମେରିକା ମିତ୍ର ପକ୍ଷରେ ଯୁଦ୍ଧରେ ଯୋଗ ଦେଲା । ଏହି ଘଟଣା ପରେ ଚର୍ଚ୍ଚିଲ ଆମେରିକା ଯାଇ ପ୍ରେସିଡେଂଟ ରୁଜଭେଲଟଙ୍କୁ ସାକ୍ଷାତ କରିଥିଲେ । ରୁଜଭେଲଟ କଥାବାର୍ତ୍ତା ବେଳେ ଭାରତ ପ୍ରସଙ୍ଗ ଉଠାଇଥିଲେ । ଯାହା ଚର୍ଚ୍ଚିଲଙ୍କୁ ଅପ୍ରସ୍ତୁତ କରିଥିଲା । ୧୯୪୨ ମସିହା ଜୁଲାଇ ୭ ତାରିଖରେ ଆଟଲାଂଟିକ ଚୁକ୍ତିରେ ଉଭୟ ଦେଶ ସ୍ୱାକ୍ଷର କରିଥିଲେ । ଏଥିରେ ଉଲ୍ଲେଖ ରହିଲା, ସାରା ବିଶ୍ୱରୁ ସାମ୍ରାଜ୍ୟ ବାଦର ବିଲୋପ ହେବ, ଲୋକ ମାନେ କିପରି ଶାସିତ ହେବେ ତାହା ସେମାନେ ନିଜେ ସ୍ଥିର କରିବେ । ଭାରତ ସେତେବେଳେ ବ୍ରିଟିଶ ଅଧିନରେ ଥିବାରୁ ତାକୁ ଶୀଘ୍ର ସ୍ୱାଧିନତା ଦେବା ପାଇଁ ଏଥିରେ ନିର୍ଦ୍ଦେଶ ରହିଲା । ସ୍ୱାଧିନ ଭାରତକୁ ବନ୍ଧୁରୂପେ ପାଇବା ପାଇଁ ଆମେରିକା ବ୍ୟାକୁଳ ଥିଲା । ଭାରତକୁ ସ୍ୱାଧିନତା ଦେବାରେ ଟାଳଟୁଳ କରୁଥିବାରୁ ଆମେରିକାର ବୈଦେଶିକ ସଚିବ ଅସନ୍ତୋଷ ପ୍ରକାଶ କଲେ। ହଲର୍ଡଙ୍କ ଦ୍ୱାରା ଇଂଲଣ୍ଡର ରାଜଦୂତ ଲର୍ଡ ହାଲିଫାକ୍ସ ଓ ଭାରତର ଆମେରିକାରେ ଅବସ୍ଥାପିତ ବ୍ରିଟିଶ ସରକାରଙ୍କ ଏଜେଂଟ ଗିରିଜା ଶଙ୍କର ବାଜପେୟୀଙ୍କୁ ଜଣାଇ ଦିଆଗଲା(୩.୬.୧୯୪୨) ।୧୮.୬.୧୯୪୨ ରେ ପ୍ରେସିଡେଂଟଙ୍କ ମତ ନେହେରୁଙ୍କୁ ଜଣାଇ ଦିଆଗଲା । ଆମେରିକାର ଚାପରେ ଇଂଲଣ୍ଡ କ୍ରିପସ କମିଶନକୁ ଭାରତକୁ ପଠାଇଲେ (୨୨/୦୩/ ୧୯୪୨)। ସେତେବେଳକୁ ଇଂଲଣ୍ଡର ଯୁଦ୍ଧ କାଳିନ ପ୍ରଧାନ ମନ୍ତ୍ରୀ ଥାଆନ୍ତି ଚର୍ଚ୍ଚିଲ । ଭାରତକୁ ସ୍ୱାଧିନତା ଦେବାରେ ସେ ତିବ୍ର ବିରୋଧୀ ଥିଲେ । କ୍ରିପସ ଲୋକପ୍ରତିନିଧି ଶାସନ ପାଇଁ କେତେକ ସୁପାରିଶ କରିବାରୁ ତାଙ୍କୁ ଚର୍ଚ୍ଚିଲ ଅପମାନିତ କରି ଫେରାଇ ନେଲେ । ଏ କଥା ଆମେରିକାର ଦିଲ୍ଲୀରେ ଥିବା ଆମେରିକାର ସାମରିକ ପରାମର୍ଶଦାତା କଲୋନେଲ ଜନସନ ପ୍ରେସିଡେଂଟ ରୁଜଭେଲଟଙ୍କୁ ଜଣାଇ ଦେଲେ । ସେତେବେଳେ ଇଂଲଣ୍ଡର ଅବସ୍ଥା ଦୟନୀୟ ହୋଇ ପଡିଥାଏ । ପୂର୍ବ ଆଫ୍ରିକାରେ ରୋମେଲଙ୍କ ଦ୍ୱାରା ଟବରୁକ ଓ ତ୍ରିପୋଲି ଅଧିକୃତ ହୋଇ ତିରିଶ ହଜାର ବ୍ରିଟିଶ ସୈନିକ ବନ୍ଦୀ ହୋଇ ଥାଆନ୍ତି । ପ୍ରାଚ୍ୟର ଜିବ୍ରାଲିଟର ବୋଲି ଖ୍ୟାତ ସିଙ୍ଗାପୁରର ବିଶାଳ ନୌଘାଟି ଜାପାନ ଦ୍ୱାରା ଅଧିକୃତ ହୋଇ ପଚାଶ ହଜାର ବ୍ରିଟିଶ ସୈନ୍ୟ ବନ୍ଦି ହୋଇ ଥାଆନ୍ତି । ଲଣ୍ଡନ ଉପରେ ଦିନରାତି ଜର୍ମାନ ବମ ପଡୁଥାଏ । ଚାହୁଁ ଚାହୁଁ ବର୍ମା, ମାଲୟର ପତନ ଘଟି ଭାରତ ସୀମାରେ ଜାପାନ ସୈନିକ ପହଂଚି ଗଲେ । ଭାରତର ସୁଭାଷ ବୋଷ ଜାପାନ ସହ ଯୋଗ ଦେଲେ । ଆମେରିକାର ବିପୁଳ ସାହାଯ୍ୟ ହିଁ ଇଂଲଣ୍ଡକୁ ବଂଚେଇ ରଖିଥାଏ । ଚିନର ଶାସକ କୁମିଟାଙ୍ଗ ନେତା ଜେନେରାଲ ଚାଙ୍ଗ-କାଇ-ସେକ ରୁଜଭେଲଟଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ । ତାଙ୍କର ସ୍ତ୍ରୀଙ୍କ ସହ ନେହରୁଙ୍କ ବନ୍ଧୁତା ଥିଲା ଓ ସେମାନେ ଭାରତ ଆସି ନେହେରୁ ଓ ଗାନ୍ଧିଙ୍କୁ ସାକ୍ଷାତ କରିଥିଲେ । ସେ ମଧ୍ୟ ଭାରତ ସପକ୍ଷରେ ରୁଜଭେଲଟଙ୍କୁ ଅନୁରୋଧ କଲେ ଓ କ୍ରିପସ ମିଶନକୁ ଜାଣିଶୁଣି ଚର୍ଚ୍ଚିଲ ବନ୍ଦ କଲେ ବୋଲି ରୁଜଭେଲଟଙ୍କୁ ଜଣାଇଲେ (୨୫.୭.୧୯୪୨)। ରୁଜଭେଲଟ ଭାରତର ସମସ୍ୟା ନ ତୁଟିଲେ ଇଁଲଣ୍ଡକୁ ଲେଣ୍ଡ-ଲିଜ ସାହାଯ୍ୟ ବନ୍ଦ କରିଦେବେ ବୋଲି ଧମକ ଦେଲେ । ମହାତ୍ମା ଗାନ୍ଧି ଲୁଇସ ଫିସରରଙ୍କ ହାତରେ ରୁଜଭେଲଟଙ୍କ ପାଖକୁ ପତ୍ର ଦେଇଥିଲେ (୧.୭.୧୯୪୨)। ରୁଜଭେଲଟ ମଧ୍ୟ ତାହାର ଉତର ଦେଇଥିଲେ । ମାତ୍ର ସେତେବେଳେ ଗାନ୍ଧୀ ଆଗାଖାଁ ପାଲେସରେ ବନ୍ଦି ଥିବାରୁ ପତ୍ର ପାଇଲେ ନାହିଁ । ଦୀର୍ଘ ଦିନ(୧୯୪୩) ପରେ ଖଲାସ ହେଲାପରେ ପ୍ରାସଙ୍ଗିକତା ନଥିଲେ ମଧ୍ୟ ତାଙ୍କୁ ପତ୍ର ଦିଆଯାଉ ବୋଲି ରୁଜଭେଲଟ ନିର୍ଦ୍ଦେଶ ଦେଲେ । ରୁଜଭେଲଟ ଯେ ଭାରତର ଦାବି ପ୍ରତି ସଦାଶୟ ତାହା ୨୯.୦୭. ୧୯୪୨ ରେ ଚିଆଙ୍ଗ-କାଇ-ସେକଙ୍କୁ ପତ୍ର ଦ୍ୱାରା ଜଣାଇ ଦେଇଥିଲେ ।

ଗାନ୍ଧି ଅନଶନରେ ଥିଲା ବେଳେ ଚର୍ଚ୍ଚିଲଙ୍କ ଉକ୍ତି "ଲେଟ ଗାନ୍ଧୀ ଡାଏ" କଥା ରୁଜଭେଲଟ ନାପସନ୍ଦ କରି ଚର୍ଚ୍ଚିଲଙ୍କୁ ଜଣାଇ ଦେଲେ, "ଗାନ୍ଧି ବ୍ରିଟିଶ ଜେଲରେ ମଲେ, ପରିଣାମ ବିଷମୟ ହେବ"।

ଆମେରିକାର ଦୂତ ଉଇଲିଅମ ଫିଲିପଙ୍କୁ ଗାନ୍ଧିଙ୍କ ସହ ସାକ୍ଷାତର ସୁବିଧା ଦିଆଗଲା ନାହିଁ । ଏ ଘଟଣା ରୁଜଭେଲଟଙ୍କୁ ଉତକ୍ଷିପ୍ତ କରିଥିଲା । ମାତ୍ର ଚର୍ଚ୍ଚିଲ ପୁରୁଣା ଖେଳାଳି ଥିଲେ । ରୁଜ ଭେଲଟଙ୍କୁ ମନାଇବା ପାଇଁ ଚର୍ଚ୍ଚିଲ ଅନେକ କୁଟବୁଦ୍ଧି ପ୍ରୟୋଗ କରିଥିଲେ । ରୁଜଭେଲଟଙ୍କ ବିଶ୍ୱସ୍ତ ହାରିସନଙ୍କ ସାହାଯ୍ୟ ନେଇଥିଲେ । ୨୯ ଏପ୍ରିଲ ୧୯୪୨ ମସିହାର କଂଗ୍ରେସ ଅଧିବେଶନର ପ୍ରସ୍ତାବର କପି ତାଙ୍କୁ ଦେଖାଇଲେ । ଭାରତରୁ ସୈନ୍ୟ ହୋଇ ଯାଇଥିବା ୭୫ ଭାଗ ସୈନ୍ୟ ମୁସଲମାନ, ଯେଉଁମାନେ ଗାନ୍ଧି କଂଗ୍ରେସର ଶତ୍ରୁ । ଏହାଛଡା ୯୦ ମିଲିଅନ ଦଳିତ ମଧ୍ୟ କଂଗ୍ରେସର ବିରୁଦ୍ଧ। ଗାନ୍ଧି ଜାପାନ ସହିତ ଯୋଗ ସୂତ୍ର ରଖୁଛନ୍ତି । ଜାପାନର ସୈନ୍ୟ ଦ୍ୱାରା ସେ ମୁସଲମାନ ଓ ଦଳିତ ମାନଙ୍କୁ ବନ୍ଧୁକ ମୁନରେ ଶାସନ କରିବେ । ଯୁଦ୍ଧ ବେଳେ ଭାରତ ଛାଡ ଡାକରା ଦେଇ ଆମକୁ ଅସୁବିଧାରେ ପକାଉଛନ୍ତି । ଯୁଦ୍ଧବେଳେ ସ୍ୱାଧିନତା ଦେଲେ ସେ ଜାପାନକୁ ଜର୍ମାନ ସହ ମିଳିବା ପାଇଁ ଭାରତ ଦେଇ ବାଟ ଦେଇ ଦେବେ ।

ଭାରତ ସପକ୍ଷରେ ଗୋଟିଏ ଶକ୍ତିଶାଳୀ ଗୋଷ୍ଠି ଆମେରିକା ଉପରେ ଚାପ ପକାଉଥିଲେ । ଆମେରକାର ପରରାଷ୍ଟ୍ର ସିନେଟ କମିଟି ଇଂଲଣ୍ଡ ଠାରୁ ଭାରତ ପାଇଁ ନିର୍ଦ୍ଦିଷ୍ଟ ସ୍ୱାଧିନତା ଦିବସ ଘୋଷଣା, ରୁଜଭେଲଟଙ୍କୁ ସୁପାରିଶ କରିଥିଲେ । ଚର୍ଚ୍ଚିଲଙ୍କର ସହଯାଗୀ ଅଟଲି ମଧ୍ୟ ଭାରତର ସ୍ୱାଧିନତା ପକ୍ଷରେ ଥିଲେ । ଆମେରିକାର ସମସ୍ତ ଉଚ୍ଚ ଅଫିସର ମଧ୍ୟ ଭାରତ ଭଳି ଏକ ବିରାଟ ଦେଶ ସ୍ୱାଧିନତା ପାଇ ଆମେରିକାର ବନ୍ଧୁ ହେଉ ବୋଲି ଚାହୁଁଥିଲେ । ସାମ୍ବାଦିକ ମାନେ ମଧ୍ୟ ଆମେରିକାରେ ଭାରତ ସପକ୍ଷରେ ଜନମତ ସୃଷ୍ଟି କରିପାରିଲେ । ଆମେରିକା ଯିବା ପାଇଁ ନେହେରୁଙ୍କୁ ନିମନ୍ତ୍ରଣ ମିଳିଲା ।

ଏତେ ସାହାଯ୍ୟ ଦେଉଥିବାରୁ ଇଂଲଣ୍ଡ ଉପରେ ଆମେରିକା ଚାପ ପକାଇ ସେ ଭାରତକୁ ସ୍ୱାଧିନତା ଦେବାକୁ ବାଧ୍ୟ କରୁ ବୋଲି ଆମେରିକାରେ ଜନମତ ସୃଷ୍ଟି ହେଲା । ମାତ୍ର ଚର୍ଚ୍ଚିଲ ପୁରୁଣା ଖେଳାଳି ଥିଲେ । ସେ ବିଭିନ୍ନ ନିଜ ଲୋକଙ୍କ ଦ୍ୱାରା ରୁଜଭେଲଟଙ୍କୁ ମନାଇବାକୁ ଚେଷ୍ଟା କଲେ । ଭାରତର ସପକ୍ଷ ଆମେରିକାର ଦୂତ କଲୋନେଲ ଜନସନଙ୍କୁ ଚାପ ପକାଇ ବଦଳି କଲେ । ଭାରତରେ ହିନ୍ଦୁ ଓ ମୁସଲମାନ, ଦଳିତଙ୍କ ମଧ୍ୟରେ ମତ ପ୍ରାର୍ଥକ୍ୟ ଲାଗି ରହିଛି । ଦେଶରେ ଏକ ପ୍ରକାର ଗୃହ ଯୁଦ୍ଧ ଚାଲିଛି। ଆମେ କାହା ହାତରେ କ୍ଷମତା ଦେବୁ? ଯୁଦ୍ଧ ବେଳେ ଅରାଜକତା ବ୍ୟାପି ଯିବ । ସେତିକିବେଳେ ଆମେରିକା ସେନାପତି ଜର୍ଜ ମାର୍ଶାଲ ଲଣ୍ଡନରେ ପହଂଚିଲେ । ଇଂଲିଶ ଚାନେଲ ବାଟେ ଜର୍ମାନ ଅଧିକୃତ ଫ୍ରାନ୍ସ ଉପରେ ଆକ୍ରମଣ କରାଯିବାର ଯୋଜନା ଆରମ୍ଭ ହେଲା । ଏଣେ ଭାରତ ସିମାନ୍ତରୁ ଜାପାନ ପଛଘୁଂଚା ଦେଲା । ଭାରତରେ ଭାରତ ଛାଡ ଆନ୍ଦୋଳନକୁ ଦବାଇ ଦିଆଗଲା । କଂଗ୍ରେସ ନେତାମାନେ ଜେଲରେ ରହି ଶକ୍ତିହୀନ ହୋଇ ପଡିଲେ । ଇଂରେଜ ମାନଙ୍କ ସାହାଯ୍ୟ ପାଇ ମୁସଲିମ ଲିଗ ଶକ୍ତିଶାଳୀ ହୋଇଉଠିଲା । "ଏପରି ବେଳେ ଆମ ମଧ୍ୟରେ ପ୍ରକାଶ୍ୟରେ ମତ ପାର୍ଥକ୍ୟ ବାହାର ଲୋକ ଜାଣିବା ଉଚିତ ନୁହେଁ" ବୋଲି ଚର୍ଚ୍ଚିଲ ପ୍ରେସିଡେଂଟଙ୍କୁ ଅନୁରୋଧ କଲେ । ଏହା ଶୁଣି ରୁଜଭେଲଟ କହିଲେ, (ଓସ୍ତ୍ର ସସ୍ତ୍ର ଭକ୍ଟସ୍ତ୍ର ଛଇ ଭଜସ୍ତ୍ରସଭରସ୍ତ୍ରସ୍ତ୍ର, ଶ୍ୱସ୍ତ୍ରକ୍ସସମସ୍ତ୍ରଷଜ ଶ୍ୱକ୍ଟରବଳସଭଶ, ଇଙ୍କସ୍ତ୍ର ଭକ୍ଟସ୍ତ୍ରଷ କ୍ସଲ ଙ୍କସ୍ତ୍ର ବକ୍ସର ଲସଶଷସ୍ତ୍ରସଭଶ ଲକ୍ଟକ୍ସ ବ ମବଙ୍କସ୍ତ୍ରର ସ୍ତ୍ରକ୍ଟ ଙ୍ଗଷସମଷ ସସ୍ତ୍ର ସସ୍ତ୍ର ବସ୍ତ୍ରସ୍ତ୍ରବମଷରୟ)। ଏହା ପରେ ରୁଜ ଭେଲଟ ପ୍ରକାଶ୍ୟରେ ଆଉ ଭାରତ ସପକ୍ଷରେ ମତ ରଖିଲେ ନାହିଁ । ଚର୍ଚ୍ଚିଲ ମ୍ଭ ପ୍ରତିଶ୍ରୁତି ଦେଲେଯେ ଯୁଦ୍ଧ ପରେ ଭାରତକୁ ନିଶ୍ଚୟ ସ୍ୱାଧିନତା ଦେବେ । ତାଙ୍କ ମତରେ ଏହା ଥିଲା,"ଇ ଶରଭସ୍ତ୍ରକ୍ଷବଙ୍କବଭ'ସ୍ତ୍ର ଙ୍ଗଭଙ୍ଗକ୍ସସସ୍ତ୍ରସ୍ତ୍ରରଭ ଙ୍ଗକ୍ଟକ୍ସୟ" ।

ଭାରତର ସ୍ୱାଧିନତା ପାଇଁ ସମ୍ବେଦନଶୀଳ ଥିବା ଏହି ମହାମାନବଙ୍କର ୧୯୪୫ ମସିହା ଏପ୍ରିଲ ୧୨ ତାରିଖ ଦିନ ମହା ପ୍ରୟାଣ ଘଟିଲା ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଗୁରୁବାର, ଜୁଲାଇ ୨୩, ୨୦୨୦

# ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଅଲୁଭା






କେରଳର କୋଚିସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଅଲୁଭା । ସ୍ଥାନୀୟ ଅଂଚଳରେ ପ୍ରବାହିତ ହେଉଥିବା ପ୍ରସିଦ୍ଧ ପେରିୟାର୍ ନାମକ ନଦୀଠାରୁ ଏହା ପ୍ରାୟ ୧୫ କି.ମି. ଦୂରରେ ଅବସ୍ଥିତ । ତା'ଛଡ଼ା ଅଲୁଭାକୁ କେରଳର ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ରଭାବେ ମଧ୍ୟ ବିବେଚନା କରାଯାଇଥାଏ । ସେହିପରି ଏଠାରେ ଅନେକ ଲୋକପ୍ରିୟ ଦର୍ଶନୀୟ ସ୍ଥାନମାନ ବି ରହିଛି । ଖାସ୍ ସେଥିପାଇଁ ବର୍ଷର ସବୁ ସମୟରେ ଏଠାକୁ ପର୍ଯ୍ୟଟକଙ୍କର ସୁଅ ଛୁଟୁଛି ।

### କେବେ ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଅଲୁଭା ଯିବାପାଇଁ ସେପ୍ଟେମ୍ବରରୁ ମାର୍ଚ୍ଚ ହେଉଛି ସବୁଠୁ ଭଲ ସମୟ । କାରଣ ଏହି ସମୟରେ ପାଣିପାଗ ବୁଲାବୁଲି କରିବାପାଇଁ ବେଶ୍ ଅନୁକୂଳ ରହିଥାଏ ।

### କେମିତି ଯିବେ

ଏଠାକୁ ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ବେଶ୍ ଭଲ ସୁବିଧା ରହିଛି । କୋଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହ ଅଲୁଭାଠାରୁ ପ୍ରାୟ ୧୫ କି.ମି. ଦୂରରେ ଅବସ୍ଥିତ । ସେହିପରି ଅଲୁଭା ରେଳଷ୍ଟେଶନ ହେଉଛି ସ୍ଥାନୀୟ ଏକ ପ୍ରମୁଖ ରେଳଷ୍ଟେଶନ । ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ । ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଏଠାରେ ପହଂଚି ପାରିବେ ।

### କ'ଣ ଦେଖିବେ


ଅଲୁଭାରେ ମୁଖ୍ୟତଃ ଶିବରାତ୍ରି ଉତ୍ସବକୁ ଖୁବ୍ ଧୁମଧାମରେ ପାଳନ କରାଯାଇଥାଏ । କାରଣ ଏଠାରେ ରହିଛି ଅଲୁଭା ମହାଦେବ ମନ୍ଦିର ନାମରେ ଏକ ଲୋକପ୍ରିୟ ଶୈବପୀଠ । ଉକ୍ତ ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ହେଉଛନ୍ତି ସ୍ୱୟଂମ୍ଭୁ ଓ ଖୁବ୍ ପ୍ରତ୍ୟକ୍ଷ । ଅଲୁଭା ମହାଦେବ ମନ୍ଦିର ବ୍ୟତୀତ ଏଠାକାର ନିକଟବର୍ତ୍ତୀ ଅଂଚଳରେ ପର୍ଯ୍ୟଟକ ଚିରକ୍କାଡ଼ା ମନ୍ଦିର, ଥୁରୁଭାଲୁର ଶ୍ରୀ ମହାଦେବ ମନ୍ଦିର, କଡୁଙ୍ଗାଲୁର୍ ଶ୍ରୀ ନରସିମ୍ହା ସ୍ୱାମୀ ମନ୍ଦିର, ଦେଶୋମ ଶ୍ରୀ ପଲ୍ଲିପ୍ପାଟ୍ଟୁନାଭୁ ଭଗବତୀ ମନ୍ଦିର, ଦେଶୋମ ଶ୍ରୀ ଅନଥାପୁରମ ମହାବିଷ୍ଣୁ ମନ୍ଦିର, ଦେଶୋମ ଶ୍ରୀ ଧତ୍ହା ଅଞ୍ଜନେୟ ମନ୍ଦିର, ଶ୍ରୀକ୍ରିଷ୍ଣା ମନ୍ଦିର, ଉଲିୟାନୁର ଶ୍ରୀ ମହାଦେବ ମନ୍ଦିର, ପୋଟ୍ଟଚିରା ଶ୍ରୀକ୍ରିଷ୍ଣା ମନ୍ଦିର, ଥେଭାରକାଡୁ ଶ୍ରୀ ମହାବିଷ୍ଣୁ ଦୁର୍ଗା ମନ୍ଦିର, ଥିରୁଭୈରାନିକୁଲମ୍ ଶ୍ରୀ ମହାଦେବ ମନ୍ଦିର ଇତ୍ୟାଦି ଧର୍ମସ୍ଥଳୀ ଦେଖିବାକୁ ପାଇପାରିବେ । ଏସବୁ ବ୍ୟତୀତ ମ୍ୟୁନିସିପାଲ୍ ପାର୍କ, ଅଦ୍ୱେତ ଆଶ୍ରମ, ମାର୍ ଭାର୍ଗିଶୀ ପାୟାପ୍ପିଲି ପାଲାକ୍କାପ୍ପିଲି ମ୍ୟୁଜିୟମ ଇତ୍ୟାଦି ହେଉଛି ଏଠାକାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ । ସେହିପରି ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ଚର୍ଚ୍ଚ ଓ ମସଜିଦକୁ ମଧ୍ୟ ବୁଲି ଦେଖିପାରିବେ ।






### ପେରିୟାର ନଦୀର ଆକର୍ଷଣ

ସ୍ଥାନୀୟ ଅଂଚଳର ପ୍ରବାହିତ ହେଉଥିବା ପେରିୟାର ନଦୀର ଆକର୍ଷଣ ହିଁ କିଛି ନିଆରା । ଯେଉଁଥିପାଇଁ ଅନେକ ମାଲାୟାଲମ୍ ଚଳଚ୍ଚିତ୍ରରେ ଏଡି ପେରିୟାର ନଦୀର ସାମାନ୍ୟ ଝଲକ ମଧ୍ୟ ଦେଖିବାକୁ ମିଳିଥାଏ । ଶାନ୍ତ, ସିଗ୍ଧ ଏଠାକାର ବାତାବରଣ ପାଇଁ ପର୍ଯ୍ୟଟକ ଏହି ନଦୀ ନିକଟକୁ ଆସି କିଛି ସମୟ ବିତାଇବାକୁ ଇଚ୍ଛା କରିଥାନ୍ତି ।







# କଲରା

କଲରା ଖାଇବାକୁ ପିତା, ହେଲେ ଦେହ ପାଇଁ ଅତ୍ୟନ୍ତ ହିତକାରୀ । ଅନେକ ଲୋକ ଏହାକୁ ଖାଆନ୍ତି ନାହିଁ । ଛୋଟ ପିଲାମାନେ ଏହାକୁ ଦେଖିଲେ ନାକ ଟେକନ୍ତି । ଏହାର ରୂପ ଓ ଆକାର ମଧ୍ୟ ଆକର୍ଷଣୀୟ ନୁହେଁ । କଥାରେ ଅଛି ରୂପ ବଡ଼ ନୁହେଁ, ଗୁଣ ବଡ଼ । ସେହିପରି କଦାକାର କଲରାର ଗୁଣ ଅଧିକ



- ଏଥିରେ ପ୍ରଚୁର ପରିମାଣର ଫସଫରସ ଥାଏ । ଏହା କୋଷ୍ଠକାଠିନ୍ୟ ଭୋଗୁଥିବା ରୋଗୀଙ୍କ ପାଇଁ ଉପକାରୀ । ଏହା ପାଚନ କ୍ରିୟାକୁ ଦୃଢ଼ କରେ ।
- ଶ୍ୱାସରୋଗୀମାନେ ବିନା ତେଲ, ମସଲା ଖାଦ୍ୟ ସହିତ ନିୟମିତ କଲରା ଖାଇବା ଉଚିତ୍ ।
- କଲରା ରସରେ ଯକୃତକୁ ଦୃଢ଼ ଓ ସୁସ୍ଥ ରଖିବାରେ କ୍ଷମତା ଅଛି । କଲରା ରସ ନିୟମିତ ପିଇଲେ ଯକୃତଜନିତ ଏକାଧିକ ସମସ୍ୟା ଦୂର ହୁଏ ।
- କଲରା ଓ ଏହାର ପତ୍ରକୁ ପାଣିରେ ଶିଝାଇ ଉକ୍ତ ପାଣି ପିଇଲେ ଦେହର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଫଳରେ ଶରୀର ସୁସ୍ଥ ରହିବା ସହ ବିଭିନ୍ନ ସଂକ୍ରମଣ ଆଶଙ୍କା କମ୍ ହୁଏ ।
- ଝାଡ଼ାବାନ୍ତିରେ ପୀଡ଼ିତ ରୋଗୀକୁ କଲରା ରସ ସହିତ କଳା ଲୁଣ ମିଶାଇ ପିଇବାକୁ ଦେବା ଉଚିତ୍ ।
- ଏହାଦ୍ୱାରା ରୋଗର ପ୍ରକୋପ ହ୍ରାସ ପାଏ ଏବଂ ରୋଗୀକୁ ଆରାମ ମିଳେ ।
- 'ପାରାଲିସିସ୍'ରେ ପୀଡ଼ିତ ରୋଗୀ ପ୍ରତିଦିନଦ ଦୁଇ ଚାମୁଚ କଲରା ରସ ପିଇବା ଉଚିତ ।
- କଲରାରେ ରକ୍ତ ସଫା କରିବାର ଶକ୍ତି ରହିଛି । ତା' ସହିତ ଏହା ଶର୍କରାକୁ ସ୍ୱାଭାବିକ ସ୍ତରରେ ରଖିବାରେ ସହାୟକ ହୁଏ । ପ୍ରତିଦିନ ଗୋଟିଏ କପର ଚାରି ଭାଗରୁ ଭାଗେ କମଳା ରସ ସହିତ ତିନିଭାଗ ଗାଜରର ରସ ସହିତ ପିଇବା ଉଚିତ୍ ।
- କଲରା 'କିଡନୀ' ପାଇଁ ମଧ୍ୟ ଉପକାରୀ । ଫୁଟା ପାଣିକୁ ଥଣ୍ଡା କରି ସେଥିରେ କଲରା ରସ ମିଶାଇ ପିଇଲେ କିଡନୀ ସୁସ୍ଥ ରହେ ।
- ରକ୍ତ ସଂଚାରକୁ ସ୍ୱାଭାବିକ କରିବା ପାଇଁ ନିୟମିତ କଲରା ଖାଆନ୍ତୁ
  ଲେମ୍ବୁ ରସ ସହିତ କଲରାରସ ମିଶାଇ ମୁହଁରେ ଲଗାନ୍ତୁ । ବ୍ରଣ ସମସ୍ୟା ଦୂର ହେବ ।



ଯୁଗ ଅନୁସାରେ ମହିଳା ଓ ଯୁବତୀଙ୍କ ଷ୍ଟାଇଲ୍ ଷ୍ଟେଟମେଂଟ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି । ଘରୁ ବାହାରକୁ ଗୋଡ଼ କାଢ଼ିବା ମାତ୍ରେ ଯୁବତୀଙ୍କର ମୁଖ୍ୟ ଆବଶ୍ୟକତା ହେଲା ସାଥିରେ ସୁନ୍ଦର ହ୍ୟାଣ୍ଡ ବ୍ୟାଗଟିଏ ନେବା । ଏବେ ସେଇ ହ୍ୟାଣ୍ଡ ବ୍ୟାଗର ସ୍ଥାନକୁ ନେଇଛି ଡିଜାଜଇନର ସ୍ଲିଙ୍ଗ୍ ବ୍ୟାଗ । ଫେସନ ଡିଜାଇନରଙ୍କ ମତରେ, ୧୯୯୦ ବେଳକୁ ପ୍ରଥମେ ଇଟାଲୀରେ ଏହି ସ୍ଲିଙ୍ଗ ବ୍ୟାଗ୍‌ର ବ୍ୟବହାର ଆରମ୍ଭ ହୋଇଥିଲା ଓ ପରେ ସମଗ୍ର ବିଶ୍ୱରେ ଏହି ବ୍ୟାଗ୍ ଯୁବତୀ ତଥା ମହିଳାଙ୍କର ପ୍ରାୟ ପ୍ରିୟ ହୋଇପାରିଥିଲା ।

- ଏବେ ବଜାରରେ ଭଳିକିଭଳି ଡିଜାଇନରେ ସ୍ଲିଙ୍ଗ ବ୍ୟାଗ୍ ବିକ୍ରି ହେଉଛି । ଅନ୍-ଲାଇନରେ ମଧ୍ୟ ବେଶ୍ ଭଲ ଦରରେ ଜଣେ ଗ୍ରାହକ ଏହି ବ୍ୟାଗ୍ କିଣିପାରିବ । ବିଭିନ୍ନ ପ୍ରକାରର ସ୍ଲିଙ୍ଗ ବ୍ୟାଗ୍ ମଧ୍ୟରୁ କ୍ରସ୍ ବଡ଼ି ସ୍ଲିଙ୍ଗ୍ ବ୍ୟାଗ, ମେସେଂଜର ସ୍ଲିଙ୍ଗ ବ୍ୟାଗ୍, ୱାଲେଟ ସ୍ଲିଙ୍ଗ୍ ବ୍ୟାଗ, ମୋନା ସ୍ଲିଙ୍ଗ ସୋଲ୍ଡର ବ୍ୟାଗ୍ ବଜାରରେ ଅଧିକ ବିକ୍ରି ହୋଇଥାଏ ।
- ଏସବୁର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ନିଜ ପୋଷାକକୁ ମ୍ୟାଚିଂ କରି ନଚେତ୍ କେଉଁ ସାଇଜର ବ୍ୟାଗ୍ ଆପଣ ଚାହୁଁଛନ୍ତି, ତାହାକୁ ଭଲଭାବେ ତଦାରଖ କରି କିଣନ୍ତୁ ।
- ଲେଦର ସ୍ଲିଙ୍ଗ ବ୍ୟାଗର ଚାହିଦା ଅଧିକ ହୋଇଥିବାବେଳେ ଏହା ମହଙ୍ଗା । ଏହି ବ୍ୟାଗ୍ ରକ୍ଷଣାବେକ୍ଷଣ ମଧ୍ୟ ସତର୍କତାର ସହ କରିବାକୁ ପଡ଼େ ।
- ହ୍ୟାଣ୍ଡ ବ୍ୟାଗ୍ ପରିବର୍ତ୍ତେ ସ୍ଲିଙ୍ଗ ବ୍ୟାଗ୍ ତାହାର ଛୋଟ ଆକାର ପାଇଁ ଅଧିକ ଲୋକପ୍ରିୟ । ହ୍ୟାଣ୍ଡ ବ୍ୟାଗ୍ ଧରିବାକୁ ଅସହଜ ହୋଇଥିବାବେଳେ ସ୍ଲିଙ୍ଗ୍ ବ୍ୟାଗକୁ କାନ୍ଧରେ ପକାଇ ଯାତ୍ରା କରିହେବ । ପ୍ରସବ ପରେ ମହିଳାମାନେ ନିଜ କୁନି ପିଲାଙ୍କ ଦରକାରୀ ଜିନିଷକୁ ମଧ୍ୟ ଏଇ ସ୍ଲିଙ୍ଗ ବ୍ୟାଗରେ ଭର୍ତ୍ତି କରି ଯେ କୌଣସି ସ୍ଥାନକୁ ସହଜରେ ଯାତ୍ରା କରିପାରିବେ ।
- ଶାଢ଼ି, ଜିନ୍ସ, ସାଲୱାର, ପାଲାଜୋ, ଲେହଙ୍ଗା ସବୁ ପ୍ରକାର ପରିଧାନ ସହ ଏଇ ବ୍ୟାଗ ଭଲଭାବେ ମ୍ୟାଚିଂ କରିଥାଏ ।

# ଔଷଧ ଖାଉଥିଲେ......

**କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନନେଇ ମନଇଚ୍ଛା ଔଷଧ ଖାଇବା ଅଭ୍ୟାସ ଅନେକଙ୍କର ରହିଛି । ତେବେ ଏପରି କରିବା ଦ୍ୱାରା ଯଦିଓ କିଛି ସମୟ ପାଇଁ ଉକ୍ତ ସମସ୍ୟାରୁ ଉପଶମ ମିଳିଥାଏ ହେଲେ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ, ଆସନ୍ତୁ ଜାଣିବା ଏ ସମ୍ପର୍କରେ ।**

**ପେଟ ଯନ୍ତ୍ରଣା :** ପେଟରେ ସାମାନ୍ୟ ଯନ୍ତ୍ରଣା ହେବା ମାତ୍ରେ ସାଧାରଣତଃ ଅନେକେ ଏସଡିଟି କିମ୍ବା ଗ୍ୟାସ୍ ହୋଇଛି ଭାବି ଆଣ୍ଟାସିଡ୍ ଖାଇଦିଅନ୍ତି । କେବେ କେବେ ଆବଶ୍ୟକତା ଥିଲେ ଏହାକୁ ଖାଇବା ଲାଭଦାୟକ । ହେଲେ ପେଟ ଯନ୍ତ୍ରଣାର ଠିକ୍ କାରଣ ନ ଜାଣି ସବୁବେଳେ ଆଣ୍ଟାସିଡ୍ ଖାଇବା ଦ୍ୱାରା ଏହା ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଫଳରେ ଖାଦ୍ୟ ଭଲଭାବେ ହଜମ ହୁଏ ନାହିଁ ଏବଂ ଶରୀରକୁ ଆବଶ୍ୟକ ମାତ୍ରରେ ପୋଷକତତ୍ତ୍ୱ ମିଳିପାରେନାହିଁ । କେବଳ ଏତିକି ନୁହେଁ, ଏହା ମଧ୍ୟ କିଡନୀ ଷ୍ଟୋନ, ଅର୍ଶ, ପେପ୍ଟିକ୍ ଅଲସର ଆଦିର ଆଶଙ୍କା ବୃଦ୍ଧି କରିଥାଏ ।

**ମୁଣ୍ଡବିନ୍ଧା :** ବିଭିନ୍ନ କାରଣରୁ ମୁଣ୍ଡବିନ୍ଧା ହୋଇଥାଏ । ହେଲେ ଅନେକ ଏହା ବୁଝିବାକୁ ଆଦୌ ପ୍ରସ୍ତୁତ ନୁହେଁ । ସେମାନେ ମୁଣ୍ଡ ବିନ୍ଧିବା ମାତ୍ରେ ପେନକିଲର ଖାଇବାକୁ ପଛାଉନାହାଁନ୍ତି । ଡାକ୍ତରଙ୍କ ବିନା ପରାମର୍ଶରେ ବାରମ୍ବାର ଏହି ମେଡିସିନ୍ ଖାଇବା ଦ୍ୱାରା ଅଧିକ ନିଦ ଲାଗିବା କିମ୍ବା ଆଦୌ ନିଦ ନହେବା, ଦୁର୍ବଳତା ମତିଭ୍ରମ, ଓଜନବୃଦ୍ଧି, ଭୋକ ନ ଲାଗିବା, କୋଷ୍ଠକାଠିନ୍ୟ ଭଳି ଅନେକ ସମସ୍ୟା ଦେଇଦେଇଥାଏ ।

**ଅନିଦ୍ରା :** ବର୍ତ୍ତମାନର କାର୍ଯ୍ୟବ୍ୟସ୍ତତା ସାଙ୍ଗକୁ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଅନେକଙ୍କଠାରେ ରାତିରେ ନିଦ ନଆସିବା କିମ୍ବା ଅଧିକ ରାତିରେ ନିଦ ଆସିବା ଭଳି ସମସ୍ୟା ଦେଖାଦେଉଛି । ଏହାକୁ ଦୂର କରିବା ଲାଗି କେହି କେହି ନିଦ ଔଷଧ ଖାଉଛନ୍ତି । ହେଲେ ଏହାକୁ ଅଧିକ ଖାଇବା ଦ୍ୱାରା ମଣିଷର ପ୍ରାକୃତିକ ଦିନଚର୍ଯ୍ୟା ବାଧାପ୍ରାପ୍ତ ହୋଇଥାଏ ଏବଂ ନିଦ ପାଇଁ ଔଷଧ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଏମିତିକି ଏହାଦ୍ୱାରା ଡିପ୍ରେଶନ ରୋଗ ହେବା ଆଶଙ୍କା ବି ବଢ଼ିଥାଏ ।



**ଥଣ୍ଡା :** ପାଣିପାଗ ପରିବର୍ତ୍ତନ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ପ୍ରାୟ ଅଧିକାଂଶଙ୍କୁ ଥଣ୍ଡା, କଫ, କାଶ ଭଳି ସମସ୍ୟା ଦେଇ ଗତି କରିବାକୁ ପଡ଼ିଥାଏ । ଯେଉଁଥିରୁ ରକ୍ଷା ପାଇବା ଲାଗି ସେମାନେ ଔଷଧ ଉପରେ ନିର୍ଭର କରିଥାନ୍ତି । ହେଲେ ଆପଣ ଜାଣନ୍ତି କି, ଡାକ୍ତରଙ୍କ ପରାମର୍ଶ ବିନା ଏଭଳି ମେଡିସିନ୍ତ ଖାଇବା ଦ୍ୱାରା ବେଳେ ବେଳେ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି । ତା'ଛଡ଼ା ଠିକ୍ ରୋଗ ପାଇଁ ଠିକ୍ ଔଷଧ ନ ଖାଇବା କିମ୍ବା ଆବଶ୍ୟକତାରୁ ଅଧିକ ମେଡିସିନ୍ ଖାଇବା ଦ୍ୱାରା ଦୁର୍ବଳତା ନିଦ୍ରାହୀନତା, ମୁଣ୍ଡବିନ୍ଧା, ନାକ, ପାଟି ତଣ୍ଟି ଶୁଖିବା ଭଳି ସମସ୍ୟା ଦେଖାଦେଇଥାଏ ।

# ଛୋଟ ସୂତ୍ରରେ ସମାଧାନ

**ହାତପାଆନ୍ତରେ ଥିବା କେତେକ ଛୋଟ ଜିନିଷ ବଡ଼ ବଡ଼ ସମସ୍ୟାର ସହଜରେ ସମାଧାନ କରିପାରେ । ଏ ସଂକ୍ରାନ୍ତ କିଛି କଥା ମନେ ରଖନ୍ତୁ ।**

- କାର କାଚ ସଫା କରିବା ଲାଗି ପାଖରେ ସେପରି କିଛି ଜିନିଚ ନଥିଲେ, ପାଣିରେ ଲେମ୍ବୁରସ ମିଶାଇ ଖବର କାଗଜ କିମ୍ବା ୱାପର ସହାୟତାରେ ନେଇ ପୋଛି ଦିଅନ୍ତୁ କାଚ ସଫା ହୋଇଯିବ । ଲେମ୍ବୁ ଏସିଡରେ କାରର ସାମନା କାଚ, ଝରକା, ସାଇଡ ମିରର ଆଦି ସହଜରେ ସଫା କରିପାରେ ।

ଓଦା ପାଗରେ ଲୁଣ ପାଣି ହୋଇଯିବା ପ୍ରତି ଘରେ ଏକ ସାଧାରଣ ସମସ୍ୟା । ଏଥିପାଇଁ କେତୋଟି ଅରୁଆ ଚାଉଳ ଲୁଣ ପାତ୍ରରେ ପକାଇ ଦିଅନ୍ତୁ । ଦେଖିବେ, ଲୁଣ ଶୁଖିଲା ରହିବ ।

- ମେହଦି ପତ୍ର ନଚେତ ଶୁଖିଲା ଲଙ୍କା ରହିଲେ ପୁସ୍ତକ ଏବଂ ପୋଷାକରେ ପୋକ ଲାଗିବେ ନାହିଁ । ୫-୧୦ଟି ଶୁଖିଲା ମେହେନ୍ଦି ପତ୍ର କିମ୍ବା ଲଙ୍କା ନେଇ ପୁସ୍ତ ଓ ପୋଷାକ ରଖୁଥିବା ସ୍ଥାନରେ ରଖିଦିଅନ୍ତୁ ।
- ବାଲଟିଏ ପାଣିରେ ୨ଚାମଚ ରସୁଣ ରସ ଏବଂ ୨ଟୋପା ନୀଳଗିରି ତେଲ ପକାଇ ସେଥିରେ ଘର ପୋଛିଲେ ଦେଖିବେ ୫-୬ଘଣ୍ଟା ପର୍ଯ୍ୟନ୍ତ ମଶା ଆସିବେ ନାହିଁ । ଏହି ପାଣିକୁ ଅଗଣାରେ ଢ଼ାଳିଦେଲେ ସେଠାରେ ବି ମଶା ହୋଇନଥାନ୍ତି ।
- ଏକାବେଳେ ଅଧିକ ଲେମ୍ବୁ ଆସିଥିଲେ ବ୍ୟବହାର ହୋଇ ନପାରି ଶୁଖିଯାଏ । ତେଣୁ ଲେମ୍ବୁ ସତେନଜ ରଖିବା ଲାଗି ଏହା ଚାରିପଟେ ରାଶିତେଲ ବୋଳି ଦିଅନ୍ତୁ ।

# ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଡମ୍ବାରୁଧର ଜଣେ ସଫଳ ଚାଷୀ

କନ୍ଧମାଳ, ୨୨।୭(ନି.ପ୍ର): ଆଜି ଦେଶ ରାଜ୍ୟ ତଥା ଅନ୍ୟାନ୍ୟ ଅଂଚଳରେ ଲୋକେ ଉଚ୍ଚ ଶିକ୍ଷିତ ହେବାପରେ କିମ୍ବା ଜଣେ ସରକାରୀ ଚାକିରିଆ ହୋଇଯିବା ପରେ ନିଜ ଗାଁ ମାଟିରେ ମଧ ଚାଷ କରିବା କିମ୍ବା ଚାଷ କାମରେ ନିଜକୁ ନିୟୋଜିତ କରିବା ଅତି ବିରଳ ଘଟଣା । ଏପରିକି ପ୍ରକୃତ ପେଷାଗତ ଚାଷି ମଧ ଆଜିର ଦିନରେ ନିଜକୁ ଚାଷରେ ସମ୍ପୂର୍ଣ୍ଣ ଭାବରେ ନିୟୋଜିତ କରୁନାହାନ୍ତି ବରଂ ସେମାନେ ସହରର ଅବହାୱାରେ ପ୍ରଭାବିତ ହୋଇ ପ୍ୟାଣ୍ଟ ସାର୍ଟ ପିନ୍ଧି ବାବୁ ସାଜିବାପରେ ସେମାନଙ୍କର ଗାଁ ଓ ମାଆ ମାଟିରେ ଥିବା ଏକରଏକର ଚାଷ ଜମିକୁ ଖାଲିରେ ଛାଡି ବିଦେଶକୁ ଯାଇ ସେଠାରେ ଦାଦନ ଖଟୁଛନ୍ତି । ହେଲେ ନିଜ ଜମିରେ ଚାଷ କରି ସୁନା ଫଳାଇବାର ସ୍ୱପ୍ନ ଦେଖୁନାହାନ୍ତି । ହେଲେ କୃଷି ପ୍ରତି ସହରୀ ଶିକ୍ଷିତ ଲୋକଙ୍କର ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଥିବାର ଦେଖିବାକୁ ମିଳୁଛି । କନ୍ଧମାଳ ଜିଲାର ବାରିକୁମ୍ପାରେ ଏହିଭଳି ଜଣେ ବ୍ୟକ୍ତିତ୍ୱ ଅଛନ୍ତି ଯିଏକି ଦିର୍ଘ ବର୍ଷ ହେଲା ଜିଲାରେ ଜଣେ ଶିକ୍ଷକ ଭାବରେ ସରକାରୀ ଚାକିରି ଆରମ୍ଭ କରି ଶେଷ ଆଡକୁ ଜଣେ ବ୍ଲକ୍ ଶିକ୍ଷା ଅଧିକାରୀ ଭାବରେ ଅବସର ନେବାପରେ ତାଙ୍କର ପିଲା ଦିନର ନିଶା ଚାଷ ଆଡକୁ ମୁହାଁଇଛନ୍ତି ଫୁଲବାଣୀର ଅବସରପ୍ରାପ୍ତ ଏବିଇଓ ଡମ୍ବରୁଧର ବାରିକ । ତାଙ୍କର ଜନ୍ମମାଟି କେନ୍ଦ୍ରାପଡାରେ ପିଲାବେଳୁ ନିଜ ପିତାଙ୍କ ସହିତ ଗାଁରେ ଥିବା ଜମିରେ ଚାଷ କାମ କରିବାର ନିଶାକୁ ସେ ଆଜି ପର୍ଯ୍ୟନ୍ତ ଭୁଲିନାହାନ୍ତି । ୧୯୮୨ ମସିହାରେ କନ୍ଧମାଳ ଜିଲା କୁଏରମାଣ୍ଟୁରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକ ଭାବରେ ଚାକିରି ଜୀବନ ଆରମ୍ଭ କରିଥିଲେ ସେ । ୨୦୧୮ ମସିହା ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ପ୍ରଧାନ ଶିକ୍ଷକ ଏବଂ ସ୍କୁଲ ଏଏସଆଇ ଏବଂ ପରେ ଜଣେ ଏବିଇଓ ଭାବରେ କାର୍ଯ୍ୟକାଳରେ ମଧ ତାଙ୍କ ଅଂଚଳରେ ଥିବା ବିଦ୍ୟାଳୟ ଗୁଡିକର ଶିକ୍ଷକ ମାନଙ୍କୁ ବିଦ୍ୟାଳୟ ପରିସରରେ ବାଡିବଗିଚା ଏବଂ ପନିପରିବା ଗଛ ଲଗାଇବାପାଇଁ ପ୍ରୋତ୍ସାହିତ କରୁଥିଲେ । ଏପରିକି କୌଣସି କାର୍ଯ୍ୟରେ ରାଜ୍ୟ ବାହାରକୁ ଗଲେ ମଧ ସେଠାରେ ଥିବା କୃଷି ପ୍ରଣାଳି ବାବଦରେ ଜାଣିବାକୁ ଚେଷ୍ଟା କରୁଥିଲେ । ଏହି ଚାଷ ନିଶା ଯୋଗୁଁ ଚାକିରିର ଶେଷ ସମୟ ଆଡକୁ ସେ ସେଠାରେ ଏହି ଜମି କିଣି ଥିଲେ । ସେତେବେଳେ ସରକାରୀ ଚାକରିରେ ଥିବାବେଳେ ମଧ ସମୟ ବାହାର କରି କରି ନିଜର ଚାଷ ପାଇଁ ସମୟ ଦେଉଥିଲେ ଏବଂ ସେଠାରେ ବାଡିବଗିଚା ତିଆରି କରି ବିଭିନ୍ନ ପନିପରିବା ଉତ୍ପାଦନ କରୁଥିଲେ । ୨୦୧୮ ମସିହାରେ ଚାକିରିରୁ ଅବସର ନେବାପରେ ସେ ଆଉ ତାଙ୍କ ଗାଁକୁ ନଫେରି ବାରିକୁମ୍ପାଠାରେ ଜଣେ କୁଶଳି ଚାଷି ଭାବରେ ଜୀବନ ବିତାଉଛନ୍ତି । ଦିର୍ଘ ୫ ବର୍ଷ ହେଲା ସେ ଖଜୁରିପଡା ବ୍ଲକ ଅନ୍ତର୍ଗତ ବାରିକୁମ୍ପାରେ ୩ ଏକର ଯାଗାରେ ବାଇଗଣ, କଦଳି, ବିନ୍ସ, ଜହ୍ନି, କଲରା, ପୋଟଳ ଭଳି ପନିପରିବା ସହିତ ବିଭିନ୍ନ ପ୍ରକାରର ଶାଗ, ଆମ୍ବ, ପିଜୁଳି ଏବଂ ଅହୁରି ଅନେକ ପ୍ରକାରର ଜିନିଷ ବର୍ଷସାରା ଅମଳ କରି ବଜାରେ ବିକ୍ରି କରୁଛନ୍ତି । ତାଙ୍କ ଦ୍ୱାରା ଅମଳ କରାଯାଇଥିବା ପନିପରିବାକୁ ବିକ୍ରି କରି ଅଂଚଳର କିଛି ଲୋକମାନେ ମଧ ବେଶ୍ କିଛି ରୋଜଗାର କରୁଛନ୍ତି । ଚାକିରିରୁ ଅବସର ନେବାପରେ ତାଙ୍କର ସମସ୍ତ ସମୟକୁ ଚାଷରେ ବିନିଯୋଗ କରୁଛନ୍ତି ଏଥିରେ ତାଙ୍କୁ ଅନେକ ଆନନ୍ଦ ମିଳୁଥିବା କହିଛନ୍ତି ଶ୍ରୀ ବାରିକ । ସକାଳୁ ସେ ଫୁଲବାଣୀରେ ଥିବା ତାଙ୍କର ଢିପାସାହି ସ୍ଥିତ ବାସଭବନରୁ ବାହାରିପଡନ୍ତି ତାଙ୍କର ବଗିଚା ଆଡକୁ । ସେଠାରେ ସେ ଦିନ ତମାମ କଟାଇ ଥାଆନ୍ତି । ସେଠାରେ ମଧ ସେ ଗୋଟିଏ ଛୋଟ ଘରଟିଏ କରିଛନ୍ତି ଅଧିକାଂଶ ସମୟରେ ସେଠାରେ ରାତ୍ରୀଯାପନ କରିଥାନ୍ତି । ସେଠାରେ ତାଙ୍କୁ ଦେଖିବାପରେ କେହିବି କହିପାରିବ ନାହିଁ ଯେ ସେ ଜଣେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ବୋଲି । ସେତେବେଳେ ବାହାର ଦୁନିଆଁ ସହିତ ତାଙ୍କର କିଛି ସମ୍ପର୍କ ନଥାଏ ସେଠାରେ ସେ ସାଜିଛନ୍ତି ଜଣେ ନିପୁଣ କୃଷକ । ତାଙ୍କର ଦୁଇ ପୁଅ ମାନେ ବିଭିନ୍ନ ଯାଗାରେ ଭଲ ଚାକିରି କରୁଛନ୍ତି । ତାଙ୍କର ପତ୍ନୀ ମଧ ଜଣେ ଶିକ୍ଷୟିତ୍ରୀ ହେଲେ ଚାକିରିରୁ ଅବସର ନେବାପରେ ଶାନ୍ତିରେ ବସି ଅନ୍ୟମାନଙ୍କ ଭଳି ପେନସନ ପାଇ ଦିଓଳି ଦିମୁଠା ଖାଇ ଘରେ ବାସିବାକୁ ତାଙ୍କୁ ଜମା ଭଲ ଲାଗେନାହିଁ ବୋଲି କହିଛନ୍ତି । ଏହିପରି ମାଟିର ମଣିଷ ମାଟିରେ ମିଶିବା ଯାଏଁ ଜୀବନର ଶେଷ ପର୍ଯ୍ୟନ୍ତ କୃଷି କାର୍ଯ୍ୟରେ ନିଜକୁ ନିୟୋଜିତ କରିରଖିବେ ବୋଲି କହିଛନ୍ତି ଶ୍ରୀ ବାରିକ । ତେବେ ବାରିକୁମ୍ପା ଅଂଚଳରେ ଲୋକଙ୍କର ନିଜର ଜମି ଥିଲେ ମଧ ଲୋକେ ସେଥିରେ ଚାଷ ନକରି ଅଳସୁଆ ହୋଇ ବୁଲୁଛନ୍ତି । ସେଥିରେ ଚାଷ କାର୍ଯ୍ୟ କଲେ ସେମାନେ ଅଧିକ ଆର୍ଥିକ ସ୍ୱଚ୍ଛଳ ହେବାସହିତ ଅଂଚଳର ଉନ୍ନତି କରିବାରେ ସହାୟ ହୁଅନ୍ତେ ବୋଲି କହିଛନ୍ତି । ରାଜ୍ୟ ସରକାରଙ୍କ ସମେତ କେନ୍ଦ୍ର ସରକାର ଏବଂ ବିଭିନ୍ନ ସଂସ୍ଥା ଗୁଡିକ ତରଫରୁ କୃଷିର ଉନ୍ନତି ପାଇଁ ଚାଷି ମାନଙ୍କୁ ବିଭିନ୍ନ ସବସିଡି ଠାରୁ ଆରମ୍ଭ କରି ମାଗଣାରେ ବିହନ ଏବଂ ଅନ୍ୟାନ୍ୟ ସହାୟତା ଦେବାପରେ ମଧ ଗ୍ରାମାଂଚଳର ଲୋକେ ସେହି ଜିନିଷର ପ୍ରକୃତ ଉପଯୋଗ କରୁନାହାନ୍ତି ବରଂ ମିଳୁଥିବା ସେହି ସହାୟତାର ଅସଦବ୍ୟବହାର କରିବାରେ ଲାଗିଛନ୍ତି । ଫଳରେ କୃଷି ଜିଲାରେ ସଫଳ ହୋଇପାରିନାହିଁ ବୋଲି ସେ କହିଛନ୍ତି ।

# ୧୫୦ ଗଛ ଲଗାଇଲେ ଝୁଟୁଣା କଂଗ୍ରେସ ପରିବାର

ଭଦ୍ରକ, ୨୨/୭ (ହି.ସ.) - ବର୍ତ୍ତମାନର ପ୍ରଦୂଷିତ ପରିବେଶରୁ ଉଦ୍ଧାର ପାଇବା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ ବା କୃତ୍ରିମ ଜଂଗଲ ସୃଷ୍ଟିର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡିଛି । ବୃକ୍ଷରୋପଣ କେବଳ ପୂଣ୍ୟ କାର୍ଯ୍ୟ ନୁହେଁ ପୃଥିବୀକୁ ବଂଚାଇ ରଖିବା ପାଇଁ ପ୍ରାଣୀ ଜଗତକୁ ସାହାର ଦେବା ପାଇଁ, ଅନିୟମିତ ଋତୁଚକ୍ରକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ଏକ ପ୍ରଦୂଷଣ ମୁକ୍ତ ପୃଥିବୀ ଗଢିବା ପାଇଁ ଏକ ମହାନ୍ କାର୍ଯ୍ୟ । ପ୍ରାଣୀ ଜଗତ ତିଷ୍ଠି ରହିବା ପାଇଁ ବୃକ୍ଷର ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲାବେଳେ ଏବେ ବିଭିନ୍ନ ଅଂଚଳରେ ବୃକ୍ଷରୋପଣ ଓ କୃତ୍ରିମ ଜଂଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି । ଏଥିଲାଗି ସରକାରଙ୍କ ତରଫରୁ ନାନା ପ୍ରୋତ୍ସାହନ ମଧ ଦିଆଯାଉଛି । ବିଭିନ୍ନ ଯୋଜନା ମାଧମରେ ଏଥିଲାଗି ବିପୁଳ ଅର୍ଥରାଶି ମଧ ଖର୍ଚ୍ଚ କରାଯାଉଛି । ପରିବେଶ ପ୍ରଦୂଷଣ ରୋକିବା ପାଇଁ ବୃକ୍ଷ ରୋପଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଭଣ୍ଡାରିପୋଖରୀ ବ୍ଲକ୍‌ର ଝୁଟୁଣା ପଂଚାୟତର ଝୁଟୁଣା ଗ୍ରାମରେ ୧୫୦ ଗୋଟି ବୃକ୍ଷରୋପଣ କରାଯାଇଥିବାର ଜଣାଇଛନ୍ତି । ସୂଚନା ଅନୁଯାୟୀ ଝୁଟୁଣା କଂଗ୍ରେସ ପରିବାର ତରଫରୁ ନିଜସ୍ୱ ଉଦ୍ୟମ ଓ ନିଜସ୍ୱ ଖର୍ଚ୍ଚରେ ପରିବାରର ସଦସ୍ୟମାନେ ଗ୍ରାମର ବିଭିନ୍ନ ଜାଗାରେ ସାମାଜିକ ଦୂରତା ରଖି ଏହି କାର୍ଯ୍ୟ ସଂପାଦନ କରିଥିଲେ । ଏଥିରେ ପରିବାରର ବରିଷ୍ଠ ସଦସ୍ୟ ଅର୍ଜୁନ ଆଇଁଠିଙ୍କ ନେତୃତ୍ୱରେ କମଳାକାନ୍ତ, ନଳିନୀ, ଗୌରାଙ୍ଗ, ଭରତ, ବାଇଧର, ଅଲେଖ, ଶ୍ରୀନିବାସ, ଦୀପକ, ଦାଶରଥି ଏବଂ ପରିବାରର କନିଷ୍ଠ ସଦସ୍ୟ ପ୍ରଶାନ୍ତ, ପ୍ରକାଶ, ଆନନ୍ଦ, ସନ୍ତୋଷ, ସତ୍ୟ, ଶ୍ରୀଧର ଓ ରାହୁଲ ପ୍ରମୁଖ ଏଥିରେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ସ୍ଥାନୀୟ ବୁଦ୍ଧିଜୀବୀ ମହଲ ଓ ସାଧାରଣରେ ଏହାକୁ ଉଚ୍ଚ ପ୍ରଶଂସା କରାଯାଇଛି । ସଂପ୍ରତି ପ୍ରଦୂଷିତ ପରିବେଶରୁ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ ।

# ବାଙ୍ଗାଲୋର ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟଣା : ସାଂସଦଙ୍କ ପ୍ରଚେଷ୍ଟାରେ ଗାଁକୁ ଫେରିଲା ୩ଟି ମୃତ ଦେହ

କନ୍ଧମାଳ, ୨୨।୭(ନି.ପ୍ର): ବାଙ୍ଗାଲୋରରେ ଗତ ୧୪ ତାରିଖରେ ହୋଇଥିବା ରୋଷେଇ ଗ୍ୟାସ ବିସ୍ଫୋରଣ ଘଟି ସେଠାରେ ଥିବା କନ୍ଧମାଳ ଜିଲାର ୪ଜଣଙ୍କର ମୃତ୍ୟୁ ଘଟି ଥିଲା । ସେମାନଙ୍କ ମଧ୍ୟରୁ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର ସୋନପୁର ପଂଚାୟତର ଗାହାକିଆ ଗ୍ରାମର ଦୁଇ ଜଣ ଯୁବତୀଙ୍କର ଓ କୋଟଗଡ ବ୍ଲକର ଜଣେ ଯୁବର ଓ ରାୟଗଡା ଜିଲାର ବିଶମକଟକ ଜଣେ ଯୁବତୀଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ସେମାନଙ୍କର ଶବକୁ ସେମାନଙ୍କର ଗ୍ରାମକୁ ଆଣିବାକୁ ସେମାନଙ୍କର ପରିବାର ଲୋକମାନେ ଜିଲା ପ୍ରଶାସନ ନିକଟରେ ସହାୟତା ଲୋଡିଥିଲେ । ଜିଲା ପ୍ରଶାସନ ଏବଂ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟାରେ ରବିବାର ରାତିରେ କନ୍ଧମାଳ ଜିଲାର ତିନି ଜଣଙ୍କର ମୃତଦେହ ବାଙ୍ଗାଲୋରରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ କନ୍ଧମାଳକୁ ବାହାରିଥିବା ମଙ୍ଗଳବାର ଦିନ ସକାଳେ ଦାରିଙ୍ଗବାଡିରେ ପହଂଚିଥିଲା । ଗ୍ରାମବାସୀ ମାନେ ଦାରିଙ୍ଗବାଡିରୁ ଆମ୍ବୁଲାନ୍ସକୁ ଗାହାକିଆ ଯାଏଁ ନେଇ ଆସିଥିଲେ । ସେମାନଙ୍କର ମୃତଦେହ ଦେଖିବାପରେ ଗ୍ରାରେ ଲୋକଙ୍କ ଭିତରେ ଶୋକାକୁଳ ପରିବେଷ ସୃଷ୍ଟି ହୋଇଥିଲା । ସେଠାରେ ସବୁ ଖ୍ରୀଷ୍ଟୀୟ ସମ୍ପ୍ରଦାୟର ହୋଇଥିବାରୁ ଖ୍ରୀଷ୍ଟୀୟ ପରମ୍ପରା ଅନୁସାରେ ସେମାନଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ସେହିପରି କୋଟଗଡର ଯୁବକଙ୍କ ମୃତ ଦେହକୁ ତାଙ୍କ ଗ୍ରାମକୁ ଆମ୍ବୁଲାନ୍ସ ଯୋଗେ ପଠାଇ ଦିଆଯାଇଥିଲା । ମୃତ ଯୁବତୀ ମାନେ ବାଙ୍ଗାଲୋରରେ ଯାଇ ସେଠାରେ କାମକରି ତାଙ୍କ ପରିବାର ଲୋକଙ୍କୁ ଟଙ୍କା ପଠାଉଥିଲେ ସେମାନଙ୍କର ମୃତ୍ୟୁରେ ତାଙ୍କର ପରିବାର ଅସହାୟ ହୋଇପଡିଥିବା ଜଣାପଡିଛି । କନ୍ଧମାଳ ସାଂସଦ ସେମାନଙ୍କର ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଥିବା ଜଣାପଡିଛି । ବାଙ୍ଗାଲୋରଠାରେ ସେହି ଗ୍ରାମର ଅଞ୍ଜଳି ପ୍ରଧାନ ଚିକିତ୍ସିତ ହେଉଥିବା ଜଣାପଡିଛି ।

# ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟା : ଜାତୀୟ କବିଙ୍କ ପ୍ରତିମୂର୍ତ୍ତି ଭଙ୍ଗିବାକୁ ନେଇ ଧାରଣା

ଭଦ୍ରକ, ୨୨/୭ (ହି.ସ.) - ଜାମୁଝାଡି ଧାମରା ରାସ୍ତା ସଂପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦର ୨ୟ ଦିନରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ବାସୁଦେବପୁର ବଜାର ହାଇସ୍କୁଲ ଛକ ନିକଟରେ ଥିବା ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଦେବାକୁ ନେଇ ଶହୀଦ ତୀର୍ଥଯାତ୍ରାର ସଭାପତି ବୈଲୋଚନ ଜେନା ସେହି ଭଙ୍ଗା ପ୍ରତିମୂର୍ତ୍ତି ପାଖରେ ଧାରଣାରେ ବସିଥିଲେ । ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ବିଶିଷ୍ଟ ଶିକ୍ଷାବିତ୍ ତଥା ଶହୀଦ ଦୁଃଶାସନ ରାଉତ ପ୍ରମୁଖ ଘଟଣା ସ୍ଥଳରେ ପହଂଚି ବୈଲୋଚନ ଜେନାଙ୍କୁ ବୁଝାଇବା ସହିତ ବାସୁଦେବପୁର ଠାରେ ପୁନଃ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ବୈଲୋଚନ ଜେନା ଧାରଣାରୁ ଓହରି ଥିଲେ ।

# ମାତୃ ଓ ଶିଶୁ ମୃତ୍ୟୁ ହାର ସମୀକ୍ଷା, ୨ ମା ଓ ୨୮ ଶିଶୁ ମୃତ୍ୟୁ

କେନ୍ଦ୍ରାପଡ଼ା, ୨୨।୭(ନି.ପ୍ର): ଜିଲ୍ଲା ସ୍ତରୀୟ ମାତୃ ଓ ଶିଶୁ ମୃତ୍ୟୁ ହାର ସମୀକ୍ଷା ବୈଠକ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଜୁନ୍ ମାସର ସମୀକ୍ଷା ବୈଠକରେ ଦୁଇଜଣ ପ୍ରସୂତି ମା ଓ ୨୮ ଜଣ ଶିଶୁଙ୍କର ମୃତ୍ୟୁ ହୋଇଥିବା ଜଣା ପଡିଛି । ଗତ ହାର ଠାରୁ ଚଳିତ ମାସର ହାର ଅଧିକ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ନବଜାତକ ଶିଶୁ ଓ ପ୍ରସୂତି ମାଙ୍କର ମୃତ୍ୟୁହାର କୁ କମାଇବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକରେ ସିଡିଏମୋ ଡ଼ଃ ଅମିତା ପଟ୍ଟନାୟକ, ଏଡିଏମଓ କିଶୋର କୁମାର ଆଚାର୍ଯ୍ୟ, ଡ଼ଃ ସଚିଦାନନ୍ଦ ମିଶ୍ର, ଓ କିଶୋର ଚନ୍ଦ୍ର ଲୋହା ପ୍ରମୁଖ ଉପସ୍ଥିତ ଥିଲେ ।

# ଧର୍ମଶାଳାରେ କରୋନା ନିୟମକୁ ଫୁ

ଧର୍ମଶାଳା, ୨୨।୭(ନି.ପ୍ର): ଯାଜପୁର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି । ସେପଟେ ଜିଲା ପ୍ରଶାସନ ପକ୍ଷରୁ ଜିଲାକୁ ଲକ୍ ଡାଉନ ଘୋଷଣା କରାଯାଇଛି । ଆଜି ହେଉଛି ଲକ୍ ଡାଉନର ୪ର୍ଥ ଦିନ । ଜିଲା ପ୍ରଶାସନ ବିଭିନ୍ନ ସ୍ଥାନରେ ଚଢାଉ କରି ଅମାନିଆମାନଙ୍କୁ ସାବଡ କରୁଥିବା ବେଳେ ବାଇକ ଚାଳକମାନଙ୍କଠାରୁ ଜରିମାନା ଆଦାୟ କରୁଛି । ଅନ୍ୟ ପକ୍ଷେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଛାଡି ସବୁ ବନ୍ଦ ରହିଛି । ଏହି ସମୟରେ କେଣସି ସ୍ଥାନରେ ଲୋକ ରୁଣ୍ଡ ହେବେ ନାହିଁ ଯାହାକୁ ନେଇ କଡା ନିର୍ଦ୍ଦେଶ ରହିଛି । ଅମାନ୍ତ୍ରୀମାନଙ୍କୁ ମାଡ ମରାଯାଉଥିବା ଦେଖିବାକୁ ମିଳିଛି । ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକରେ କୋଭିଡ ଆଇନକୁ ଅମାନ୍ୟ କରାଯାଉଥିବା ଦେଖିବାକୁ ମିଳିଛି । ଏ ଭଳି ଦୃଶ୍ୟ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ୧୩ ନଂ ଜୋନରେ ଏହାର ଖୋଲମଖୋଲା ଉଲଘ୍ନ କରାଯାଉଥିବା ଦେଖିବାକୁ ମିଳିଛି । ଏହି ଜୋନର ଜିଲା ପରିଷଦ ସଭ୍ୟ ଏହି ନିୟମ ଭାଙ୍ଗୁ ଥିବା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ମୁତାବକ ଆଜି ବ୍ଲକର ଏହି ମହାମାରୀ ସମୟରେ ଜିଲା ପରିଷଦ ସଭ୍ୟ ସ୍ଥାନୀୟ ଆରୁହା ପାହାଡ ଚାଲିବା ନିମନ୍ତେ ଶହଶହରେ ଉର୍ଦ୍ଧ ଲୋକଙ୍କୁ ଏକାଠି କରି ଏକ ମିଶ୍ରଣ ପର୍ବ କରୁଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲାପାଳ ଏହି ଘଟଣା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ଖାଦ୍ୟ ସୁରକ୍ଷା ଯୋଜନା ଚାଉଳ ହେଉଛି ରିସାଇକ୍ଲିଂ , ଚାଉଳ ୧୮, ଗହମ ୨୨ ଟଙ୍କାରେ ବିକ୍ରି ହେଉଛି

## ମଧବିତ ପରିବାର କଥା ସରକାର ବୁଝିବେ କେବେ ?

ଭୁବନ, ୨୨।୭(ନି.ପ୍ର): ଅଭାବ, ଅସହାୟତା ସହ ଯେପରି କୌଣସି ଲୋକ ଖାଦ୍ୟବିନା ଅସୁବିଧାରେ ନପଡିବେ ସେଥିପାଇଁ ରାଜ୍ୟ ସରକାର ଯୋଗାଣ ବିଭାଗ ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ଯୋଗାଇ ଦେଉଛନ୍ତି ନିର୍ଣ୍ଣିତ ଖାଦ୍ୟ ସୁରକ୍ଷା ଯୋଜନାରେ ସହାୟତା । କିଏ ଚାଉଳ ପାଉଛି ତ, କିଏ ଗହମ ପାଉଛି । ଏହାଦ୍ୱାରା ଅନେକ ଅଭାବୀ ଲୋକଙ୍କ ମୁହଁରେ ଅନ୍ନକଷ୍ଟ ଆଉ ଦେଖିବାକୁ ମିଳୁନାହିଁ । ଯାହାକି ସରକାରଙ୍କ ବଳିଷ୍ଠ ପଦକ୍ଷେପ ପାଇଁ ସମ୍ଭବ ହୋଇଛି । ହେଲେ ବହୁ ଅଯୋଗ୍ୟ ହିତାଧିକାରୀ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ତୋଷାମଦ କରି.ଏନଏସି ,ବ୍ଲକ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ସାମିଲ ହୋଇଛନ୍ତି ସରକାରଙ୍କ ରାସନ ସମାଗ୍ରୀ ନେବାପାଇଁ ଏବଂ ନେଉଛନ୍ତି ମଧ ଚାଉଳ ଓ ଗହମ । ୫ ରୁ ୬ ବଖରା ଦ୍ୱିତଳ ବିଶିଷ୍ଟ ଛାତଘର, ୪/୫ଟି ଥିବା ୪ ଚକିଆ ଗାଡି ମାଲିକଙ୍କ ସହ ବହୁ ବିତଶାଳୀ ବ୍ୟକ୍ତି ସରକାରଙ୍କ ଖାଦ୍ୟସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏପରିକି କିଛି ପରିବାର ଲକ୍ଷାଧିକ ଟଙ୍କାର ଦାମୀ ବାଇକ/ଟାଟାଏସି ଜରିଆରେ ଡିଲର ପାଖରୁ ଚାଉଳ, ଗହମ ନେଉଥିବା ଦେଖିବାକୁ ମିଳୁଛି । ଦୁଃଖ ଓ ପରିତାପର ବିଷୟ ମିଳୁଥିବା ଚାଉଳକୁ ଖାଇବା ପରିବର୍ତ୍ତେ କେଜି ପିଛା ୧୮ ରୁ ୨୦ ଟଙ୍କାରେ ଏବଂ ଗହମ କେଜି ୨୦ ରୁ ୨୨ ଟଙ୍କାରେ ବିଭିନ୍ନ ଡିଲର ମାନଙ୍କୁ ବିକ୍ରି କରୁଛନ୍ତି । ଯାହାକି ତଦନ୍ତ ସାପେକ୍ଷ । ଧନୀ ଲୋକ ଓ ଡିଲର ଙ୍କର ଏହା ଏବେ ଏକ ଲାଭଜନକ ବ୍ୟବସାୟରେ ପରିଣତ ହେଲାଣି । ଡିଲର ମାନେ ଜାଣିଶୁଣି ନିଜ ବ୍ୟବସାୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଧନୀ ଲୋକ ମାନଙ୍କୁ ଏହି ଯୋଜନାରେ ସାମିଲ କରି ସେମାନଙ୍କ ଠାରୁ ରାସନ କିଣି ମାଲାମାଲ ହେଉଛନ୍ତି । ଖୋଲାଖୋଲି ଭାବରେ ସରକାରଙ୍କ ପ୍ରଦତ ଖାଦ୍ୟ ସୁରକ୍ଷା ଯୋଜନାର ଚାଉଳ ରିସାଇକ୍ଲିଂ ହେଉଛି । ଅପରପକ୍ଷରେ ବହୁ ଯୋଗ୍ୟ ମଧବିତ ଶ୍ରେଣୀର ଲୋକମାନେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବାପାଇଁ ଏକାଧିକବାର ଆବେଦନ କରିଥିଲେ ମଧ ତାହା ସମ୍ଭବ ହେଉନାହିଁ । ଏହା ଭିତରେ କି ରହସ୍ୟ ରହିଛି ତାହା ଯୋଗାଣ ବିଭାଗ କ'ଣ ଦେଖିପାରୁ ନାହିଁ କି ? ପରିବାର ଭିତରେ କୌଣସି ମତେ ବଖରାଏ ଦି' ବଖରା ଘରକରି ରହୁଥିବା ପରିବାର ସଦସ୍ୟ କୋଠାଘର ପାଇଁ ବାଦ୍‌ପଡି ଯାଉଛନ୍ତି । ବିବାହିତ ପୁଅ କୁ ଅଲଗା ପରିବାର ଭାବେ ଗଣନା କରାଯିବ ବୋଲି ସରକାର ଘୋଷଣା କରିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏବେ ଅଧିକାଂଶ କୋଠାଘର କରିଥିବା ବେଳେ କିଛି ନଛୋଡବନ୍ଧା କର୍ମଚାରୀ (ଟାକ୍ସ କଲେକ୍ଟର/ଇନକ୍ୱାରୀ ଅଫିସର) ଯୌଥ ପରିବାରର ଆଳ ଦେଖାଇ ପରିବାର (ହୋଲ୍ଡିଂ ଟାକ୍ସ) ବିଭାଜନ ହୋଇନଥିବା କହି ବହୁ ଯୋଗ୍ୟ ପରିବାରକୁ ଜାଣିଶୁଣି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରୁନାହାଁନ୍ତି । ଫଳରେ ମଧବିତ ପରିବାର କରୋନା ଲକଡାଉନ ସମୟରେ ସର୍ବାଧିକ ଦୁଃଖକଷ୍ଟରେ ରହିଛନ୍ତି । ଯମ ଅଜ୍ଞାତରେ ଯେପରି କାହାର ମୃତ୍ୟୁ ସମ୍ଭବ ନୁହେଁ , ଯୋଗାଣ ବିଭାଗ ଅଜ୍ଞାତରେ ଏହି ରିସାଇକ୍ଲିଂ ପ୍ରକ୍ରିୟା ଓ ରାସନ କାର୍ଡରେ ଧନୀ ଲୋକ ସାମିଲ ହେବା ଘଟଣା ସେହିପରି ଆଦୌ ସମ୍ଭବ ନୁହେଁ । ଲକଡାଉନ/ସଟଡାଉନ କାହାପାଇଁ ପୁଷମାସ ତ କାହାପାଇଁ ସର୍ବନାଶ ,କାହାକୁ ଦେଇଛି ଦାରୁଣ ଯନ୍ତ୍ରଣା । କରୋନା ଜନିତ ଲକଡାଉନ/ସଟଡାଉନରେ ଧନୀକ ଶ୍ରେଣୀର ଲୋକେ ତରିଗଲେ , ନିମ୍ନଶ୍ରେଣୀର ଲୋକେ ସରକାରଙ୍କ ଦ୍ୱାରା ଉପକୃତ ହେଲେ । କିନ୍ତୁ ମଧବିତ ଶ୍ରେଣୀର ଲୋକମାନେ ଯନ୍ତ୍ରଣାମୟ ଜୀବନଯାପନ କଲେ ।

# ଜମି ଫାଟି ଆଁ କଲାଣି , ଚିନ୍ତାରେ ଜିଲ୍ଲାର ଚାଷୀକୂଳ

ନୂଆପଡା, ୨୨।୭(ନି.ପ୍ର): ନୂଆପଡା ଜିଲ୍ଲାର ଚାଷୀଙ୍କ ଚାଷଜମିରେ ଜଳସେଚନ ବ୍ୟବସ୍ଥା ନଥିବାରୁ ବିଶେଷ କରି ଜିଲ୍ଲାର ଚାଷୀକୂଳ ବର୍ଷା ଜଳ ଉପରେ ନିର୍ଭର କରି ଚାଷବାସ କରିଥାନ୍ତି । ହେଲେ ବର୍ଷାର ଦେଖାନଥିବାରୁ ଚାଷୀକୂଳ ମଧ୍ୟରେ ଭାଲେଣି ଦେଖାଦେଲାଣି । ନୂଆପଡା ଜିଲ୍ଲାର ୮୦ ପ୍ରତିଶତରୁ ଅଧିକ ଜମିରେ ଜଳସେଚନର ବ୍ୟବସ୍ଥା ନଥିବା ବେଳେ ଏଠାକାର ଚାଷୀକୂଳ ବର୍ଷା ଜଳ ଭରଷାରେ ନିଜ ଚାଷବାସ କରିଥାନ୍ତି । ହେଲେ ଚଳିତ ବର୍ଷ ଜୁଲାଇ ମାସ ଶେଷ ହେବାକୁ ବସିଥିବା ବେଳେ ବର୍ଷାର ଦେଖା ନାହିଁ । ଗତ ୧୦ ଦିନ ପୂର୍ବେ ମୌସୁମୀ ବାୟୁ ଯୋଗୁଁ ଜିଲ୍ଲାର ଅନେକ ସ୍ଥାନରେ ବର୍ଷା ହୋଇ ବର୍ଷା ପାଣି ଜମି ରହିଥିଲା । ହେଲେ ବର୍ତମାନ ତାହା ସୁଖି ଯାଇଥିବା ଦେଖିବାକୁ ମିଳିଛି । ଏହି ବର୍ଷା ପର୍ଯ୍ୟାପ୍ତ ନଥିଲେ ମଧ୍ୟ କିଛି ମାତ୍ରାରେ ଚାଷୀଙ୍କୁ ଚଷିବା ସହ ଧାନ ବୁଣାରେ ସହାୟକ ହୋଇଥିଲା । ଜିଲ୍ଲାର ଚାଷୀ ମାନେ ହଳନଙ୍ଗଳ କରି ନିଜ ନିଜ ଜମିରେ ଧାନ ବୁଣି ଦେଇଥିବା ବେଳେ ବର୍ଷା ବର୍ତମାନ ଦାଉ ସାଧିଛି । ଫଳରେ ଚାଷ ପ୍ରତି ଚାଷୀଙ୍କ ଧ୍ୟାନ ନଥିବା ପରିଲକ୍ଷିତ ହେଉଛି । ଗତ ୫ ବର୍ଷ ଧରି ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଜିଲ୍ଲାର ମରୁଡି ସ୍ଥିତି ଦେଖା ଦେଇଥିବା ବେଳେ ଚଳିତ ବର୍ଷର ବର୍ଷା ମଧ୍ୟ ଚାଷୀଙ୍କ ଚାଷକୁ ଦାଉ ସାଧିଛି । ଫଳରେ ଚାଷ ଜମି ସବୁ ଫାଟିବାକୁ ବସିଲାଣି । ବର୍ତମାନ ଚାଷୀଙ୍କ ମଧ୍ୟରେ ଭାଲେଣି ପଡିଗଲାଣି ।

# ଭଦ୍ରକ : ପ୍ରାଚୀନଗର ସଟ୍‌ଡାଉନ୍

ଭଦ୍ରକ, ୨୨/୭(ହି.ସ.) - ନୂଆ କରୋନା ସଂକ୍ରମିତ ଚିହ୍ନଟ ହେଲେ ସରପଂଚଙ୍କୁ ଏବିଷୟରେ ଅଗତ କରାଗଲା ନାହିଁ । ପ୍ରଶାସନ ପୌରା ଳ ସଂଲଗ୍ନ ଏହି ଅଂଚଳକୁ କଂଟେନମେଂଟ ଜୋନ। ଘୋଷଣା କଲା । ଏସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଦ୍‌କାରୀ ପ୍ରେସ ରିଲିଜ ଜରିଆରେ ସ୍ୱଷ୍ଟ କଲେ । ଅଥଚ ସ୍ଥାନୀୟ ନିର୍ବାଚିତ ଲୋକ ପ୍ରତିନିଧି ଏ ସମ୍ପର୍କରେ ଜାଣି ପାରିଲେ ନାହିଁ । ସଂପୃକ୍ତ ଅ ଳକୁ ସେନିଟାଇଜ କରିବା ସହ କରିବା ସହ ସିଲ କରିବା ଦିଗରେ ପ୍ରଶାସନ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ସରପ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଅନୁରୋଧ କଲେ । କିନ୍ତୁ ଏହା ପ ।ୟତର ଦାୟିତ୍ୱ କହି ବିଡ଼ିଓ ନୀରବ ବସିଲେ । ଫଳରେ ନିର୍ବାଚିତ ଲୋକ ପ୍ରତିନିଧିମାନେ କରୋନାକୁ ନେଇ ଆତଙ୍କିତ ଅବସ୍ଥାରେ ଥିବା ସ୍ଥାନୀୟ ଜନସାଧାରଣଙ୍କ ସମାଲୋଚନାର ଶୀକାର ହେଲେ । ତେଣୁ ପ୍ରଶାସନର ଏତାଦୃଶ ଦୁର୍ବଳ କୋଭିଡ ପରିଚାଳନାକୁ ନେଇ ଅତିଷ୍ଠ ଗେଲପୁର ପଂଚାୟତର ସରପଂଚ ଶେଷରେ ନିଜର ଜିଲ୍ଲାପାଳ କ୍ଷମତା ପ୍ରୟୋଗ କରି ପ୍ରାଚୀନଗରକୁ ୨ଦିନ ପାଇଁ ସଟ୍‌ଡାଉନ୍ ଘୋଷଣା କରିବା ସହ ଏହି ଅ ଳର ବିଭିନ୍ନ କଲୋନୀକୁ ବାଉଁଶ ବାନ୍ଧି ସିଲ କରିଛନ୍ତି । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ସଂପୃକ୍ତ ଅ ଳକୁ ବିଶୋଧନ କରାଯିବ ଓ କଲୋନୀବାସୀ ବାହାରକୁ ନବାହାରିବାକୁ ଅନୁରୋଧ କରିଛନ୍ତି ସରପ ମାନସୀ ରାଉତ୍ । ଏହାବ୍ୟତୀତ ପ୍ରାଚୀନଗରରେ ଘରଘର ବୁଲି କରୋନା ଲକ୍ଷଣ ପ୍ରକାଶ ପାଉଥିବା ବ୍ୟକ୍ତିବିଶେଷଙ୍କ ତଥ୍ୟ ସଂଗ୍ରହ ଓ ଆବଶ୍ୟକସ୍ଥଳରେ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ସଂଗ୍ରହ କରିବାକୁ ସମିତିସଭ୍ୟ ମ_ ପରିଜା ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଭଦ୍ରକ ପୌରପାଳିକା ଉପକଣ୍ଠ ଗେଲପୁର ପଂଚାୟତ ପ୍ରାଚୀନଗର ଠାରେ ଜଣେ କରୋନା ସଂକ୍ରମିତ ଗତକାଲି ଚିହ୍ନଟ ହୋଇଥିଲେ । ପ୍ରଶାସନ ଏସମ୍ପର୍କରେ ଗତକାଲି ଘୋଣୋ କରିଥିଲା । ଏହାବ୍ୟତୀତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରାଚୀ ନଗରକୁ କେ ନମେ ଓ ଗେଲପୁର ପ ।ୟତକୁ ବଫର ଜୋନ ଘୋଷଣା କରାଯାଇଛି ବୋଲି ସଂଧାରେ ସୂଚନା ଦେଇଥିଲେ । ଏପ୍ରକାର ପ୍ରଶାସନିକ ପଦକ୍ଷେପକୁ ନେଇ ସ୍ଥାନୀୟ ଲୋକ ପ୍ରତିନିଧି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । କାରଣ ସଂକ୍ରମିତ ଚିହ୍ନଟ ହେବା ଓ କେ ନମେ ଜୋନ ଘୋଣୋ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇନଥିଲା । କୋଭିଡ ପରିଚାଳନା କ୍ଷେତ୍ରରେ ଲୋକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ପ୍ରଶାସନ ଓ ନିର୍ବାହୀ ଅଧିକାରୀ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧିଙ୍କ ସହ ସମନ୍ୱୟ ସ୍ଥାପନ କରିବା ଜରୁରୀ ବୋଲି ସେମାନେ ମତପ୍ରକାଶ କରିଥିଲେ । ତେବେ ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ନନେବାରୁ ସରପ ଶ୍ରମୀତୀ ରାଉତ, ସମିତିସଭ୍ୟ ଶ୍ରୀ ପରିଜା, ଯୁବନେତା ସୁବ୍ରତ ରାଉତ୍, ଶଶାଂଶୁ ନାୟକ, ରାଜୀବ ପରିଡ଼ା, ସୌମ୍ୟ ଦାସ ପ୍ରମୁଖ ପ୍ରାଚୀନଗରରେ ପହଁ ଗ୍ରାମା ଳ ପୁଲିସ ସହଯୋଗରେ ସମଗ୍ର ଅ ଳକୁ ବାଉଁଶ ବାଡ଼ ଦେଇ ସିଲ କରିଥିଲେ । ଅପରାହ୍ନରେ ସମଗ୍ର ଅ ଳକୁ ବିଶୋଧନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି ।

# ନାଳରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ଗଞ୍ଜାମ, ୨୨।୭(ନି.ପ୍ର): ଗଞ୍ଜାମ ଜିଲ୍ଲା ବଡ଼ଖୋଲ ଗ୍ରାମର ଏକ ନାଳରେ ଏକ ନବଜାତ ଶିଶୁକନ୍ୟା ପଡି କାନ୍ଦୁଥିବା ସ୍ଥାନୀୟ ଲୋକେ ଆଜି ସକାଳେ ଦେଖିବାକୁ ପାଇଥିଲେ । ସେମାନେ ଏ ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀଙ୍କୁ ଖବର ଦେଇଥିଲେ । ପରେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀଙ୍କ ସହାୟତାରେ ଏହି ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରି ବାଲିସିରା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ଆବଶ୍ୟକ ପ୍ରାଥମିକ ଚିକିତ୍ସା ପରେ ଶିଶୁକନ୍ୟାଟି ସୁସ୍ଥ ଥିବା ଜଣାପଡିଛି । ତେବେ ଏହି ଶିଶୁକନ୍ୟାର ମାଆ ମସ୍ତିସ୍କ ବିକୃତି ଥିବାରୁ ସେ ଶିଶୁକନ୍ୟାଟିର ଲାଳନପାଳନ କରିବା ସମ୍ପୂର୍ଣ୍ଣ ଅସମର୍ଥ ଥିବା ଜଣାପଡିବା ପରେ ସମ୍ପୃକ୍ତ ଶିଶୁକନ୍ୟାକୁ ବ୍ରହ୍ମପୁର ଚାଇଲଡ୍ ଲାଇନକୁ ହସ୍ତାନ୍ତର କରାଯାଇଛି ।

# ମହିଳାଙ୍କୁ ଭୂତ ଛଡ଼ାଇବା ନାଁରେ ଘୁଷୁରୀ ବିଷ୍ଠା ଖୁଆଇବା ଘଟଣା : ଗୁଣିଆ ଗିରଫ

ମାଲକାନଗିରି, ୨୨।୭(ନି.ପ୍ର): ମାଲକାନଗିରି ଥାନା ଅନ୍ତର୍ଗତ ତଣ୍ଡାପାଲି ପଂଚାୟତ ଏମଭି-୬ ଗ୍ରାମରେ ଭୂତ ଘଉଡାଇବା ପାଇଁ ମହିଳାଙ୍କୁ ନିର୍ଯ୍ୟାତନା ଓ ଘୁଷୁରୀ ବିଷ୍ଠା ଖୁଆଇବା ଘଟଣାରେ ମାଲକାନଗିରି ପୋଲିସ ସଂପୃକ୍ତ ଗୁଣିଆକୁ ଗିରଫ କରିଛି । ଗିରଫ ଗୁଣିଆ ହେଉଛି ମହୀର ମୁଣ୍ଡା ତା ଘର ଏମଭି-୫ ଗ୍ରାମରେ । ସୋମବାର. ଦିନ ଗୁରୁତର ମହିଳାଙ୍କୁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି, ଆଶା ଦିଦି ବୁଝୁସୁଝା କରି ଚିକିତ୍ସାଳୟକୁ ଆଣିବା ପରେ ଗଣମାଧମରେ ଏହି ଖବର ପ୍ରକାଶ ପାଇଥିଲା । ଯାହାପରେ ପୋଲିସ ମଙ୍ଗଳବାର ନିଜ ଆଡୁ ମାମଲା ରୁଜୁ କରି ପ୍ରଥମେ ଚିକିତ୍ସାଳୟ ଯାଇ ସମ୍ପୃକ୍ତ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ । ପରେ ସେ ଏମଭି-୬ ଗ୍ରାମକୁ ଯାଇ ତାଙ୍କୁ ସ୍ୱାମୀ ସନ୍ତୋଷ ଏବଂ ଅନ୍ୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ଘଟଣା ବିଷୟରେ ପଚାରି ବୁଝିଥିଲେ । ପୋଲିସ ସୂଚନା ଅନୁଯାୟୀ, ଏମଭି-୬ ଗ୍ରାମର ସନ୍ତୋଷ ରାଓଙ୍କ ପତ୍ନୀ ଗତ ସାତ ଦିନ ତଳେ ଅସୁସ୍ଥ ହୋଇଥିଲେ । ତେବେ ପରିବାର ଲୋକେ ତାଙ୍କୁ ଭୂତ ଲାଗିଥିବା ନେଇ ସନ୍ଦେହ କରିଥିଲେ । କାରଣ ଥିଲା ଗତ ତିନି ମାସ ତଳେ ସନ୍ତୋଷଙ୍କର ଜଣେ ସଂପର୍କୀୟ ମହିଳାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ହୋଇଥିବା ମହିଳା ଜଣକ ଗର୍ଭବତୀ ଥିଲେ । ଦୁଇ ପତି ଓ ପତ୍ନୀ ତାଙ୍କ ସଂପର୍କୀୟଙ୍କ ଘରକୁ ଯାଇଥିଲେ । ସନ୍ତୋଷ ଓ ତାଙ୍କ ପତ୍ନୀ ଘରକୁ ଫେରିବା ପରେ ସବୁ ଠିକଠାକ ଥିଲା । କିନ୍ତୁ ଅଚାନକ ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ସେହି ମହିଳାଙ୍କ ଆତ୍ମା ସ୍ତ୍ରୀ ଦେହରେ ଆସିଥିବା ନେଇ ପରିବାର ଲୋକେ ବିଶ୍ୱାସ କରିଥିଲେ । ଏହାପରେ ତୁରନ୍ତ ଏକ ଗୁଣିଆକୁ ଡାକି ଭୂତ ଘଉଡାଇବାର ବ୍ୟବସ୍ଥା କରିଥିଲେ । ଗୁଣିଆ ଜଣକମହିଳାଙ୍କୁ ନିସ୍ଥୁକ ମାଡ ମାରିବା ସହ ମୁହଁରେ ନିଆଁ ଝୁଲ ଦେଇଥିଲେ । ଯାହାଫଳରେ ତାଙ୍କ ମୁହଁ ପୋଡ଼ି ଯାଇଥିବା ବେଳେ ତାର ସଂପୂର୍ଣ୍ଣ ଶରୀର କ୍ଷତବିକ୍ଷତ ହୋଇଛି । ଏତେ ସବୁ କରିବା ପରେ ମଧ ଭୂତ ନଯିବାରୁ ଗୁଣିଆ ଘୁଷୁରୀ ବିଷ୍ଠା ଆଣି ଖୁଆଇ ଦେଇଥିଲ । ତେବେ କିଛି ସୁଫଳ ନମିଳିବାରୁ ଶେଷରେ ଗୁଣିଆ ଚାଲିଯାଇଥିଲା ।

# ୨୦୨୦-୨୧ ଖରିଫ୍ ଋତୁ ନିମନ୍ତେ ଧାନ ସଂଗ୍ରହ ପାଇଁ କୃଷକମାନଙ୍କର ଅନ୍‌ଲାଇନ ପଂଜିକରଣ ନିମନ୍ତେ କ୍ଷେତ୍ରୀୟ କର୍ମଚାରୀଙ୍କ ପ୍ରଶିକ୍ଷଣ

ଜଗତସିଂହପୁର,୨୨।୭ (ନି.ପ୍ର): ୨୦୨୦-୨୧ ଖରିଫ୍ ଋତୁ ପାଇଁ କୃଷକ ମାନଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ଆସନ୍ତା ଅଗଷ୍ଟ ୧ ତାରିଖ ଠାରୁ ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ କୃଷକମାନଙ୍କର ଅନ୍ ଲାଇନ୍ ରେଜିଷ୍ଟ୍ରେସନ୍ ପ୍ରକ୍ରିୟା ଚାଲିବ । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜଗତସିଂହପୁର ଜିଲ୍ଲାରେ କୃଷକମାନଙ୍କର ଅନ୍‌ଲାଇନ ପଞ୍ଜିକରଣ କରାଯିବା ପାଇଁ କ୍ଷେତ୍ରୀୟ କର୍ମଚାରୀଙ୍କ ମଧ୍ୟରେ ପର୍ଯ୍ୟାୟ କ୍ରମେ ପ୍ରଶିକ୍ଷଣ ଶିବିର ଜଗତସିଂହପୁର ଆର.ଏମ୍.ସି ଏବଂ ରାହାମା ଆର.ଏମ୍.ସି ସମ୍ମିଳନୀ କକ୍ଷରେ ତା ୨୭.୭.୨୦ ରିଖ ଠାରୁ ତା ୩୧.୭.୨୦ ରିଖ ମଧ୍ୟରେ ଅନୁଷ୍ଠିତ ହେବ । ପ୍ରାପ୍ତ ସୂଚନା ଅନୁଯାୟୀ ଜଗତସିଂହପୁର ଆର.ଏମ୍.ସି ସମ୍ମିଳନୀ କକ୍ଷରେ ୨୭ ତାରିଖ ଦିବା୧୧ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଜଗତସିଂହପୁର ବ୍ଲକର ୧୬ ଗୋଟି ସମବାୟ ସମିତି ଏବଂ ୩ ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ ବିରିଡି ବ୍ଲକର ୬ ଗୋଟି ସମବାୟ ସମିତିର କ୍ଷେତ୍ରୀୟ କର୍ମଚାରୀମାନଙ୍କ ମଧ୍ୟରେ ପ୍ରଶିକ୍ଷଣ ଅନୁଷ୍ଠିତ ହେବ । ସେହିପରି ୨୮ ତାରିଖ ଦିବା ୧୧ ଘଟିକା ଠାରୁ ଅପରାହ୍ନ ୧ ଘଟିକା ମଧ୍ୟରେ ବାଲିକୁଦା ବ୍ଲକର ୨୧ ଗୋଟି ସମବାୟ ସମିତି,ଅପରାହ୍ନ ୩ ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ ନାଉଗାଁ ବ୍ଲକର ୬ ଗୋଟି ସମବାୟ ସମିତି,୨୯ ତାରିଖ ଦିବା ୧୧ ଘଟିକାରୁ ଅପରାହ୍ନ ୧ ଘଟିକା ମଧ୍ୟରେ ଏରସମା ବ୍ଲକର ୧୬ଗୋଟି ସମବାୟ ସମିତି,ଅପରାହ୍ନ ୩ ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ କୁଜଙ୍ଗ ବ୍ଲକର ୧୬ଗୋଟି ସମବାୟ ସମିତି,୩୦ ତାରିଖ ଦିବା ୧୧ ଘଟିକା ଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ରଘୁନାଥପୁର ବ୍ଲକର ୯ ଗୋଟି ସମବାୟସମିତି,ଅପରାହ୍ନ ୩ ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ ତିର୍ତୋଲ ବ୍ଲକର ୧୫ ଗୋଟି ସମବାୟ ସମିତିର କ୍ଷେତ୍ରୀୟ କର୍ମଚାରୀଙ୍କର ପ୍ରଶିକ୍ଷଣ ରାହାମା ଆର.ଏମ.ସିରେ ଅନୁଷ୍ଠିତ ହେବ । ଜଗତସିଂହପୁର ଓ ରାହାମା ନିୟନ୍ତ୍ରିତ ବଜାର କମିଟିର ସେକ୍ରେଟାରୀମାନେ କୃଷକମାନଙ୍କ ଅନ୍ ଲାଇନ୍ ରେଜିଷ୍ଟ୍ରେସନ୍ ସଂପର୍କରେ ମାଇକ୍,ଫ୍ଲେକ୍ସ ବ୍ୟାନର ମାଧ୍ୟମରେ କୃଷକ ମାନଙ୍କୁ ସଚେତନ କରିବା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁଯାୟୀ ସାମାଜିକ ଦୂରତା,ସାନିଟାଇଜେସନ୍ ଓ ମାକ୍ସ ବ୍ୟବହାର ମୁତାବକ ଅନୁଷ୍ଠିତ ହେବ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗାଣ ଅଧିକାରୀ,ମାର୍କେଟିଙ୍ଗ ଇନିସ୍‌ପେକ୍ଟର,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ସେଣ୍ଟ୍ରାଲ କୋଅପରେଟିଭ୍ ବ୍ୟାଙ୍କର ଶାଖା ପରିଚାଳକମାନେ ଯୋଗଦେବେ ।

# କରୋନା ମୁକାବିଲାରେ ବିଫଳ ପ୍ରଶାସନ : ସିପିଏମ୍

ଜଳେଶ୍ୱର, ୨୨/୭ (ନିପ୍ର) : ଦୀର୍ଘ ୪ମାସ ଧରି ଲଏକ୍‌ଡାଉନ୍ ଓ ସଟ୍‌ଡାଉନ ଘୋଷଣା ଫଳରେ ସଚେତନତା ଯେପରି ହେବା କଥା ତାହା ହୋଇ ପାରିନାହିଁ । ବହୁ ଜନସାଧାରଣ ମାକ୍ସ ନ ପିନ୍ଧି ବଜାରରେ ବୁଲିବା, ପ୍ରଶାସନ ପକ୍ଷରୁ ସାମୟିକ ଜୋରିମାନା ଆଦାୟ କରି ଚୁପ୍ ହୋଇ ବସିବା, ଦୈନିକ ବଜାରକୁ ଠିକ୍‌ଭାବେ ପରିଚାଳନା ନ କରିବା ଏବଂ ମ୍ୟୁନିସିପାଲଟି ଓ ବିଭିନ୍ନ ମୁଖ୍ୟସ୍ଥାନ ଗୁଡିକରେ ସାନିଟାଇଜ୍‌ନ୍ ହେବା କରୋନା ମୁକାବିଲା ପ୍ରହସନରେ ପରିଣତ ହୋଇଛି ବୋଲି ଆଜି ସିପିଏମ୍ ପକ୍ଷରୁ ପ୍ରେସ୍‌ମିଟ୍‌ରେ କହୁଯାଇଛି । ଦୈନିକ ବଜାରକୁ ସାପ୍ତାହିକ ହାଟରେ ନ ବସାଇ ରାସ୍ତାକଡରେ ବସାଇବା, ବ୍ୟାପକ ସ୍ୱାବ ଟେଷ୍ଟ ନ କରିବା, ଓଡିଶା ସୀମାକୁ ଠିକ୍‌ଭାବେ ସିଲ ନ କରିବା ଇତ୍ୟାଦି ଯୋଗୁଁ ଏହା ମୁକାବିଲା କରିବାରେ ପ୍ରଶାସନ ବିଫଳ ହୋଇଥିବାର ସିପିଏମ୍ ଅଭିଯୋଗ କରିଛି । ଏପରି ଘଟଣା ପ୍ରତି ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସଂପର୍କରେ ଏକ ଭାର୍ଚୁଆଲ ବୈଠକରେ ସଂପାଦକ ଦିଲ୍ଲିପ କୁମାର ଗିରି, ଜିତାଂଶୁ ନନ୍ଦି, ସୀତାଂଶୁ ସେନାପତି, ଶିଶିର ହୁଇ, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ ଓ ଜୀବନ ପରିଡା ପ୍ରମୁଖ ଦାବି କରିଛନ୍ତି ।

# କରୋନା ପିଡିତ ଯୁବକ ନାଚି ନାଚି ଗଲେ କୋଭିଡ ହସ୍ପିଟାଲକୁ

ନୀଳଗିରି,୨୨।୭ (ନି.ପ୍ର): ଗତକାଲି ନୀଳଗିରି ଅଂଚଳରେ ନୀଳଗିରି ଉପଖଣ୍ଡରେ ୩ ଜଣ କରୋନା ଚିହ୍ନଟ ରିପୋର୍ଟ ଆସିବା ପରେ ନୀଳଗିରିରେ ଲୋକେ ଭୟରେ ରହିଛନ୍ତି । ଜଣେ ଯୁବକ ନୀଳଗିରି ସହରର ହୋଇଥିବାବେଳେ ଅନ୍ୟ ୨ ଜଣ ବେଗୁନିଆ ପଂଚାୟତର ବୋଲି ଜଣାପଡିଛି । ନୀଳଗିରି ସହରର ଯୁବକ ଜଣକ ବରହମପୁର ବଜାର ସ୍ଥିତ ଗିରି ପେ ଫୋନରେ କର୍ମଚାରୀ ଅଟନ୍ତି । ଆଜି ଅପରାହ୍ନରେ ସ୍ୱାସ୍ଥ୍ୟ ବିଭାଗ ତାଙ୍କ ଘରେ ପହଂଚି ତାଙ୍କୁ ସୁତେଇ ବଡଗାଁ କୋଭିଡ ହସ୍ପିଟାଲକୁ ତାଙ୍କ ଘରେ ପହଂଚିବା କ୍ଷଣି ଯୁବକ ଜଣକ ନିଜର ବେଡିଂ ଧରି ନାଚି ନାଚି ବାପା ମାଙ୍କୁ ବିଦାୟ ଦେଇ କୋଭିଡ ହସ୍ପିଟାଲକୁ ଯିବା ଘଟଣା ସୋସିଆଲ ମିଡିଆ ଭାଇରାଲ ହେବାରେ ଲାଗିଛି । ଯୁବକଙ୍କର ଏପରି ନିଆରା ଢଙ୍ଗକୁ କିଛି ଲୋକ ପସନ୍ଦ କରୁଥିବାବେଳେ କିଛିଲୋକ ନାପସନ୍ଦ କରିଛନ୍ତି । ଅପରପକ୍ଷରେ ଯୁବକ ଜଣକ ବହୁତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ବରହମପୁର ଠାରୁ ନୀଳଗିରି ପର୍ଯ୍ୟନ୍ତି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।

# ଅମାନିଆ ବାଇକ୍ ଚାଳକଙ୍କୁ ପୁଲିସ୍‌ର ଲଗାମ୍

ଜଳେଶ୍ୱର,୨୨।୭ (ନି.ପ୍ର): ଗତ କିଛିଦିନ ଧରି ଜଳେଶ୍ୱର ବଜାରରେ କେତେକ ଲୋକେ ବେପାରୁଆଭାବେ ବାଇକ୍ ଚଳାଚଳ, କୋଭିଦ୍୧୯ର ବ୍ୟାପକ ଉଲଙ୍ଘନ ଇତ୍ୟାଦି ଯୋଗୁଁ ଆଜି ଜଳେଶ୍ୱର ଥାନା ଆଇଆଇସି ଧନେଶ୍ୱର ସାହୁଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ସତ୍ୟନାରାୟଣ ବଳ ଓ ଅନ୍ୟମାନଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା । ଏଥିରେ ୧୧ଜଣ ବାଇକ୍ ଚାଳକ ମାକ୍ସ ଲଗାଇ ଯାଉଥିବାରୁ ସେମାନଙ୍କ ଠାରୁ ୫ହଜାର୫ଶହ ଟଙ୍କା ଫାଇନ୍ ଆଦାୟ ହୋଇଥିଲା । ୧୦ଟି ବାଇକ୍‌ର କାଗଜପତ୍ର ଠିକ୍ ନଥିବାରୁ ସେମାନଙ୍କର ନାମରେ ମାମଲା ରୁଜୁ କରି ଆରଟିଓଙ୍କ ନିକଟକୁ ପଠାଯାଇଛି । ଏହା ବ୍ୟତିତ ବହୁ ବାଇକ୍‌ର ବିଭିନ୍ନ ସମସ୍ୟାଥିବା ଓ ଆଇନ୍ ଅମାନ୍ୟ କରୁଥିବାରୁ ସେମାନଙ୍କୁ ତାଗିଦ୍ କରି ଛାଡିଥିବା ପୁଲିସ୍ ପକ୍ଷରୁ ପ୍ରକାଶ ।

# ବେଗୁନିଆ ପଂଚାୟତକୁ ୭୨ ଘଂଟା ସଟ୍‌ଡାଉନ ଘୋଷଣା କଲେ ସରପଂଚ

ନୀଳଗିରି,୨୨।୭ (ନି.ପ୍ର): ବେଗୁନିଆ ପଂଚାୟତର ୨ ଜଣ କରୋନା ପଜେଟିଭ ଚିହ୍ନଟ ହେବା ପରେ ସରଂପଚ ଦମୟନ୍ତି ସିଂ ୩ ଟି ୱାର୍ଡକୁ ୭୨ ଘଂଟା ପାଇଁ ସର୍ଟଡାଉନ ଘୋଷଣା କରିଛନ୍ତି । ଘଟଣା ସମ୍ପର୍କରେ ନୀଳଗିରି ଉପଜିଲ୍ଲାପାଳ ,ବ୍ଲକ ପ୍ରଶାସନ ଓ ଥାନାକୁ ଅବଗତ କରାଇଛନ୍ତି । ଗତକାଲି ଅର୍ଥାତ ୨୧/୦୭/୨୦ ରିଖ ଦିନ ପଂଚାୟତରେ ୨ ଜଣ କରୋନା ପଜେଟିଭ ଚିହ୍ନଟରେ ସରପଂଚ ଦମୟନ୍ତି ସିଂ ୬ ନଂ,୭ନଂ ଓ ୮ନଂ ୱାର୍ଡକୁ ବୁଧବାର ସକାଳ ୮ ଟାରୁ ଶନିବାର ସକାଳ ୮ ଟା ପର୍ଯ୍ୟନ୍ତ ୭୨ ଘଂଟା ସର୍ଟଡାଉନ ଘୋଷଣା କରିବା ସହିତ ଏଥିରେ ଜନସାଧାରଣ ସହଯୋଗ କରିବାକୁ ନିବେଦନ କରିଛନ୍ତି । ଅପରପକ୍ଷରେ ପଂଚାୟତ ପକ୍ଷରୁ ସର୍ଟଡାଉନ ନେଇ ୩ଟି ୱାର୍ଡରେ ଜନସାଧାରଣଙ୍କୁ ମାଇକ ଯୋଗେ ପ୍ରଚାର କରିବା ସହିତ ପ୍ରଶାସନକୁ ଅବଗତ କରାଯାଇଛି ।

# ଜଳେଶ୍ୱର ବ୍ଲକ ଅଂଚଳରେ ୩ ପଜିଟିଭ୍ : ଅନ୍ୟ ୩ ଜଣଙ୍କ ସ୍ୱାବ ସଂଗୃହୀତ

ଜଳେଶ୍ୱର, ୨୨/୭ (ନିପ୍ର) : ଆଜି ଜଳେଶ୍ୱର ବ୍ଲକର ୩ଜଣଙ୍କର କରୋନା ପଜେଟିଭ୍ ରିପୋର୍ଟ ଆସିଥିବା ବେଳେ ଅନ୍ୟ ୩ଜଣଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥିବାରୁ କ୍ୱାରେଣ୍ଟାଇନ୍ ସେଣ୍ଟର୍ ଗୁଡିକରୁ ସେମାନଙ୍କୁ ଚିକିତ୍ସାର ବ୍ୟବସ୍ଥା କରାଯାଇଛି । ଶିଖରପୁର ପଂଚାୟତର ସୁଖଦୁଃଖିଆ ଗାଁରୁ ୨ଜଣ ଓ କୋଟସାହି ପଂଚାୟତର ଜମାଲପୁର କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ଜଣଙ୍କର ସ୍ୱାବ ପଠାଯାଇଥିବା ବେଳେ ସେମାନଙ୍କର ପଜେଟିଭ୍ ଆସିଥିବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ କୋଟସାହି ଟିଏମ୍‌ସି ଓ ଗୁଆଗଡିଆ ଟିଏମ୍‌ସିରୁ ଜଣଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥିବାରୁ ସେମାନଙ୍କର ସ୍ୱାବ ସଂଗ୍ରହ କରାଯାଇଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପ୍ରକାଶ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ମିଳିତ ଆନୁକୂଲ୍ୟରେ 'ମେଘ ମହ୍ଲାର' କବିତା ଆସର ଭରଚୁଆଲ ମୋଡ଼ରେ ଅନୁଷ୍ଠିତ




ବାଲେଶ୍ୱର,୨୨।୭ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ 'ଯୁଗଶ୍ରୀ ଯୁଗନାରୀ' ମାସିକ ମହିଳା ପତ୍ରିକାର ମିଳିତ ଆନୁକୂଲ୍ୟରେ ଏକ ନିଆରା ଢ଼ଙ୍ଗରେ ଚଳିତ ବର୍ଷ 'ମେଘ ମହ୍ଲାର' କବିତା ଆସର ଓ ସାରସ୍ୱତ ସମାରୋହ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦ ଭବନରେ ସଂପାଦିକା ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି କୁଳପତି ପ୍ରଫେସର ମଧୁମିତା ଦାସ ଉତ୍ସବକୁ ଉଦ୍‌ଘାଟନ କରି 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ଏହିଭଳି ଭରଚୁଆଲ ମୋଡ଼ରେ 'ମେଘ ମହ୍ଲାର' କବିତା ଆସରର ପ୍ରଶଂସା କରି ସଂପାଦିକାଙ୍କୁ ସାଧୁବାଦ ଜଣାଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା କୁଳସଚିବ ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ବେହେରା ଫକୀରମୋହନଙ୍କ ମାଟିରେ ହିଁ ଏହିପରି କବିତା ଆସର ତଥା ସାରସ୍ୱତ ସମାରୋହ ସମ୍ଭବ ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ବିଭାଗର ମୁଖ୍ୟ ତଥା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଅଣନାତି ପ୍ରଫେସର ମଣୀନ୍ଦ୍ର ମେହେର ଯୋଗଦେଇ ଫକୀରମୋହନ, ରାଧାନାଥ ଓ ଗଙ୍ଗାଧର କିପରି ପୂର୍ବ ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ସାହିତ୍ୟର ସେତୁ ଗଢ଼ି ଓଡ଼ିଆ ଭାଷାର ବିକାଶ ଘଟାଇ ଥିଲେ ତାହା ସ୍ମରଣ କରି ପତ୍ରିକାର ଏହିପରି କବିତାପାଠ ଓ ସାରସ୍ୱତ ସଭାକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । କୋଭିଡ଼୍ ଗାଇଡ଼ଲାଇନ୍ ପାଳନ କରି 'ମେଘ ମହ୍ଲାର' କବିତା ପାଠ ଓ ସାରସ୍ୱତ ସଭା ଆୟୋଜନ କରାଯାଇଥିଲା । ଏହି ଅବସରରେ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ଜୁଲାଇ -୨୦୨୦ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏଥରର ସାକ୍ଷାତକାରରେ ଅଛନ୍ତି ଗୀତି କବୀ, ସମାଜସେବୀ ଓ 'ଉତ୍କଳ ସାହିତ୍ୟ ସମାଜ'ର ସଂପାଦିକା ମୀନାକ୍ଷୀ ଦେବୀ ଏବଂ ଉପସ୍ଥାପନା କରିଛନ୍ତି ଡ. ମୀନାକ୍ଷୀ ପଣ୍ଡା । ବିଶିଷ୍ଟ ମୁଦ୍ରଣଶିଳ୍ପୀ 'ରଘୁନାଥ ପ୍ରେସ'ର ଅନ୍ୟତମ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଚନ୍ଦ୍ରକିଶୋର ମହାପାତ୍ରଙ୍କୁ 'ଯୁଗଶ୍ରୀ ଯୁଗନାରୀ ପତ୍ରିକା ସମ୍ମାନ-୨୦୨୦' ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ସେମାନେ ହେଲେ ଡ. ଦେବାଶିଷ ପାତ୍ର, ଡ. ସଂଘମିତ୍ରା ମିଶ୍ର, ଡ. ବସନ୍ତ କୁମାର ପଣ୍ଡା, ଅରୁନ୍ଧତି ମହାନ୍ତି, ଇପ୍‌ସିତା ଷଡ଼ଙ୍ଗୀ, ଦୀପ୍ତି ଦାସ, ଡ. ରବୀନ୍ଦ୍ର କୁମାର ଦାସ, ସମାଚଂଳ ରଣା, ସିପ୍ରା ସରକାର, ଡ. ଲକ୍ଷ୍ମୀନାରାୟଣ ଦାସ, ଡ. ନିବେଦିତା ମହାନ୍ତି, ପ୍ରତିମା, ସୁବ୍ରତା ମହାନ୍ତି, ରତିକାନ୍ତ ବେହେରା, ଶୈଳରାଣୀ ମିଶ୍ର, ରାଧାରାଣୀ ମହାପାତ୍ର, ଇଂ. ଅଶୋକ କୁମାର ମହାପାତ୍ର, ଶୋଭନା ଜେନା, ସୁନୀତି ମିଶ୍ର, ସୁଧାକର ସେଠୀ, ଡା.କୁମାର ଗୋପାଳ, ଗୀତାଞ୍ଜଳି ସାହୁ, ବିନିତା ପ୍ରଧାନ, ଅନିମା ପଟ୍ଟନାୟକ, ଦେବଯାନୀ ଦାସ, ବିଜୟଲକ୍ଷ୍ମୀ ମହାନ୍ତିପଟ୍ଟନାୟକ, ଡ. ପ୍ରଭାତନଳିନୀ ମହାପାତ୍ର, ମୈତ୍ରେୟୀ କମିଳା,ପାରମିତା ଷଡ଼ଙ୍ଗୀ । 'ଯୁଗଶ୍ରୀ ଯୁଗନାରୀ'ର ସହ-ସଂପାଦିକା ଡ. ପ୍ରଭାବତୀ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପଦେଷ୍ଟା ସୁଶ୍ରୀ ଗୀତାଞ୍ଜଳି ସିଂହଙ୍କ ମଂଚ ଆହ୍ୱାନ ପରେ କଲ୍ୟାଣୀ ନନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲେ । ଅଧାପକ କମଳାକାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିଳ୍ପୀ କେଶୁ ଦାସ ମାନପତ୍ର ପାଠ କରିଥିଲେ । ଇଂ. ବିକ୍ରମ ମାଝୀ ଡ଼ିଜିଟାଲ କୋଅଡ଼ିନେଟର ଭାବେ ଭରଚୁଆଲ ମୋଡରେ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ ଓ ବସନ୍ତ ପ୍ରଧାନ ଏଥିରେ ସହଯୋଗ କରିଥିଲେ । ଶେଷରେ ସ୍ମୃତି ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗଛକଟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ କେନ୍ଦ୍ରମନ୍ତ୍ରୀ ଚିଠିଲେଖିଲେ ଜିଲ୍ଲାପାଳଙ୍କୁ

ନୀଳଗିରି,୨୨।୭ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ବଉଳ, କୃଷ୍ଣଚୁଡା ଭଳି ବହୁ ମୁଲ୍ୟବାନ ଗଛ ଗୁଡିକ ଦୀର୍ଘ ଦିନ ଧରି ରହିଥିଲା । ଏଥିରେ ଭକ୍ତ ଓ ଜନସାଧାରଣ ଖରା ସମୟରେ ଆଶ୍ରୟ ନେଉଥିଲେ । ଅପରପକ୍ଷରେ ଗଛ ଗୁଡିକ ମନ୍ଦିର ସମ୍ମୁଖରେ ଥିବାରୁ ସୌନ୍ଦର୍ଯ୍ୟ ବଢାଉଥିଲା । ଜନୈକ ବ୍ୟକ୍ତି ଦିନ ଦ୍ୱିପ୍ରହରେ ନିଜର ପାୱାର ଦେଖାଇ ପ୍ରଶାସନ ଆଖିରେ ଆଙ୍ଗୁଠି ଖେଂଚି ଖୋଦ ଠାକୁର ମାହାଲ ଅଫିସ ସମ୍ମୁଖରେ ଗଛ ଗୁଡିକୁ କାଟିନେବା ଘଟଣା ପ୍ରଶାସନର ପାରିବା ପଣିଆ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାକୁ ନେଇ ଗଣମାଧମରେ ଖବର ପ୍ରକାଶ ପାଇଥିଲେ ସୁଦ୍ଧା ପ୍ରଶାସନ ହାତବାନ୍ଧି ବସିଥିବାରୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ନଂ ୧୧୭୪/୨୦ ମୂଳେ ଜିଲ୍ଲାପାଳ ଓ ୧୧୭୫/୨୦ ମୂଳେ ଏସପିଙ୍କୁ ଜଣାଇଛନ୍ତି । କେନ୍ଦ୍ର ମନ୍ତ୍ରୀଙ୍କର ଏପରି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଚଂଳରେ ପ୍ରଶଂସା କରାଯାଇଛି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ରାଉରକେଲା ଆଇଜିଏଚ୍‌ରେ...

ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ରାଉରକେଲାର ବସ୍ତି ଅଂଚଳ ଓ ଜନଗହଳିପୂର୍ଣ୍ଣ ଅଂଚଳ ଉପରେ ଅଧିକ ଫୋକସ୍ କରିବା ସହିତ ଘରକୁ ଘର ବୁଲି ପର୍ଯ୍ୟବେକ୍ଷଣ ଓ କଂଟେଟମେଂଟ ଜୋନ୍ ରେ ଟେଷ୍ଟିଂ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ଜିଲ୍ଲାରେ କୋଭିଡ କେୟାର ହୋମ୍ ଓ କୋଭିଡ କେୟାର ସେଂଟର ପାଇଁ ଜିଲ୍ଲା ପ୍ରଶାସନକୁ ସହଯୋଗର ହାତ ବଢାଇଥିବାରୁ ମୁଖ୍ୟମନ୍ତ୍ରୀ ରାଉରକେଲା ଷ୍ଟିଲ ପ୍ଲାଂଟ, ଏନଟିପିସି, ଏମସିଏଲ୍ ଓ ଓସିଏଲ୍ କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ପ୍ରଶାସନ ଡିଏମଏଫ୍ ରୁ କୋଭିଡ ପରିଚାଳନା ପାଇଁ ୧୩.୫ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜିଲ୍ଲାପାଇଁ ୫ କୋଟି ଟଙ୍କା ମଞ୍ଜୁର କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହାସହିତ ଜିଲ୍ଲାରେ କୋଭିଡ ଚିକିତ୍ସା ପାଇଁ ଅଧିକ ୨୫୦ ଶଯ୍ୟା ବୃଦ୍ଧି କରିବା ବିଷୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ବିଭିନ୍ନ କର୍ପୋରେଟ ଓ ଶିଳ୍ପ ସଂସ୍ଥା ସହଯୋଗରେ ଜିଲ୍ଲାରେ ଅଧିକ କୋଭିଡ କେୟାର ହୋମ୍ ଓ କୋଭିଡ କେୟାର ସେଂଟର ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଧାର୍ମିକ ସାମାଜିକ ସଂଗଠନ ଓ କର୍ପୋରେଟ ସଂସ୍ଥା ମାନଙ୍କୁ କୋଭିଡ କେୟାର ହୋମ୍ ଓ କୋଭିଡ କେୟାର ସେଣ୍ଟର ସ୍ଥାପନ ପାଇଁ ସହଯୋଗ କରିବାକୁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ ।ଯାଜପୁର ଜିଲ୍ଲାକୁ ଗତ କିଛି ଦିନ ମଧ୍ୟରେ ୨୬ ହଜାରରୁ ଅଧିକ ପ୍ରବାସୀ ଆସିଥିଲେ ମଧ୍ୟ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିଥିବାରୁ ଏବଂ ଆରୋଗ୍ୟ ହାରକୁ ୮୬.୫ ପ୍ରତିଶତରେ ପହଂଚାଇ ପାରିଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଯାଜପୁର ଜିଲ୍ଲା ଯୋଜନା କମିଟିର ଅଧକ୍ଷ ତଥା ମନ୍ତ୍ରୀ ଶ୍ରୀ ସମୀର ଦାଶ ଏବଂ ସୁନ୍ଦରଗଡ ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଶ୍ରୀ ସାରଦା ନାୟକ ସେମାନଙ୍କ ଜିଲ୍ଲାରେ କୋଭିଡ ପରିଚାଳନା ସଂପର୍କରେ ସୁଚିନ୍ତିତ ମତାମତ ଦେଇଥିଲେ । ସୁନ୍ଦରଗଡ ଓ ଯାଜପୁରର ଜିଲ୍ଲାପାଳ ଏବଂ ରାଉରକେଲାର ମ୍ୟୁନିସ୍‌ପାଲ କମିଶନର ସେମାନଙ୍କ ଅଂଚଳରେ କୋଭିଡ ପରିଚାଳନା ବିଷୟରେ ଉପସ୍ଥାପନା କରିଥିଲେ ଏବଂ ପରିସ୍ଥିତିରେ ଉନ୍ନତି ଆସୁଥିବା ବିଷୟ ସୂଚନା ଦେଇଥିଲେ ।

## ସୁସ୍ଥ ହେଲେ...

ଗଞ୍ଜାମରୁ ୬୮ଜଣ, ବାଲେଶ୍ୱରରୁ ୪୯ଜଣ, ମାଲକାନଗିରିରୁ ୪୦ଜଣ, ଜଗତସିଂହପୁରରୁ ୨୩ଜଣ, ଭଦ୍ରକରୁ ୨୧ଜଣ, ମୟୁରଭଞ୍ଜରୁ ୨୦ଜଣ, କୋରାପୁଟରୁ ୧୮ଜଣ, ପୁରୀରୁ ୧୭ଜଣ, ଝାରସୁଗୁଡ଼ାରୁ ୧୨ଜଣ, କେନ୍ଦୁଝରରୁ ୧୨ଜଣ, ନବରଙ୍ଗପୁରରୁ ୧୨ଜଣ, କଟକରୁ ୧୧ଜଣ, ବରଗଡ଼ରୁ ୧୦ଜଣ, ଯାଜପୁରରୁ ୯ଜଣ, ଅନୁଗୁଳରୁ ୯ଜଣ, କେନ୍ଦ୍ରାପଡ଼ାରୁ ୬ଜଣ, ସୁନ୍ଦରଗଡ଼ରୁ ୬ଜଣ, ବଲାଙ୍ଗୀରରୁ ୫ଜଣ, ସମ୍ବଲପୁରରୁ ୫ଜଣ ଏବଂ ନୟାଗଡ଼ରୁ ୪ଜଣ ସୁସ୍ଥ ହୋଇଛନ୍ତି ।

## ଆଉ ପାଂଚ ଜୀବନ...

ଗଂଜାମ ଜିଲ୍ଲାର ଜଣେ ୪୦ ବର୍ଷିୟା ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ସେ ମଧ୍ୟ ଡାଇବେଟିସ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ଜଣେ ୬୧ ବର୍ଷୀୟ ବୟସ୍କ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ଡାଇବେଟିସରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୬୦ ବର୍ଷୀୟ ବୟସ୍କ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ଡାଇବେଟିସ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ । କନ୍ଧମାଳ ଜିଲ୍ଲାର ଜଣେ ୮୬ ବର୍ଷୀୟ କୋରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ରାଜ୍ୟରେ ଗୋଟିଏ...

ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୩୭୧ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧ , ବାଲେଶ୍ୱର ଜିଲ୍ଲାରେ ୧୦ ଜଣ, ବରଗଡ ଜିଲ୍ଲାରେ ୨୬, ଭଦ୍ରକ ଜିଲ୍ଲାରେ ୧ , ବଲାଙ୍ଗୀର ଜିଲ୍ଲାରେ ୬. ବୌଦ୍ଧ ଜିଲ୍ଲାରେ ୩ କଟକ ଜିଲ୍ଲାରେ ୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୨୪, ଜଗତସିଂହପୁର ଜିଲ୍ଲାରେ ୩୫, ଯାଜପୁର ଜିଲ୍ଲାରେ ୨୦ , କନ୍ଧମାଳ ଜିଲ୍ଲାରେ ୧୩, କେନ୍ଦ୍ରାପଡା ଜିଲ୍ଲାରେ ୨୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୧୬ , ଖୋର୍ଦ୍ଧା ଜିଲ୍ଲାରେ ୧୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧୫ ଜଣ, ମାଲକାନଗିରି ଜିଲ୍ଲାରେ ୬୬, ମୟୁରଭଂଜ ଜିଲ୍ଲାରେ ୧୩ , ନବରଂଗପୁର ଜିଲ୍ଲାରେ ୧୭. ନୟାଗଡ ଜିଲ୍ଲାରେ ୫, ପୁରୀ ଜିଲ୍ଲାରେ ୨୮, ରାୟଗଡା ଜିଲ୍ଲାରେ ୯୬ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।, ସମ୍ବଲପୁର ଜିଲ୍ଲାରେ ୨୦ ଜଣ, ସୋନପୁର ଜିଲ୍ଲାରେ ୧୦ ତଥା ସୁନ୍ଦରଗଡ ଜିଲ୍ଲାରେ ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଗାଁର ନାଁ ରଙ୍ଗବତୀ...

ନାଁରେ ନାମିତ କରାଯିବା ଏହି ସଙ୍ଗୀତ ଏବଂ ଗୀତିକାରଙ୍କୁ ଉପଯୁକ୍ତ ସମ୍ମାନ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି । ଉଲ୍ଲେଖନୀୟ ଯେ, ସମ୍ବଲପୁର ଜିଲ୍ଲା ବିଲୁଙ୍ଗ ରଙ୍ଗବତୀ କ୍ରୀଡା ସଂସ୍କୃତ ଏକାଡେମୀର ସଚିବ ମିତ୍ରଭାନୁ ଗୌନ୍ତିଆଙ୍କ ଅନୁରୋଧ କ୍ରମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତବର୍ଷ ୧୮ ଡିସେମ୍ବରରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ପତ୍ର ଲେଖି ବାମରା ତହସିଲ ଅଧୀନ ବିଲୁଙ୍ଗ ଗାଁକୁ 'ରଙ୍ଗବତୀ ବିଲୁଙ୍ଗ' ନାଁରେ ନାମିତ କରିବା ନେଇ ଖୁବଶୀଘ୍ର ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ । ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଏ ନେଇ ଜଣାଇଥିବା ସେ ପତ୍ରରେ ଉଲ୍ଲେଖ କରିଥିଲେ । ଏହାର ପ୍ରତି ଉତରରେ ଶ୍ରୀ ଶାହ ଚଳିତବର୍ଷ ଜାନୁଆରୀ ୩ ତାରିଖରେ ଶ୍ରୀ ପ୍ରଧାନଙ୍କୁ ପତ୍ର ଲେଖି ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏହି କ୍ରମରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏନଓସି ମିଳିବା ପରେ ବିଲୁଙ୍ଗ ଗାଁର ନାମ ରଙ୍ଗବତୀ ବିଲୁଙ୍ଗକୁ ପରିବର୍ତ୍ତନ କରାଯାଇଛି । ଏ ନେଇ ଆଜି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## କୋଭିଡ୍ ଟୀକା ପ୍ରସ୍ତୁତି ...

ଲାନସେଟରେ ପ୍ରକାଶିତ ଫଳାଫଳ ବିଷୟରେ ଜାଣିବା ପାଇଁ ସେରମ୍ ପ୍ରତିଷ୍ଠାନ ସହିତ ଯୋଗାଯୋଗ କରିଥିବାରୁ ଶ୍ରୀ ପୁନାୱାଲା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ପ୍ରଥମ ପର୍ଯ୍ୟାୟ ପରୀକ୍ଷଣରେ ଅକ୍ସଫୋର୍ଡ ୟୁନିଭରସିଟି ଟୀକା ଆଶାବାଦୀ ଫଳାଫଳ ଦେଖାଇଛି । ଭାରତରେ ପରବର୍ତୀ ପର୍ଯ୍ୟାୟ ପରୀକ୍ଷା ଅଗଷ୍ଟ ମଧ୍ୟଭାଗରୁ ଆରମ୍ଭ ହେବ ଏବଂ ଏହି ଟୀକା ଚଳିତ ବର୍ଷ ଅକ୍ଟୋବର-ନଭେମ୍ବର ସୁଦ୍ଧା ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ଟୀକା ପ୍ରସ୍ତୁତ ହୋଇଯିବା ପରେ ସେରମ୍ ପ୍ରତିଷ୍ଠାନ ଏବଂ ରାଜ୍ୟ ସରକାର ପରସ୍ପର ସହ ଯୋଗାଯୋଗ କରିପାରିବେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ, ସିଏମଓର ମୁଖ୍ୟ ପରାମର୍ଶଦାତା, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ (୫-ଟି) ସଚିବ ଉପସ୍ଥିତ ଥିଲେ ।

## ୭୫୪ରେ ପହଞ୍ଚିଲା...

ପକ୍ଷରୁ ସୂଚନା ଦିଆଯାଇଛି । ସେମାନଙ୍କ ମଧ୍ୟରୁ ଜଳେଶ୍ୱର ସୁଖଦୁଃଖିଆ ଅଞ୍ଚଳରୁ ୨ ଜଣ, ସୋର ଅଞ୍ଚଳରୁ ଜଣେ ଓ ନୀଳଗିରିର ତିନିଦେଶ, ହାଟଗଡ଼ିଆ ଏବଂ ନଇଛଣପୁର ଅଞ୍ଚଳରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ବଢୁଥିବା କରୋନା ସଂକ୍ରମଣ ଉଭୟ ପ୍ରଶାସନ ଓ ଜନସାଧାରଣଙ୍କ ପାଇଁ ଏବେ ଚିନ୍ତାର କାରଣ ହୋଇଛି । ଏନେଇ ଶତ ପ୍ରତିଶତ କୋଭିଡ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି । ତେବେ ସାମ୍ପ୍ରତିକ ସଙ୍ଗୀନ କରୋନା ସ୍ଥିତିରେ ସମସ୍ତେ ସାମାଜିକ ଦୂରତା ରକ୍ଷା ସହ ମାସ୍କ ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

## ସ୍ୱାଧୀନତାର ଦୀର୍ଘବର୍ଷ ପରେ...

ଭିତ୍ତିରେ ଟ୍ରାନ୍ସଫର୍ମାର ପ୍ରତିଷ୍ଠା ସାଙ୍ଗକୁ ବିଦ୍ୟୁତ୍ ତାର ଟଣାଯାଇ ବିଦ୍ୟୁତ୍ ସଂଯୋଗ ବି ହୋଇଯାଇଛି । ଏବେ ଗ୍ରାମବାସୀଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଜାରି ରହିଛି । ଆଉ ୨/୩ ଦିନ ମଧ୍ୟରେ ଗ୍ରାମର ସମସ୍ତ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଯିବ ବୋଲି ଆଶା କରାଯାଉଛି । ତେବେ ସ୍ୱାଧୀନତାର ଦୀର୍ଘ ବର୍ଷରେ ଏହି କୁଡ଼ିପାହି ଗାଁ'କୁ ବିଦ୍ୟୁତ୍ ଆସିବା ପରେ ଉତ୍ସବ ଆୟୋଜନ ଭିତ୍ତିରେ ନୂଆ ପ୍ରତିଷ୍ଠା ହୋଇଥିବା ଟ୍ରାନ୍ସଫର୍ମାରକୁ ଆଜି ଉଦ୍‌ଘାଟନ କରାଯାଇଥିଲା । ସଦର ବ୍ଲକ ଉପାଧ୍ୟକ୍ଷା ସୁପ୍ରୀତି ଗିରି, ପରଖି ସରପଞ୍ଚ କବିତା ପାତ୍ର ସମାଜସେବୀ କମରୁଲ ଅଲ୍ଲି ଖାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରାନ୍ସଫର୍ମାରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଳମ୍ବରେ ହେଉ ପଛେ ପ୍ରଶାସନ ତଥା ବିଭାଗୀୟ ପଦକ୍ଷେପ ବେଶ୍ ପ୍ରଶଂସନୀୟ ବୋଲି ସେମାନେ କହିଥିଲେ । ତେବେ ସବୁଠାରୁ ଧନ୍ୟବାଦର ପାତ୍ର ଗଣମାଧ୍ୟମ ପ୍ରତିନିଧି ବୋଲି ସେମାନେ କହିଥିଲେ । ଗଣମାଧ୍ୟମୀ ପ୍ରତିନିଧିମାନେ ଗାଁ'ର ସମସ୍ୟାକୁ ଟିଭି ଓ ଖବରକାଗଜ ମାଧ୍ୟମରେ ପ୍ରକାଶ ଏବଂ ପ୍ରସାରଣ କରିବା ପରେ ଗ୍ରାମବାସୀମାନେ ଆଜି ବିଦ୍ୟୁତ୍ ଆଲୁଅ ଦେଖିପାରିଛନ୍ତି ବୋଲି ସେମାନେ କହିଥିଲେ ।

## ସବୁ ବ୍ଲକ ସଦର...

କୋରକୋରା ଲ କଲେଜ ଛକଠାରୁ ହୋମିଓପ୍ୟାଥି ଛକ, କୋରକୋରା ଛକ ଠାରୁ ବିଲାବାଡି ଶନି ମନ୍ଦିର ଛକ, କୁଲଡିହା ଛକ ଠାରୁ ଶ୍ରୀଧରପୁର ଛକ ଓ ଶ୍ରୀଧରପୁର ଶାସନ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଅଞ୍ଚଳ ଘୋଷଣା ହୋଇଛି । ଏହି ଅଞ୍ଚଳର ୭୧୦ଟି ପରିବାରର ୩୫୦୦ ଲୋକ ପ୍ରଭାବିତ ହେବେ । ତେବେ ଏହି ଲୋକମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଜିଲ୍ଲା ଯୋଗାଣ ବିଭାଗ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣର ବନ୍ଦୋବସ୍ତ କରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ, ପୌରପାଳିକା ପକ୍ଷରୁ ଏ ସମ୍ପର୍କରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇ ଜନସାଧାରଣଙ୍କୁ ଅବଗତ କରାଯାଉଛି । ସେହିଭଳି ଆଜି ଠାରୁ ବାସୁଦେବପୁର ବ୍ଲକର ମଲ୍ଲିକାଦେଇପୁର ଗ୍ରାମରୁ କଣ୍ଟେନମେଣ୍ଟଜୋନ କଟକଣା ଓ ନାଇକାଣିଡହି ପଞ୍ଚାୟତରୁ ବଫରଜୋନ କଟକଣାକୁ ପ୍ରତ୍ୟାହାର କରାଯାଇଛି ।

# କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୨।୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର କାଳୀଦାସପୁରସ୍ଥିତ ସଂଘ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ନାୟକ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ କରୋନା ସ୍ଥିତିରେ ସାମାଜିକ ଦୂରତା ରକ୍ଷା ପୂର୍ବକ ଏହି ଶିବିର ଆୟୋଜନ ବେଶ୍ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଥିଲେ। ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ସାଂଗଠନିକ ସମ୍ପାଦକ ଦୀପକ କୁମାର ଆଚାର୍ଯ୍ୟ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଏଥିରେ ଯୋଗଦେଇ ସଂଗଠନର ସମାଜସେବା ମୂଳକ କାର୍ଯ୍ୟଧାରାକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ। କରୋନା ଭଳି ସଙ୍ଗୀନ ସ୍ଥିତିରେ ରକ୍ତର ଅଭାବ ପୂରଣରେ ଏହି ଶିବିର ବେଶ ସହାୟକ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଗଠନର ବାଲେଶ୍ୱର ଜିଲ୍ଲା ସଭାପତି ସିଦ୍ଧାର୍ଥସାରଥୀ ଦାସ ଶିବିର ଉଦଘାଟନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମହେଶ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଆଞ୍ଚଳିକ ପରିବହନ ଅଧିକାରରୀ ବିକାଶ ଚୌଧୁରୀ, କ୍ରାଇମ ଡିଏସପି ଉମେଶ କୁମାର ପଣ୍ଡା, ଡ୍ରଗ୍ସ ଇନ୍‌ସ୍ପେକ୍ଟର ଆଦ୍ୟାମଣି ମାରାଣ୍ଡି ଓ ଜ୍ଞାନଦା ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଏଥିରେ ଯୋଗଦେଇ ସଂଗଠନର ଉଦ୍ୟମକୁ ପ୍ରଶଂସା କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଜୀବନ ବିନ୍ଦୁ ଅଭିଯାନର ବାଲେଶ୍ୱର ଜିଲ୍ଲା ସଂଯୋଜକ ଆଶିଷ ଘୋଷଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିର ପରିଚାଳନାରେ ଅକ୍ଷୟ କୁମାର ବେହେରା, ସୁଦୀପ ଚକ୍ରବର୍ତ୍ତୀ, ଲାଇଜୁ ମିଶ୍ର, ଅରୁଣ ଖଣ୍ଡେଲୱାଲ, ବିକ୍ରମଜିତ୍ କର, ପ୍ରଦୀପ କୁମାର ପାଢ଼ୀ, ଦିବାକର ରାଉଳ, ଡକ୍ଟର ପ୍ରଶାନ୍ତ କୁମାର ମହାନ୍ତି, ଦେବୀ ପ୍ରସନ୍ନ ପରିଡ଼ା, ବିକି ପୋଦାର, ସର୍ବେଶ୍ୱର ପାଣିଗ୍ରାହୀ, ସନ୍ଦୀପ ସାମନ୍ତରାୟ ପ୍ରମୁଖ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ଶିବିର ଶେଷ ସୁଦ୍ଧା ୧୦୦ରୁ ଅଧିକ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ଜଣାପଡ଼ିଛି।

# ସ୍ୱାଧୀନତାର ଦୀର୍ଘବର୍ଷ ପରେ ପରିଖି ବଳରାମଗଡ଼ିବାସୀ ଦେଖିଲେ ବିଜୁଳି ଆଲୁଅ



ବାଲେଶ୍ୱର,୨୨।୭ (ନି.ପ୍ର): ସ୍ୱାଧୀନତାର ଦୀର୍ଘବର୍ଷ ପରେ ଆଜି ବିଜୁଳି ଆଲୋକ ଦେଖିବାକୁ ପାଇଥିବା ବାଲେଶ୍ୱର ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୮ କିମି ଦୂର ପରଖି ପଞ୍ଚାୟତର ବଳରାମଗଡ଼ି ଗାଁଆର ଲୋକଙ୍କ ଆନନ୍ଦ କହିଲେ ନ ସରେ। ବଳରାମଗଡ଼ି ଗାଁ ପରିଖି ପଞ୍ଚାୟତର ଏକ ୱାର୍ଡ଼ ହୋଇଥିବା ବେଳେ ଏଠି ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏହି ଗ୍ରାମର ଭଲ ରାସ୍ତାଟିଏ ଓ ବିଜୁଳି ଆଲୋକ ପାଇଁ ଦୀର୍ଘଦିନ ଧରି ଲୋକେ ଦାବି କରିଆସୁଥିଲେ। ମାତ୍ର ପ୍ରଶାସନ ଲୋକ ପ୍ରତିନିଧି ତଥା ରାଜନେତାଙ୍କଠାରୁ କେବଳ ପ୍ରତିଶ୍ରୁତି ହିଁ ମିଳି ଆସୁଥିଲା। ଇତି ମଧ୍ୟରେ ବହୁ ସାଂସଦ, ବିଧାୟକ ଓ ସରପଞ୍ଚ ନିଜର କାର୍ଯ୍ୟକାଳ ଶେଷ କରି ଚାଲି ଯାଇଥିଲେ ବି କୁଢ଼ିପାହି ଗ୍ରାମର ଭାଗ୍ୟ ବଦଳି ନଥିଲା। ବିଜୁ ଗ୍ରାମ୍ୟ ଜ୍ୟୋତି, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି, ପ୍ରଧାନମନ୍ତ୍ରୀ ସୌଭାଗ୍ୟ ପ୍ରଭୃତି ଯୋଜନାରେ କେତେଗୋଟି ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଥିଲା। ମାତ୍ର ଟ୍ରାନ୍ସଫର୍ମାର କିମ୍ବା ବିଦ୍ୟୁତ୍ ତାର ଟାଣିବା ନେଇ କିଛି ପଦକ୍ଷେ ଗ୍ରହଣ କରାଯାଉ ନଥିଲା। ଏହାକୁ ନେଇ ଗତମାସ କେତେକ ଗଣମାଧ୍ୟମ ଏହି ଗାଁକୁ ଆସି ଲୋକଙ୍କ ସମସ୍ୟା ସମ୍ପର୍କରେ ଜାଣିବା ଓ ବାସ୍ତବତାକୁ ଦେଖିବା ସହ ସମ୍ବାଦ ପ୍ରକାଶ ତଥା ପ୍ରସାରଣ କରିଥିଲେ। ଏହାର ପ୍ରଭାବରେ ଯୁଦ୍ଧକାଳୀନ

▶▶ପୃଷ୍ଠା ୭

# ୭୫୪ରେ ପହଞ୍ଚିଲା ବାଲେଶ୍ୱରର କରୋନା ଆକ୍ରାନ୍ତଙ୍କ ସଂଖ୍ୟା : ଚିନ୍ତା ବଢ଼ାଉଛି ସ୍ଥାନୀୟ ସଂକ୍ରମଣ

ବାଲେଶ୍ୱର,୨୨।୭ (ନି.ପ୍ର): ଦିନକୁ ଦିନ ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଜି ସୁଦ୍ଧା ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧ଲକ୍ଷ ୯୪ ଲକ୍ଷ ୧୬୨ ଛୁଇଁଥିବା ବେଳେ ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୨୮ ହଜାର ୭୭୦ରେ ପହଞ୍ଚିଛି। ଅନୁରୂପ ଭାବେ ଓଡ଼ିଶାରେ ଆଜି ଗୋଟିଏ ଦିନରେ ୧୦୭୮ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ପରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୮୩୫ଛୁଇଁଛି। ତେବେ ଅଦ୍ୟାବଧି ୧୩,୩୧୦ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୬,୩୮୬ ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଆଜି ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ ଅଦ୍ୟାବଧି କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୦୮ରେ ପହଞ୍ଚିଛି। ସେହିଭଳି ବାଲେଶ୍ୱରରେ ମଧ୍ୟ ବଢୁଥିବା କରୋନା ସଂକ୍ରମଣ ଜିଲ୍ଲା ପାଇଁ ସଙ୍ଗୀନ ସ୍ଥିତି ସୃଷ୍ଟି କରିଛି। ଆଜି ୧୦ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୭୫୪ରେ ପହଞ୍ଚିଛି। ଅନ୍ୟପକ୍ଷରେ ଅଦ୍ୟାବଧି ୫୦୭ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୪୫ ଜଣ କରୋନା ସଂକ୍ରମିତ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଗତ କିଛିଦିନ ଧରି ବୃଦ୍ଧି ପାଇଥିବା ସ୍ଥାନୀୟ ସଂକ୍ରମଣ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ଆଜି ଚିହ୍ନଟ ହୋଇଥିବା ୧୦ ଜଣଙ୍କ ମଧ୍ୟରୁ ଜଳେଶ୍ୱର ଅଞ୍ଚଳର୨ ଜଣ ଜଣ ଓ ବସ୍ତା ଅଞ୍ଚଳର ଜଣେ ବାହାର ରାଜ୍ୟ ଫେରନ୍ତା କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ବାକି ୭ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି। ତେବେ ସମସ୍ତ ସ୍ଥାନୀୟ ସଂକ୍ରମଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ପଜିଟିଭ୍ ହୋଇଥିବା ପ୍ରଶାସନ

▶▶ପୃଷ୍ଠା ୭

# ରାଜସ୍ଥାନରେ କରୋନାରେ ୪ ଜଣଙ୍କର ମୃତ୍ୟୁ : ୧୩ ଜିଲ୍ଲାରେ ୨୨୬ ନୂଆ ସଂକ୍ରମିତ

ଜୟପୁର,୨୨।୭ (ନି.ପ୍ର): ରାଜସ୍ଥାନର ବିଭିନ୍ନ ଜିଲ୍ଲାରୁ ନୂଆ କରୋନା ସଂକ୍ରମଣ ମିଳିବା ଜାରି ରହିଛି। ପ୍ରଦେଶରେ ବୁଧବାର ସକାଳ ସୁଦ୍ଧା କରୋନରେ ପୁଣି ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁବରଣ କରିଥିବା ରୋଗୀ ମାନଙ୍କ ମଧ୍ୟରୁ ବିକାନେରରେ ୩, ଏବଂ ଅଲବରର ୧-୧ ରୋଗୀ ସାମିଲ ଅଛନ୍ତି। ଏବେ ପ୍ରଦେଶରେ ମୃତ୍ୟୁ ସଂଖ୍ୟା ୫୮୧ରେ ପହଂଚିଛି। ବୁଧବାର ସକାଳ ସୁଦ୍ଧା ୧୩ ଜିଲ୍ଲାରେ ୨୨୬ ନୂଆ ସଂକ୍ରମିତ ସହିତ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୧ ହଜାର ୫୯୯ରେ ପହଂଚିଛି। ବୁଧବାର ସକାଳ ସୁଦ୍ଧା ଯୋଧପୁରରେ ୫୯, ଅଲବରରେ ୫୨, ଅଜମେରରେ ୩୨, ଜୟପୁରରେ ୨୪, କୋଟାରେ ୨୧, ହନୁମାନଗଡ଼ରେ ୧୦, ଝୁନଝୁନ ଓ ଭରତପୁରରେ ୮-୮, ଦୌସାରେ ୪, ଶ୍ରୀଗଂଗାନଗରରେ ୩, ବାଂସୱାଡ଼ା ଓ ବୁନ୍ଦିରେ ୨-୨ ତଥା ବାରାଂରେ ୧ ବ୍ୟକ୍ତି ସଂକ୍ରମିତ ମିଳିଛନ୍ତି। ପ୍ରଦେଶରେ ଏବେ ସୁଦ୍ଧା ୨୨ ହଜାର ୮୮୯ ଜଣ ସୁସ୍ଥ ହୋଇଛନ୍ତି ଏବଂ ୨୨ ହଜାର ୭୩ ଜଣ ଘରକୁ ଫେରିଛନ୍ତି। ଚିକିତ୍ସା ବିଭାଗ କହିବା ଅନୁସାରେ ଏବେ ସୁଦ୍ଧା ଯୋଧପୁରରେ ୫୦୦୨, ଜୟପୁରେ ୪୪୭୦, ଭରତପୁରରେ ୨୨୧୫, ପାଲିରେ ୨୧୧୧, ଅଲବରରେ ୧୯୬୬, ବିକାନେରରେ ୧୫୦୭, ଅଜମେରରେ ୧୨୯୨, ନାଗୌରରେ ୧୧୬୧, କୋଟାରେ ୧୧୨୦, ଘୋଲପୁରରେ ୧୦୪୫, ବାଡ଼ମେରରେ ୧୦୪୧, ଉଦୟପୁରରେ ୧୦୧୧, ଜାଲୋରରେ ୯୫୩, ସୀକର ରେ ୭୮୦, ସିରୋହୀରେ ୭୭୨, ଡୁଙ୍ଗରପୁରରେ ୫୨୯, ଚୁରୁରେ ୫୨୭, ଝୁନଝୁନରେ ୫୧୧, ରାଜସମନ୍ଦରେ ୪୮୫, ଝାଲାୱାଡ଼ରେ ୪୧୭, ଭୀଲୱାଡ଼ାରେ ୪୦୮, ଦୌସାରେ ୨୬୭, ଟୋଂକରେ ୨୪୫, କରୌଲୀରେ ୨୩୯, ଚିତୌଡ଼ଗଡ଼ରେ ୨୨୩, ଅନ୍ୟ ପ୍ରଦେଶରେ ୧୮୨, ହନୁମାନଗଡ଼ରେ ୧୭୭, ପ୍ରତାପଗଡ଼ରେ ୧୬୨, ଜୈସଲମେରରେ ୧୪୪, ବାଂସୱାଡ଼ାରେ ୧୧୭, ଶ୍ରୀଗଂଗାନଗରରେ ୧୧୫ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି।

# ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ପକ୍ଷରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଆଲୋଚନା ସଭା

- ୧୦ ଟି ଜିଲ୍ଲାରୁ ଦଶଜଣ ପ୍ରାବନ୍ଧିକଙ୍କ କରୋନା ସଚେତନତା ଉପରେ ପ୍ରବନ୍ଧ ପାଠ
- ଯୋଗଦେଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟର ଶତାଧିକ ଜିଲ୍ଲା ଓ ବ୍ଲକ ସଂଯୋଜକ

ବାରିପଦା / ଭୁବନେଶ୍ୱର (ନି.ପ୍ର.) ତା ୨୨/୭ ସାମ୍ପ୍ରତିକ ପରିସ୍ଥିତିରେ କରୋନା ତାର କାୟା ବିସ୍ତାର କରି ସମଗ୍ର ବିଶ୍ୱର ଜନମାନସକୁ ଅସ୍ତବ୍ୟସ୍ତ କରିଦେଉଥିବା ପରାପ୍ରେକ୍ଷୀରେ କରୋନା ମୁକାବିଲା ପାଇଁ ଭୟ ନୁହେଁ ସତର୍କତା ଆବଶ୍ୟକ ହେଉଥିବା ବେଳେ ଅନେକ ସ୍ଥାନରେ ଭୟର ବଶବର୍ତୀ ହୋଇ ଜନତା ଅମାନବିକତାର ପରିଚୟ ଦେଉଥିବା ପରାପ୍ରେକ୍ଷୀରେ ଓଡିଶାର ମୁଖ୍ୟମନ୍ତ୍ରୀ ତ୍ୟାଗ, ସଂଯମ ଓ ଶୃଙ୍ଖଳା ଏହି ତ୍ରିସୂତ୍ରୀ କାର୍ଯ୍ୟକ୍ରମ ଆଚରଣ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟ ତରଫରୁ ଆଜି ସାମୁଖ୍ୟର ରାଜ୍ୟ ଆବାହକ ରବିନାରାୟଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଏବଂ ରାଜ୍ୟ ସଂଯୋଜକ ପ୍ରବୀର କୁମାର ମହାନ୍ତିଙ୍କ ପରିଚାଳନାରେ ୧୦ ଟି ଜିଲ୍ଲାକୁ ନେଇ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ତଥା ବିଜେଡି ଆଇଟି ସେଲ ଅଧ୍ୟକ୍ଷ ଡଃ ଅମର ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡଃ ଗୋପବନ୍ଧୁ ଦାସ ଏବଂ ସମ୍ମାନୀତ ଅତିଥି ଏବଂ ସମୀକ୍ଷକ ଭାବରେ ବରିଷ୍ଠ ସାହିତ୍ୟିକ ଡଃ ଗୌରହରି ଦାସ ଯୋଦେଇ କରୋନା ସହିତ ଲଢି ବିଜୟ ଲାଭ କରିବାକୁ ହେଲେ ମୁଖ୍ୟମନ୍ତ୍ରୀଙ୍କ ତ୍ରିସୂତ୍ରୀ ପରାମର୍ଶକୁ ପାଳନ କରିବା ଏବଂ ଜନସାଧାରଣ ସଚେତନତା ଓ ସତର୍କତାର ସହିତ ମାନବିକତାର ପରିଚୟ ଦେଇ କାମ କରିବା ଦରକାର ବୋଲି ନିଜନିଜର ବକ୍ତବ୍ୟରେ କହିଥିଲେ । ଏହି ଆଲୋଚନା ସଭାରେ ମୟୂରଭଞ୍ଜରୁ ଡଃ ଅସୀମା ସାହୁ, ଅନୁଗୁଳରୁ ପରମାନନ୍ଦ ମିଶ୍ର, ଝାରସୁଗୁଡାରୁ ଡଃ ମନ୍ଦାକିନୀ ଶତପଥି, ଦେବଗଡରୁ ଫନୀନ୍ଦ୍ର ଭୁଷଣ ନନ୍ଦ, ବାଲେସ୍ୱର ରୁ ଡଃ କବିତା ବାରିକ, ପୁରିରୁ ଚିନ୍ମୟୀ ଷଡଙ୍ଗୀ, ସମ୍ବଲପୁରରୁ ପାଣିନୀ ପ୍ରାଞ୍ଜ, ସୋନପୁର ରୁ ଲକ୍ଷ୍ମୀ ଚାନ୍ଦ, ଯାଜପୁରରୁ ବନ୍ଦନା ମିଶ୍ର, ନୟାଗଡରୁ ଶ୍ରୀଯୁକ୍ତ ସତ୍ୟାନାଶ ଯୋଗଦେଇ ଓଡିଶାରେ କରୋନା ସଚେତନତା ଶିର୍ଷକ ଉପରେ ବହୁମୂଲ୍ୟ ପ୍ରବନ୍ଧ ପାଠ କରିଥିଲେ । ଏହି ଅବସରରେ ସାମୁଖ୍ୟର ରାଜ୍ୟ ପରିଷଦ ସଦସ୍ୟ ଦେବରାଜ ସେନାପତି, ଅଜୟ ରାଉତରାୟ, ଡଃ ଗୌରୀପ୍ରସାଦ ବେହେରା, ଡଃ ଜୀବନ ଦିକ୍ଷୀତ, ଜ୍ୟୋତ୍ସ୍ନାମୟୀ ପରିଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଲୋଚନାଚକ୍ରରେ ୧୦ ଟି ଜିଲ୍ଲାରୁ ସମସ୍ତ ଜିଲ୍ଲା ସଂଯୋଜକ ବ୍ଲକ ସଂଯୋଜକ ଏବଂ ମହିଳା ସଂଯୋଜକ ମାନେ ଯୋଗଦେଇଥିଲେ । ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟର ଏଭଳି ଅଭିନବ କାର୍ଯ୍ୟକ୍ରମକୁ ଅତିଥି ମାନେ ପ୍ରଶଂସା କରିଥିଲେ ।

# ସବୁ ବ୍ଲକ ସଦର୍ ମହକୁମା ଓ ପୌର୍‌ପାଳିକା ଲକ୍‌ଡାଉନ୍




ଭଦ୍ରକ,୨୨।୭ (ନି.ପ୍ର): ଜିଲ୍ଲାରେ କରୋନାର ଦୃତ ସଂକ୍ରମଣକୁ ଲକ୍ଷ୍ୟ ରଖି ଜିଲ୍ଲାପାଳ ଡ. ଜ୍ଞାନ ଦାସ ଜିଲ୍ଲାର ସମସ୍ତ ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବ୍ଲକର ସଦର ମହକୁମା ସହର ବଜାରକୁ ଲକ୍ ଡାଉନ ଘୋଷଣା କରିଛନ୍ତି। ପୂର୍ବରୁ ଭଦ୍ରକ ପୌରପାଳିକା ଓ ଧାମନଗର ବିଜ୍ଞାପିତ ଅଞ୍ଚଳକୁ ଲକ୍‌ଡାଉନ ଘୋଷଣା କରାଯାଇଥିଲା। ଆଜି ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଏନ୍‌ଏସି, ବନ୍ତ ବ୍ଲକର ସଦର ମହକୁମା ବନ୍ତ ବଜାର, ତିହିଡି ବ୍ଲକର ସଦର ମହକୁମା ତିହିଡି ବଜାର ଓ ଭଣ୍ଡାରିପୋଖରୀ ବ୍ଲକ ସଦର ମହକୁମା ଭଣ୍ଡାରିପୋଖରୀ ବଜାରକୁ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହି କଟକଣା ଜୁଲାଇ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଲକ୍‌ଡାଉନ ସମୟରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଯଥା, ଗ୍ରୋସରୀ, ପରିବା, କ୍ଷୀର, କ୍ଷୀର ଜାତୀୟ ଦ୍ରବ୍ୟ, ମାଛ, ମାଂସ, ଅଣ୍ଡା ପ୍ରଭୃତି ଦୋକାନ ସକାଳ ୫ଟାରୁ ଦିନ ୧ ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ସମୟରେ ହୋମ୍ ଡେଲିଭରି ଜାରି ରହିବ। ଖାଦ୍ୟ, କ୍ଷୀର, ଗ୍ରୋସରୀ, ପରିବା ଆଦି ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ହୋମ ଡେଲିଭରି କରାଯାଇ ପାରିବ। ଏହା ବ୍ୟତୀତ ମଦ ମଧ ହୋମ୍ ଡେଲିଭରି ହେବ। ଡେଲିଭରି ବୟ ନିଜର ପରିଚୟପତ୍ର ଦେଖାଇ ସନ୍ଧ୍ୟା ୭ ମଧରେ ମଦ ଡେଲିଭରି କରିପାରିବେ। ତେବେ ଡେଲିଭରି ବୟ କାଶ, ଛିଙ୍କ, ଜ୍ୱର ଆଦି ରୋଗମୁକ୍ତ ହୋଇଥିବା ନିର୍ଶ୍ଚିତ ବୋଲି ଜିଲ୍ଲାପାଳ ଡ. ଦାସ ଟୁଇଟ କରି ଅବଗତ କରାଇଛନ୍ତି। ଦିନ ୨ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ସମସ୍ତ ଲକ୍‌ଡାଉନ ଅଞ୍ଚଳରେ ଚଳପ୍ରଚଳକୁ ନିଷିଦ୍ଧ କରାଯାଇଛି। କେବଳ ଔଷଧ ଦୋକାନ ରାତି ୧୦ ଟା ପର୍ଯ୍ୟନ୍ତ ଖୋଲା ରହିବ। ଲୋକେ ମେଡିକାଲ ଜରୁରୀ ବ୍ୟତୀତ ଅନ୍ୟ କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ବାହାରିଲେ ସେଥିଲାଗି ଆବଶ୍ୟକୀୟ କାଗଜପତ୍ର ଦେଖାଇବାକୁ ବାଧ ହେବେ। ଏହା ଛଡା ବିନା କାରଣରେ ବୁଲୁଥିଲେ ବାଇକ ଚାଳକଙ୍କ ଠାରୁ ୧ ହଜାର ଓ ୪ ଚିକିଆ ଠାରୁ ୨ ହଜାର ଟଙ୍କା ଜୋରିମାନା ବାବଦରେ ଆଦାୟ କରାଯିବ। ଜିଲ୍ଲାରେ ଆଉ ଜଣେ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୯୪ରେ ପହଞ୍ଚିଛି। ସେ ଲୋକାଲ କଣ୍ଟାକ୍ଟ ବୋଲି ଜଣା ପଡିଛି। ଭଦ୍ରକ ବ୍ଲକ କୋରକୋରା ପଞ୍ଚାୟତର ଏହି ଆକ୍ରାନ୍ତ। ତେବେ ଏହି ସମୟ ମଧରେ ୮ଜଣ କରୋନା ଆକ୍ରାନ୍ତ ମଧ ସୁସ୍ଥ ହୋଇଛନ୍ତି। ଫଳରେ ସୁସ୍ଥଙ୍କ ସଂଖ୍ୟା ୩୧୩ରେ ପହଞ୍ଚିଛି। ଏବେ ଆକ୍ଟିଭ ସଂଖ୍ୟା ୮୦ରେ ରହିଛି। ଜିଲ୍ଲାପାଳ କୋରକୋରା ଗ୍ରାମ ଓ ବିଲାବାଡି ଗ୍ରାମକୁ କଣ୍ଟେନମେଣ୍ଟଜୋନ ଓ କୋରକୋରା ପଞ୍ଚାୟତକୁ ବଫରଜୋନ ଘୋଷଣା କରିଛନ୍ତି।

▶▶ପୃଷ୍ଠା ୭

# କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପୂର୍ବ ବିବାଦକୁ କେନ୍ଦ୍ରକରି ସଂଘର୍ଷ : ୧ ଗୁରୁତର



ଜଳେଶ୍ୱର,୨୨।୭ (ନି.ପ୍ର): ଆଜି ୬ନଂ ୱାର୍ଡର କଣ୍ଟେନ୍‌ମଣ୍ଟେ ଜୋନ୍ ମଧ୍ୟରେ ପୂର୍ବ ବିବାଦକୁ ନେଇ ସଂଘର୍ସ ଘଟିବାରୁ ଜଣେ ମହିଳା ଗୁରୁତର ହୋଇ ଜିକେଭଟ୍ଟର ହସ୍‌ପିଟାଲରେ ଚିକିତ୍ସିତ ହୋଇଛନ୍ତି । ଦେଉଳି ପଂଚୁଘଣ୍ଟାର ପ୍ରଦୀପ କୁମାର ଜେନାଙ୍କ ସ୍ତ୍ରୀ ବାସନ୍ତି ଜେନା (୪୦) ଆଜି ପୂର୍ବାହ୍ନରେ ଟ୍ୟୁୱେଲରୁ ପାଣି ନେଉଥିବା ବେଳେ ପଡୋଶୀ ଅର୍ଦ୍ଧାଂଶୁ ଶେଖର ଜେନା ଓ ତାଙ୍କ ପୁଅ ପାପା ଜେନା ତାଙ୍କ ନିକଟକୁ ଯାଇ ମାଡ ଗୋଳ କରିବା ସହିତ ମୁଣ୍ଡକୁ ତୁଳସୀଚଉରାରେ ବାଡେଇ ଦେଇଥିଲେ । ଫଳରେ ବାସନ୍ତି ଗୁରୁତର ହେବାରୁ ତାଙ୍କୁ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ପୁଅ ନିରଞ୍ଜନକୁ ମାଡମାରିବାରୁ ତାର ଗୋଡ ଭାଂଯାଇଥିବା ଥାନାରେ ଅଭିଯୋଗ ହୋଇଛି ।

# ପ୍ରକାଶ ଶ୍ରମିକ ସଂଘରେ ସାମିଲ ହେଲେ ଏଚ୍‌ପିସିଏଲ, ଆଇଓସିଏଲର ଡ୍ରାଇଭର ଓ ହେଲପର



ପାରାଦ୍ୱୀପ ,୨୨।୭ (ନି.ପ୍ର): ପାରାଦ୍ୱୀପ ଠାରେ ଥିବା ଏଚ୍‌ପିସିଏଲ, ଆଓସିଏଲ ଟର୍ମିନାଲରେ କାର୍ଯ୍ୟ କରୁଥିବା ଡ୍ରାଇଭର ଓ ହେଲପର ମାନେ ବୁଧବର ଦିନ ଯୁବ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧିନ ପାରାଦ୍ୱୀପ ପୋର୍ଟ କନ୍‌ଷ୍ଟ୍ରକ୍‌ସନ ମଜଦୁର ସଂଘରେ ସାମିଲ ହୋଇଛନ୍ତି। ବୁଧବର ଦିନ ଟର୍ମିନାଲ ନିକଟରେ ସଂଘର ସଭାପତି ଶ୍ରୀ ତ୍ରିପାଠୀ ପହଞ୍ଚିବା ପରେ ଡ୍ରାଇଭର ଓ ହେଲପର ମାନେ ତାଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଜଣାଇଥିଲେ । ଟ୍ୟାଙ୍କର ଡ୍ରାଇଭର ଓ ହେଲପର ମାନଙ୍କ ସମସ୍ୟା ଗୁଡିକ ସଂପର୍କରେ ଶ୍ରୀଘ୍ର କର୍ତ୍ତୃପକ୍ଷମାନଙ୍କ ସହିତ ଆଲୋଚନା କରି ସମାଧାନା ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ମହାମାରୀ କରୋନାର ନିୟମାନୁଯାୟୀ ସାମାଜିକ ଦ୍ୱରତ୍ୱ ଓ ଅଳ୍ପ ସଂଖ୍ୟକ ଲୋକମାନଙ୍କ ଉପସ୍ଥିତିକୁ ଗୁରୁତ୍ୱ ଦେବା ସହ ଶ୍ରୀ ତ୍ରିପାଠୀ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ । ସଂଘର ଉପସଭାପତି ଅଜିତ୍ ଦାସଙ୍କ ସମେତ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁବ୍ରତ ପ୍ରଧାନ, ସର୍ବେଶ୍ୱର ବଳିୟାରସିଂହ, କୈଳାଶ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏ ସଂପର୍କରେ ଗତ ୧୫ ତାରିଖଦିନ ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗକୁ ସଂଘ ପକ୍ଷରୁ ପତ୍ର ମାଧମରେ ସୂଚନା ଦିଆଯାଇଛି ।

# ଦିନ ଦ୍ୱିପ୍ରହରେ ମୋରମ ମାଫିଆଙ୍କ ରାଜ

## ୧ ଟ୍ରାକ୍ଟର ଜବତ : ଖସିଗଲେ ୧୦ ଟ୍ରାକ୍ଟର, ୨ ଜେସିବି ଓ ୫ରୁ ଉର୍ଦ୍ଧ୍ୱ ମାଫିଆ ଡ୍ରାଇଭର



ନୀଳଗିରି,୨୨।୭ (ନି.ପ୍ର): ନୀଳଗିରି ତହସିଲରେ କୌଣସି ମୋରମ ଖାଦାନ ଦିଆଯାଇନଥିଲାବେଳେ ମୋରମ ମାଫିଆମାନେ କରୋନା କଟକଣାରୁ ଫାଇଦା ନେବା ପାଇଁ ଦିନ ଦ୍ୱିପ୍ରହରେ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ପ୍ରତ୍ୟେକ ଦିନ ତାଡି ମୋରମ ଚାଲାଣ କରି ମାଲେମାଲ ହେଉଛନ୍ତି। ଏପରି ଏକ ଘଟଣା ଆଜି ବରହମପୁର ପୋଲିସ ନଜରକୁ ଆସିଥିଲା। ପୋଲିସ ଘଟଣାସ୍ଥଳରୁ ମୋରମ ବୋଝେଇ ଏକ ଟ୍ରାକ୍ଟର ଜବତ କରିଥିବା ବେଳେ ଘଟଣାସ୍ଥଳରୁ ୧୦ ଉର୍ଦ୍ଧ୍ୱ ଟ୍ରାକ୍ଟର , ୨ ଜେସିବି, ୫ ରୁ ଉର୍ଦ୍ଧ୍ୱ ମାଫିଆ ଡ୍ରାଇଭର ଘଟଣାସ୍ଥଳରୁ ଛୁ ମାରିଥିଲେ। ପୋଲିସ ଗାଡିଟିକୁ ସିଜ କରି ଥାନାକୁ ଆଣିବା ସହିତ ଘଟଣା ସମ୍ପର୍କରେ ନୀଳଗିରି ତହସିଲଦାରଙ୍କୁ ଜଣାଇଥିଲେ। ନୀଳଗିରି ତହସିଲଦାର ଅଶେଷ ନାୟକଙ୍କ ନିର୍ଦ୍ଦେଶରେ ବରହମପୁର ଆରଆଇ ଥାନାରେ ପହଂଚି ଗାଡିର କାଗଜପତ୍ର ଯାଂଚ କରିବା ସହିତ ମୋରମ ଉଠାଯାଇଥିବା ସ୍ଥାନକୁ ଯାଇ ତଦନ୍ତ କରୁଥିବା ଜଣାପଡିଛି। ସୂଚନା ଥାଉକି ନୀଳଗିରି ତହସିଲ ଅଧିନସ୍ଥ ତେନ୍ତୁଳିଆ ପଂଚାୟତ ବାଉରୀଓରା ଗ୍ରାମରେ ସଂରକ୍ଷିତ ଜଙ୍ଗଲ ପଟାଶ ବଣ ଭିତରୁ ଆଜି ଦିନ ପ୍ରାୟ ୧୨ ଟା ସମୟରେ ୫ ରୁ ଉର୍ଦ୍ଧ୍ୱ ମାଫିଆ ୨ଟି ଜେସିବି ସାହାଯ୍ୟରେ ୧୦ ଟି ଟ୍ରାକ୍ଟରରେ ମୋରମ ସଂରକ୍ଷିତ ଜଙ୍ଗଲରୁ ଉଠାଉଥିଲେ। ବରହମପୁର ଆଇଆଇସି ପ୍ରଭଞ୍ଜନ ବେହେରା ପେଟ୍ରୋଲିଂ କରୁଥିବାବେଳେ ଖବର ପାଇ ଘଟଣାସ୍ଥଳରେ ପହଂଚିଥିଲେ। ଆଇଆଇସିଙ୍କୁ ଦେଖି ମାଫିଆ ମାନେ ଜେସିବି ଓ ଟ୍ରାକ୍ଟର ଗୁଡିକ ନେଇ ପଳାଇଯାଇଥିବାବେଳେ ମୋରମ ଲୋଡ ହୋଇଥିବା ଓଆର ୦୧ଏଏ୪୧୬୪ ଟ୍ରାକ୍ଟର ଟିକୁ ଛାଡି ଛୁ ମାରିଥିଲେ। ଘଟଣା ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ ତଦନ୍ତ ଚାଲିଛି , ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo